ଉଜଣି

• ଅଧ୍ୟାପିକା ନୀଳିମା ଦେ

Digitized by srujanika@gmail.com

ରଜନୀ

ମୂଳ ରଚନା

ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ

ଅନୁବାଦିକା

ଅଧ୍ୟାପିକା ନୀଳିମା ଦେ, ଏମ୍. ଏ.
ଓଡ଼ିଆ ବିଭାଗ
ସୁଶୀଳାବତୀ ଖୋସଲା ଦୟାନନ୍ଦ ଆଂଗ୍ଲୋବୈଦିକ୍
ମହିଳା ମହାବିଦ୍ୟାଳୟ, ରାଉରକେଲା-୭
(ଓଡ଼ିଶା)

(ଅନୁବାଦିକାଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ)

Digitized by srujanika@gmail.com

ପ୍ରକାଶକ :—

ଶ୍ରୀ ପ୍ରକାଶନୀ

କଲୁଙ୍ଗା-୭୭୦୦୩୧

ରାଉରକେଲା, ସୁନ୍ଦରଗଡ଼

ପ୍ରଥମ ପ୍ରକାଶ :—

ନଭେମ୍ବର - ୧୯୮୧

ପ୍ରଚ୍ଛଦ ପଟ :—

ହର ମହାପାତ୍ର

ରାଉରକେଲା

ମୁଦ୍ରଣ :—

ସାମନ୍ତ ଏଣ୍ଟରପ୍ରାଇଜେସ୍

କଲୁଙ୍ଗା-୭୭୦୦୩୧

ରାଉରକେଲା, ସୁନ୍ଦରଗଡ଼

ମୂଲ୍ୟ - ଦଶ ଟଙ୍କା ମାତ୍ର

RAJANI Rs. 10/– only

Digitized by srujanika@gmail.com

GOVERNMENT OF INDIA

Ministry of Education and Social Welfare

(DEPARTMENT OF EDUCATION)

AWARD OF PRIZES TO LITERARY WORKS IN INDIAN LANGUAGES

1970-71

This Certificate of Merit is awarded to **Smt. NILIMA DE** *(mother-tongue* **BENGALI**) *on her literary work (manuscript) entitled* **RAJANI** *written in* **ORIYA** *language along with a Prize of Rs. 1,000-00 (Rupees one thousand only) in recognition of her literary contribution to* **ORIYA** *language.*

Sd/-

NEW DELHI **D P. Jadav**

Dated 3-7-1971 Dy. Minister of Education and Social Welfare

TRUE COPY

Digitized by srujanika@gmail.com

Digitized by srujanika@gmail.com

ମୁଖବନ୍ଧ

ଔପନ୍ୟାସିକ ବଙ୍କିମ ଚନ୍ଦ୍ରଙ୍କର ସମଗ୍ର ରଚନା ଖଣ୍ଡି ଉପନ୍ୟାସ ମୁଁ ପାଠ କରିବା ପରେ 'ରଜନୀ' ଉପନ୍ୟାସଟି ମୋର ମନକୁ ବିଶେଷ ଭାବରେ ଆକୃଷ୍ଟ କରିଥିଲା । କାରଣ ଉପନ୍ୟାସର ନାୟିକା ରଜନୀ ଅନ୍ଧ ଯୁବତୀ, ତା ନିକଟରେ ପୃଥିବୀର ଆଲୋକ ସମ୍ପୂର୍ଣ୍ଣ ଅଜ୍ଞାତ । ଚିର — ଅନ୍ଧକାରମୟ ଜଗତରେ ଯିଏ ବିରାଜ କରେ ସେହି ନାରୀର 'ରଜନୀ' ନାମକରଣ ବଙ୍କିମ ଚନ୍ଦ୍ରଙ୍କର ଦୃଷ୍ଟି ଭଙ୍ଗୀର ମୁନ୍‌ସୀୟାନାର ପରିଚୟ ଦିଏ ।

ପଞ୍ଚ ଇନ୍ଦ୍ରିୟ ଦ୍ୱାରା ରୂପ-ରସ-ଶବ୍ଦ-ଗନ୍ଧ-ସ୍ପର୍ଶ ପରିପୂର୍ଣ୍ଣ ପୃଥିବୀକୁ ମନୁଷ୍ୟ ଆସ୍ୱାଦ କରେ । ମାତ୍ର ଗୋଟିଏ ଇନ୍ଦ୍ରିୟର ଅଭାବ ରଜନୀର ଅନ୍ୟ ଇନ୍ଦ୍ରିୟ ଗୁଡ଼ିକୁ ଅତ୍ୟନ୍ତ ପ୍ରଖର କରି ଦେଇଛି । ରୂପର ଉପଲବ୍ଧି ଏବଂ ରୂପଜାତ ମୋହ କେବଳ ଦର୍ଶନେନ୍ଦ୍ରିୟ ଦ୍ୱାରା ପ୍ରକାଶ ପାଏ ନାହିଁ । ଅନ୍ୟ ଇନ୍ଦ୍ରିୟ ମଧ୍ୟ ସେଠାରେ ସକ୍ରିୟ । କାମମତ୍ତ ପୁରୁଷ ଅନ୍ଧ ଯୁବତୀ ପ୍ରତି ଆକ୍ରମଣ କରିବା ନିମନ୍ତେ ଆଗେଇ ଆସିଛି, ମାତ୍ର ଅନ୍ଧ ରଜନୀ ଅତ୍ୟନ୍ତ ସାହସତାର ସହିତ ଏହାର ପ୍ରତିରୋଧ କରି ପାରିଛି । ରଜନୀ ଏକ ସାମାଜିକ ଓ ମନସ୍ତାତ୍ତ୍ୱିକ ଉପନ୍ୟାସ ।

'ରଜନୀ'' ଉପନ୍ୟାସଟି ବଙ୍କିମ ଚନ୍ଦ୍ର ୧୮୭୭ ମସିହାରେ ରଚନା କରିଥିଲେ । ଉକ୍ତ ଉପନ୍ୟାସଟି ପାଠ କରିବା ପରେ ମୁଁ ଏହାକୁ ଭାଷାନ୍ତର କରି ବିଂଶ ଶତାବ୍ଦୀର ସମାଜ ନିକଟରେ ଉପସ୍ଥାପିତ କରିବାକୁ ଇଚ୍ଛାକଲି । ଏହା ଭାଷାନ୍ତରିତ ହେବାପରେ ୧୯୭୧ ମସିହାରେ ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଭାଷାନ୍ତରିତ ଉପନ୍ୟାସ ପ୍ରତିଯୋଗିତାକୁ ପଠାଇ ପୁରସ୍କୃତ ହୋଇଛି । ବହୁତ ଦିନ ପରେ ପୁସ୍ତକଟି ପ୍ରକାଶ କରିବାକୁ ସକ୍ଷମ ହୋଇ ପାରିଛି । ଅନ୍ଧ ରଜନୀର ଜୀବନକୁ ସମଗ୍ର ପାଠକ ସମାଜ ହୃଦୟଙ୍ଗମ କରି ପାରିଲେ ଶ୍ରମ ସାର୍ଥକ ହେବ ।

Digitized by srujanika@gmail.com

Digitized by srujanika@gmail.com

Smt. NILIMA DE Receiving Prize of Rs. 1000/- & Certificate from the D. P. JADAV, Dy. Minister of Education and Social Welfare at the Mavalankar Auditorium, New Delhi on Dt 3-7-71.

Digitized by srujanika@gmail.com

ମୋର ଜନନୀ ସ୍ୱର୍ଗୀୟା ଜ୍ଞାନଦା କୁମାରୀଙ୍କର ଉଦ୍ଦେଶ୍ୟରେ ମୁଁ 'ରଜନୀ' ଉପନ୍ୟାସଟି ଉତ୍ସର୍ଗ କଲି ।

ନୀଳିମା

Digitized by srujanika@gmail.com

ପ୍ରଥମ ଖଣ୍ଡ

(ରଜନୀର କଥା)

• ପ୍ରଥମ ପରିଚ୍ଛେଦ

ତୁମ୍ଭମାନଙ୍କର ସୁଖ ଦୁଃଖରେ ମୋର ସୁଖଦୁଃଖ ପରିମିତ ହୋଇ ପାରେନା । ତୁମ୍ଭେମାନେ ଓ ମୁଁ ଭିନ୍ନ ପ୍ରକୃତିର । ମୋ ସୁଖରେ ତୁମ୍ଭେମାନେ ସୁଖୀ ହୋଇ ପାରିବ ନାହିଁ—ମୋର ଦୁଃଖ ତୁମ୍ଭେମାନେ ବୁଝିବ ନାହିଁ । ମୁଁ ଗୋଟିଏ କ୍ଷୁଦ୍ର ଯୂଥିକା ସୁଗନ୍ଧରେ ସୁଖୀ ହେବ । ଆଉ ଷୋଳକଳା ଶଶୀ ମୋର ଲୋଚନାଗ୍ରରେ ସହସ୍ର ନକ୍ଷତ୍ରମଣ୍ଡଳ ମଧ୍ୟସ୍ଥ ହୋଇ ବିକଶିତ ହେଲେବି ମୁଁ ସୁଖୀ ହେବିନାହିଁ । ମୋର ଉପାଖ୍ୟାନ କଣ ତୁମ୍ଭେମାନେ ମନଦେଇ ଶୁଣିବ ? ମୁଁ ଜନ୍ମାନ୍ଧ ।

Digitized by srujanika@gmail.com

କପରି ବୁଝିବ ? ତୁମ୍ଭମାନଙ୍କର ଜୀବନ ଦୃଷ୍ଟିମୟ—ମୋର ଜୀବନ ଅନ୍ଧକାର—ଦୁଃଖ ଏତିକ ମୁଁ ଏହା ଅନ୍ଧକାର ବୋଲି ଜାଣେନା । ମୋର ଏ ରୁଦ୍ଧ ନୟନରେ ତାହା ଆଲୋକ । ମୁଁ ଜାଣେନା ତୁମ୍ଭମାନଙ୍କର ଆଲୋକ କପରି !

ତାହା ବୋଲି କଣ ମୋର ସୁଖ ନାହିଁ ? ତାହା ନୁହେଁ । ସୁଖ ଦୁଃଖ ତୁମର ମୋର ପ୍ରାୟ ସମାନ । ତୁମେ ରୂପ ଦେଖି ସୁଖୀ, ମୁଁ ଶବ୍ଦ ଶୁଣି ସୁଖୀ । ଦେଖ, ଏହି କ୍ଷୁଦ୍ର କ୍ଷୁଦ୍ର ଯୂଥିକା ଗୁଡ଼ିକର ବୃନ୍ତ କେତେ ସୂକ୍ଷ୍ମ । ଆଉ ମୋର କରସ୍ଥିତ ସୂଚିକାଗ୍ରଭାଗ ଆହୁରି କେତେ ସୂକ୍ଷ୍ମ । ମୁଁ ଏହି ସୂଚିକାଗ୍ରରେ ସେହି କ୍ଷୁଦ୍ର ପୁଷ୍ପବୃନ୍ତ ଗୁଡ଼ିକ ବିଦ୍ଧ କରି ମାଳା ଗୁନ୍ଥେ — ଆଶୈଶବ ମାଳାହିଁ ଗୁନ୍ଥୁଛି — କେହି କେବେ ମୋର ମାଳା ପିନ୍ଧି କୁହେ ନାହିଁ ଯେ, ଅନ୍ଧ ମାଳା ଗୁନ୍ଥୁଛି ।

ମୁଁ ମାଳା ଗୁନ୍ଥେ । ବାଲିଗଂଜର ପ୍ରାନ୍ତ ଭାଗରେ ମୋର ପିତାଙ୍କର କେବଳ ଗୋଟିଏ ପୁଷ୍ପୋଦ୍ୟାନ ଥିଲା । ତାହାହିଁ ତାଙ୍କର ଉପଜୀବିକା ଥିଲା । ଫାଲଗୁନ ମାସରୁ ଯେତେଦିନ ଫୁଲ ଫୁଟେ, ସେତେଦିନ ପର୍ଯ୍ୟନ୍ତ ପିତା ପ୍ରତ୍ୟହ ସେଠାରୁ ପୁଷ୍ପଚୟନ କରି ଆଣି ଦିଅନ୍ତି । ମୁଁ ମାଳା ଗୁନ୍ଥି ଦିଏଁ । ପିତା ତାହା ନେଇ ମହାନଗରୀର ପଥେ ପଥେ ବିକ୍ରୟ କରନ୍ତି । ମାତା ଗୃହକର୍ମ କରନ୍ତି । ଅବକାଶମତେ ପିତାମାତା ଉଭୟହିଁ ମୋର ମାଳା ଗୁନ୍ଥାରେ ସହାୟତା କରୁଥିଲେ ।

ଫୁଲର ସ୍ପର୍ଶ ବଡ ମଧୁର — ପିନ୍ଧିବାକୁ ବୋଧହୁଏ ଭାରି ସୁନ୍ଦର ଦେଖିବ—ସୁଗନ୍ଧ ପରମ ସୁନ୍ଦର ଅଟେ । କିନ୍ତୁ ଫୁଲ ଗୁନ୍ଥି ଦିନ ଯାଏନାହିଁ । ସୁତରାଂ ପିତା ନିତାନ୍ତ ଦରିଦ୍ର ଥିଲେ । ମୃଜାପୁରରେ ଗୋଟିଏ ଖପରଲି ଘରେ ବାସ କରୁଥିଲେ । ସେଥିରେ ଗୋଟିଏ ପାର୍ଶ୍ୱରେ ଫୁଲ ବଗିଚା, ଫୁଲ ସୁମୀକୃତ କରି, ଫୁଲ ଖେଳାଇ, ମୁଁ ଫୁଲ ଗୁନ୍ଥେ । ପିତା ବାହାରି ଗଲେ ଗୀତ ଗାଏଁ ।

ମୋର ଏତେ ସଗରର ପ୍ରଭାତରେ ସହି, ଫୁଟିଲା ନାହିଁ କଳି— "ହେ ହରି"—ମୁଁ ଏ ପର୍ଯ୍ୟନ୍ତ କହିନାହିଁ ମୁଁ ପୁରୁଷ କି ନାରୀ ! ତେବେ ଏବେବି ଯେ ନ ବୁଝିଛନ୍ତି, ତାଙ୍କୁ ନ କହିବାହିଁ ଭଲ—ମୁଁ ବର୍ତ୍ତମାନ କହିବି ନାହିଁ ।

ପୁରୁଷ ହୁଏଁ କି ନାରୀ ହୁଏଁ, ଅନ୍ଧର ବିବାହରେ ଭାରି ଗଣ୍ଡଗୋଳ । ଅନ୍ଧ ବୋଲି ମୋର ବିବାହ ହେଲାନାହିଁ । ସେଟା ମୋର ଦୁର୍ଭାଗ୍ୟ କି

Digitized by srujanika@gmail.com

ସୌଭାଗ୍ୟ, ମିଏ ଆଖି ନ ଦେଖିଛନ୍ତି, ସେ ବୁଝିବ । ଅନେକ ଅପାଂଗ ରଂଗ ରଂଗିଣୀ ମୋର ଚିରକୌମାର୍ଯ୍ୟର କଥା ଶୁଣି କହି ଯାଇଛନ୍ତି, "ଆହା, ମୁଁ ବି ଯଦି ଅନ୍ଧ ହୁଅନ୍ତି !"

ବିବାହ ନ ହେଉ—ସେଥିରେ ମୋର ଦୁଃଖ ନାହିଁ । ମୁଁ ସ୍ୱୟଂବରା ହୋଇଥିଲି । ପିଲେ ପିତାଙ୍କ ନିକଟରୁ କଲିକତାର ବର୍ଣ୍ଣନା ଶୁଣୁଥିଲି ! ଶୁଣିଲି 'ମନୁମେଣ୍ଟ' ବଡ ଭାରି ବ୍ୟାପାର । ଅତି ଉଚ୍ଚ, ଅଟଳ, ଅଚଳ, ଝଡରେ ଭାଙ୍ଗେ ନା । ଗଳାରେ ଚେନ୍—ଏକା ଏକା ବାବୁ । ମନେ ମନେ ମନୁମେଣ୍ଟକୁ ବିବାହ କଲି ; ଏମିତି ସ୍ୱାମୀ ଅପେକ୍ଷା ବଡ କିଏ ? ମୁଁ ମନୁମେଣ୍ଟ ମହିଷୀ ।

କେବଳ ଗୋଟିଏ ବିବାହ ନୁହେଁ । ଯେତେବେଳେ ମନୁମେଣ୍ଟକୁ ବିବାହ କରେ ସେତେବେଳେ ମୋର ବୟସ ତେର ବର୍ଷ । ସତର ବର୍ଷ ବୟସରେ—କହିବାକୁ ଲଜ୍ଜା ଲାଗୁଛି, ଆଉ ଗୋଟିଏ ବିବାହ ହୋଇଗଲା । ଆମ ଘର ପାଖରେ କାଳୀ ଚରଣ ବସୁ ନାମକ ଜଣେ କାୟସ୍ଥ ଥିଲେ । ଚୀନା ବଜାରରେ ତାଙ୍କର ଗୋଟିଏ ଦୋକାନ ଥିଲା । ସେ କାୟସ୍ଥ । ଆମେ ବି କାୟସ୍ଥ । ସେଥିପାଇଁ ଟିକେ ଆତ୍ମୀୟତା ହୋଇଥିଲା । କାଳୀ ବସୁଙ୍କର ଗୋଟିଏ ଦୁଇବର୍ଷର ଶିଶୁପୁତ୍ର ଥିଲା । ତାର ନାମ ବାମା ଚରଣ । ବାମା ଚରଣ ସର୍ବଦା ଆମ ଘରକୁ ଆସେ । ଦିନେ ଗୋଟିଏ ବର ବାଜଣା ବଜାଇ ମନ୍ଦଗାମୀ ଝଡ ପରି ଆମ ଘର ସମ୍ମୁଖ ଦେଇ ଯାଉଥିଲା । ତାକୁ ଦେଖି ବାମାଚରଣ କହିଲା, "ସେ କିଏ ?"

ମୁଁ କହିଲି, " ସେ ବର " । ବାମାଚରଣ ସେତେବେଳେ କାନ୍ଦ ଆରମ୍ଭ କଲା 'ମୁଁ ବର ହେବ ।'

ତାକୁ କୌଣସି ମତେ ଚୁପ୍ କରି ନ ପାରି କହିଲି, କାନ୍ଦ ନା— 'ତୁ ମୋର ବର ।' ଏହା କହି ଗୋଟିଏ ସନ୍ଦେଶ ତାହା ହାତରେ ଦେଇ କହିଲି, 'ବା, ତୁ ମୋର ବର ହେବୁ ?' ଶିଶୁ ସନ୍ଦେଶ ହାତରେ ପାଇ ରୋଦନ ସମ୍ବରଣ କରି କହିଲା, ହେବ ।'

ସନ୍ଦେଶ ସମାପ୍ତ ହେବାପରେ ବାଳକ କ୍ଷଣକାଳ ପରେ କହିଲା, 'ଆଗୋ, ବର କ'ଣ କରେ ଗୋ ?' ବୋଧ ହୁଏ ତା'ର ଧ୍ରୁବ ବିଶ୍ୱାସ ଜନ୍ମିଥିଲା ଯେ ବର କେବଳ ସନ୍ଦେଶ ଖାଏଁ । ଯଦି ତାହା ହୁଏ, ତାହେଲେ ସେ ଆଉ ଗୋଟିଏ ଆରମ୍ଭ କରିବାକୁ ପ୍ରସ୍ତୁତ । ମନୋଭାବ ବୁଝି ମୁଁ କହିଲି, 'ଏଇ ଫୁଲ ଗୁଡ଼ିକ ସଜାଡ଼ ଦିଏ ।' ବାମାଚରଣ ସ୍ୱାମୀର କର୍ତ୍ତବ୍ୟାକର୍ତ୍ତବ୍ୟ

Digitized by srujanika@gmail.com

ବୁଝି ନେଇ ଫୁଲ ଗୁଡ଼ିକ ସଜାଡ଼ି ମୋ ହାତରେ ଦେବାକୁ ଲାଗିଲା । ସେ ଦିନରୁ ମୁଁ ତାକୁ ବର କୁହେ—ସେ ମୋତେ ଧୂଳି ମଜାଡ଼ି ଦିଏ ।

ମୋର ଏଇ ଦୁଇ ବିବାହ ଏବେ କାଳର ଜଟିଳ କୁଟିଳ ମାନଙ୍କୁ ମୋର ଜିଜ୍ଞାସ୍ୟ—ମୁଁ ସତୀ ବୋଲାଇ ପାରିବ କି ?

• ଦ୍ୱିତୀୟ ପରିଚ୍ଛେଦ

ବଡ଼ଲୋକ ଘରେ ଫୁଲ ଯୋଗାଇବା ଭାରି ମୁସ୍କିଲ । ମୋ ସମସ୍ତରେ ମାଲୁଣୀ ମାଉସୀ ରାଜବାଟୀରେ ଫୁଲ ଯୋଗାଇ ମଶାଣୀକୁ ଯାଇଥିଲା । ଫୁଲ ମଧୁ ଖାଇଲା ବିଦ୍ୟାଧର । ମାଉ ଖାଇଲା ମାଗ ମାଲୁଣୀ—କାହିଁକି ନା ସେ ବଡ଼ ଘରେ ଫୁଲ ଯୋଗାଇ ଥିଲା । ସୁନ୍ଦରର ମେହି ରାମ ରାଜା ହେଲା, କିନ୍ତୁ ମାଲୁଣୀର ମାଉ ଆଉ ଫେରିଲା ନାହିଁ ।

ବାପାଙ୍କ 'ମଲ୍ଲିଫୁଲ' ଡାକ ଡାକ ରସିକ ମହଲରେ ଫୁଲ ବିକନ୍ତି । ମା' ଗୋଟାଏ ଦୁଇଟା ବେରସିକ ମହଲରେ ନିତ୍ୟ ଫୁଲ ଯୋଗାଉ ଥିଲେ । ତାହା ମଧ୍ୟରେ ରାମସଦୟ ମିଶ୍ରଙ୍କ ଘରହିଁ ପ୍ରଧାନ । ରାମସଦୟ ମିଶ୍ରଙ୍କର ସାଢ଼େ ଗୁରଟା ଘୋଡ଼ା ଥିଲେ—(ନାତିମାନଙ୍କର ଗୋଟାଏ ଖେଳନା, ଆଉ ଗୁରଟା)—ଆଉ ଦେଢ଼ଜଣ ଗୃହିଣୀ । ଜଣେ ସୁସ୍ଥ, ଆଉ ଜଣେ ଚିର ରୁଗ୍‌ଣା ଓ ପ୍ରାଚୀନା । ତାଙ୍କ ନାମ ଭୁବନେଶ୍ୱରୀ—କିନ୍ତୁ ତାଙ୍କ ଗଳାର ସାଇଁ ସାଇଁ ଶବ୍ଦ ଶୁଣି ରାମମଣି ଭିନ୍ନ ଅନ୍ୟ ନାମ ମୋ ମନକୁ ଆସୁ ନ ଥିଲା ।

ଆଉ ଯିଏ ପୂର୍ଣ୍ଣ ଜଣେ ଗୃହିଣୀ, ତାଙ୍କର ନାମ ଲବଙ୍ଗଲତା । ଲବଙ୍ଗ ଲତା ଲୋକମାନେ କହନ୍ତି । କିନ୍ତୁ ତାଙ୍କର ପିତା ନାମ ରଖିଥିଲେ ଲଳିତ ଲବଙ୍ଗଲତା ଏବଂ ରାମସଦୟ ବାବୁ ଆଦର କରି କହନ୍ତି ଲଳିତ-ଲବଙ୍ଗଲତା ପରିଶୀଳନ-କୋମଳ ମଳୟ ସମୀରେ । ରାମସଦୟ ବାବୁ ବୃଦ୍ଧ । ବୟଃକ୍ରମ ୬୩ ବର୍ଷ । ଦ୍ୱିତୀୟ ପକ୍ଷର ସ୍ତ୍ରୀ-ଆଦରର ଆଦରିଣୀ' ଗୌରବର ଗୌରବିଣୀ, ମାନର

Digitized by srujanika@gmail.com

ମାନିନୀ, ନୟନର ମଣି, ଷୋଳଅଣା ସୁନ୍ଦରୀ। ସେ ରାମସଦୟଙ୍କର ପିଠ-କର ଗୁଡ଼, ଶନ୍ତଣାର ଚଦର, ପାନର ଚୂନ, ଗିଲାସର ପାଣି, ସେ ରାମ-ସଦୟଙ୍କର ଜ୍ୱରରେ 'କୁଇନାଇନ୍', କାଶରେ 'ଇପିକା', ବାତରେ 'ଫ୍ଲାନେଲ' ଏବଂ ଆରୋଗ୍ୟରେ 'ସୁରୁଆ'।

ନୟନ ନାହିଁ— ଲଳିତ ଲବଙ୍ଗଲତାଙ୍କୁ କେବେ ଦେଖି ପାରିଲି ନାହିଁ—କିନ୍ତୁ ଶୁଣିଛି ସେ ରୂପସୀ। ରୂପ ଯାହାହେଉ ଗୁଣ ଶୁଣିଛି। ଲବଙ୍ଗ ବାସ୍ତବିକ ଗୁଣବତୀ। ଗୃହ କାର୍ଯ୍ୟରେ ନିପୁଣା, ଦାନରେ ମୁକ୍ତହସ୍ତା। ହୃଦୟରେ ସରଳା, କେବଳ ବାକ୍ୟ ବିଷମୟୀ, ଲବଙ୍ଗଲତାର ଅଶେଷ ଗୁଣ ମଧ୍ୟରେ ଗୋଟିଏ ଏହା ଯେ ସେ ବାସ୍ତବିକ ପିତାମହଙ୍କ ତୁଲ୍ୟ ସେହି ସ୍ୱାମୀଙ୍କୁ ଭଲ ପାଉଥିଲେ। —କୌଣସି ଯୁବତୀ ଯୁବକ ସ୍ୱାମୀକୁ ସେପରି ଭଲ ପାଏ କି ନା ସନ୍ଦେହ। ଭଲ ପାଉଥିଲେ ବୋଲି ତାଙ୍କୁ ଯୁବକ ସଜାଉ ଥିଲେ। ସେ ମଜାର ମଜା କାହାକୁ କହିବି ? ନିଜ ହସ୍ତରେ ନିତ୍ୟ ଶୁଭ୍ର କେଶରେ କଳାରଙ୍ଗ ବୋଳି କେଶ ଗୁଡ଼ିକ ରଞ୍ଜିତ କରୁଥିଲେ। ଯଦି ରାମସଦୟ ବାବୁ କୌଣସି ଦିନ ମଲମଲର ଧୋତି ପିନ୍ଧନ୍ତି, ସ୍ୱହସ୍ତେ ତାହା ତ୍ୟାଗ କରାଇ ବୋଳକଳ ଧଡ଼ି, ପିତା ଠଡ଼ି, ଆମ୍ବକଷି ଧଡ଼ି ପିନ୍ଧାଇ ଦିଅନ୍ତି—

ମଲମଲ ଧୋତି ଖଣ୍ଡିକ ମାନେ ସାଙ୍ଗେ ଦରିଦ୍ର ବିଧବାମାନଙ୍କୁ ବିତରଣ କରନ୍ତି। ରାମସଦୟ ବୃଦ୍ଧ ବୟସରେ ଅତର ଶିଶି ଦେଖିଲେ ଭୟରେ ପଳାନ୍ତି—ଲବଙ୍ଗଲତା ତାଙ୍କର ନିଦ୍ରିତାବସ୍ଥାରେ ସର୍ବାଙ୍ଗରେ ଅତର ବୋଳି ଦିଅନ୍ତି। ରାମସଦୟଙ୍କର ଚଷମା ଗୁଡ଼ିକ ଲବଙ୍ଗ ପ୍ରାୟ ଚୋରି କରି ଭାଙ୍ଗି ପକାଏ। ସୁନା ଟିକିକ ନେଇ ଯାହାର କନ୍ୟାର ବିବାହର ସମ୍ଭାବନା, ତାହାକୁ ଦିଏ। ରାମସଦୟ ହୁଙ୍କା ଭିଡ଼ି ମାରିଲେ, ଲବଙ୍ଗ ଛଅପଟ ମଲ ବାହାର କରି ପିନ୍ଧି ଘରଯାକ ଝମ ଝମ କରି ରାମସଦୟଙ୍କର ନିଦ୍ରା ଭାଙ୍ଗି ଦିଏ।

ଲବଙ୍ଗଲତା ଆମର ଫୁଲ କିଣେ—ଚାରିଅଣାର ଫୁଲ ନେଇ ଦୁଇ-ଟଙ୍କା ଦିଏ। ତାହାର କାରଣ ମୁଁ ଅନ୍ଧ। କିନ୍ତୁ ମୂଲ୍ୟ ଦେବା ସମୟରେ ଡବଲ ପଇସା ସାଙ୍ଗରେ ଭୁଲ କରି ଟଙ୍କା ଦିଏ। ଫେରାଇ ଦେବାକୁ ଗଲେ କହେ—ସେ ମୋର ଟଙ୍କା ନୁହେଁ—ଦୁଇଥର କହିବାକୁ ଗଲେ ଗାଳି ଦେଇ ବାହାର କରିଦିଏ। ତାହାର ଦାନ କଥା ମୁହଁରେ ଆଣିଲେ ମାରିବାକୁ ଆସେ। ବାସ୍ତବିକ ରାମସଦୟ ବାବୁଙ୍କ ଘର ନ ଥିଲେ ଆମର ଦିନାତିପାତ ହୁଅନ୍ତା ନାହିଁ। ତେବେ ଯାହା ଉଚିତ ତାହା ଭଲ ବୋଲି ମା' ଲବଙ୍ଗ ପାଖରୁ ବେଶି ନେଉ ନ ଥିଲେ। ଦିନାତିପାତ ହେଲେ ଆମେ ସନ୍ତୁଷ୍ଟ ରହୁଁ।

Digitized by srujanika@gmail.com

ଲବଙ୍ଗଲତା ଆମ ପାଖରୁ ଗୁଡ଼ାଏ ଫୁଲ କିଣି ରାମସଦୟଙ୍କୁ ସଜାଏ । ସଜାଇ କହେ—ଦେଖ, ରଣ୍ଡଚଣ୍ଡି । ରାମସଦୟ କହେ—ଦେଖ, ସାକ୍ଷାତ୍ ଅଞ୍ଜନା-ନନ୍ଦନ । ସେମାନେ ଦୁଇଜଣଙ୍କର ଖୁବ୍ ଭଲ ପଡ଼ୁଥିଲା ।—ଦର୍ପଣ ପରି ଦୁଇଜଣ ଦୁଇ ଜଣଙ୍କର ମନ ଦେଖି ପାରୁଥିଲେ । ସେମାନଙ୍କର ପ୍ରେମର ପଦ୍ଧତିଟା ଏହିପରି—

ରାମସଦୟ କହେ—'ଲଳିତ ଲବଙ୍ଗଲତା ପରିଶୀ···?'

ଲବଙ୍ଗ—'ଆଜ୍ଞା, ଜେଜେବାପା ମହାଶୟ, ଦାସୀ ହାଜର ।'

ରାମ—ମୁଁ ଯଦି ମରିଯାଏଁ ?

ଲବଙ୍ଗ—'ମୁଁ ତୁମର ବରସ୍ତ ଖାଇବି ।' ଲବଙ୍ଗ ମନେ ମନେ କହେ, 'ମୁଁ ବିଷ ଖାଇବି ।'—ରାମସଦୟ ତାହା ମନେ ମନେ ଜାଣେ ।

ଲବଙ୍ଗ ଏତେ ଟଙ୍କା ଦିଏ । ତେବେ ବଉଘରେ ଫୁଲ ଯୋଗାଇବାରେ ଦୁଃଖ କାହିଁକି ? ଶୁଣ ।

ଦିନେ ମାଆର ଜ୍ୱର । ଅନ୍ତଃପୁରକୁ ବାପା ଯାଇ ପାରିବେ ନାହିଁ । ତେବେ ମୋ ଛଡ଼ା ଆଉ କିଏ ଲବଙ୍ଗଲତାକୁ ଫୁଲ ଦେବାକୁ ଯିବ ? ମୁଁ ଲବଙ୍ଗ ପାଇଁ ଫୁଲ ନେଇ ଗଲି । ଅନ୍ଧ ହୁଏଁ ଯାହା ହୁଏଁ—କଲିକତାର ରାସ୍ତା ସବୁ ମୋର ନଖଦର୍ପଣରେ ଥିଲା । ବାଡ଼ି ହାତରେ ଧରି ସବୁ ଯାଗାକୁ ଯାଇପାରେ, କେତେବେଳେ ଗାଡ଼ିଘୋଡ଼ା ସମ୍ମୁଖରେ ପଡ଼ିନାହିଁ । ଅନେକ ଥର ପଦଚାରୀ ଉପରେ ପଡ଼ିଛି ସତ—ତାହାର କାରଣ ଅନ୍ଧ ଯୁବତୀ ଦେଖି ଜବାବ ଦିଅନ୍ତି ନାହିଁ । ବରଂ କହନ୍ତି, 'ଆଲୋ, ଦେଖି ପାରୁନୁ ?' ଅନ୍ଧ ନା କ'ଣ ? ମୁଁ ଭାବେ 'ଉଭୟତଃ' ।

ଫୁଲ ନେଇ ଲବଙ୍ଗ ପାଖକୁ ଗଲି । ଲବଙ୍ଗ ଦେଖି କହିଲେ, 'କାଲେ କାଣୀ, ଫେରି ଫୁଲ ନେଇ ମରିବାକୁ ଆସିଛୁ କାହିଁକି ?' କାଣୀ କହିଲେ ମୋର ହାଡ଼ ଜଳିଯାଏ—ମୁଁ ଗୋଟାଏ କ'ଣ କଦର୍ଯ୍ୟ ଉତ୍ତର ଦେବାକୁ ଯାଉଥିଲି । ଏପରି ସମୟରେ ସେଠାରେ ହଠାତ୍ କାହାର ପଦଧ୍ୱନି ଶୁଣିଲି—କିଏ ଆସିଲା—ଯିଏ ଆସିଲା କହିଲା, 'ଇଏ କିଏ ସାନମା' ?

ସାନମା ! ତେବେ ରାମସଦୟର ପୁଅ । ରାମସଦୟର କେଉଁ ପୁଅ ? ବଡ଼ପୁଅର କଣ୍ଠ ଦିନେ ଶୁଣିଥିଲି—ତାହା ଏପରି ଅମୃତମୟ ନୁହେଁ—ଏପରି ଭାବରେ କର୍ଣ୍ଣ କୁହର ପୁରାଇ ସୁଖ ଡାକ ଦେଇନାହିଁ । ବୁଝିଲି, ଏ ସାନବାବୁ ।

Digitized by srujanika@gmail.com

ସାନମା କହିଲେ, 'ଥର ବଡ଼ ମୃଦୁ କଣ୍ଠରେ 'ଏ ଜାଣେ ଫୁଲବାଲୀ।'
"ଫୁଲବାଲୀ ?" —ମୁଁ ଭାବିଲି କୌଣସି ଭଦ୍ରଲୋକର ଝିଅ।

ଲବଙ୍ଗ କହିଲେ,—'କାହିଁକି, ଫୁଲବାଲୀ ହେଲେ କ'ଣ ଭଦ୍ରଲୋକର ଝିଅ ହୁଏନା ?'

ସାନବାବୁ ଅପ୍ରତିଭ ହେଲେ। କହିଲେ, ହେବନାହିଁ କାହିଁକି ? ଏଠିକି ଭଦ୍ରଲୋକର ଝିଅ ପରି ମନେ ହେଉଛି। ସେ କଣା ହେଲା କପରି ?'

ଲବଙ୍ଗ—ସେ ଜନ୍ମାନ୍ଧ।

ସାନବାବୁ—ଦେଖି ?

ସାନବାବୁର ଏଥର ବିଦ୍ୟାର ଗୌରବ ଥିଲା। ସେ ଅନ୍ୟାନ୍ୟ ବିଦ୍ୟା ଯେପରି ଯତ୍ନର ସହିତ ଶିକ୍ଷା କରିଥିଲେ, ଅର୍ଥର ପ୍ରତ୍ୟାଶୀ ନ ହୋଇ ଚିକିତ୍ସା ଶାସ୍ତ୍ରରେ ବି ସେହିପରି ଯତ୍ନ କରିଥିଲେ। ଲୋକେ ରଷ୍ଟ୍ର କରନ୍ତି ଯେ ଶଚୀନ୍ଦ୍ର (ସାନବାବୁ) କେବଳ ଦରିଦ୍ର ମାନଙ୍କୁ ବିନା ମୂଲ୍ୟରେ ଚିକିତ୍ସା କରିବା ପାଇଁ ଚିକିତ୍ସା ଶିଖିଥିଲେ।

'ଦେଖି' କହି ମୋତେ କହିଲେ, 'ଥରେ ଛିଡ଼ା ହେଲ ଗୋ'। ମୁଁ ଲଜ ଲଜ ହୋଇ ଛିଡ଼ା ହେଲି।

ସାନବାବୁ କହିଲେ, 'ମୋ ଆଡ଼କୁ ଚାହଁ'।

ଚାହିଁବି କଣ ନିଆଁ !

'ମୋ ଆଡ଼କୁ ଆଖି ଫେରାଅ'।

କଣା ଆଖିରେ ଶବ୍ଦ-ଭେଦୀ ବାଣ ମାରିଲି। ସାନବାବୁଙ୍କର ମନ ରଖି ହେଲାନାହିଁ। ସେ ମୋର ଓଠ ଧରି ମୁହଁ ବୁଲାଇଲେ।

ଡାକ୍ତରୀ ମୁହଁରେ ନିଆଁ ଜାଳିଦେବ। ସେହି ଓଠ ସ୍ପର୍ଶରେ ମୁଁ ମରିଗଲି। ସେହି ସ୍ପର୍ଶରେ ଜୁଈ, ଜାଈ, ମଲ୍ଲୀକା, ଶେଫାଳିକା, କାମିନୀ, ଗୋଲାପ, ଶିଉଳୀ ସବୁ ଫୁଲର ସୁଗନ୍ଧ ପାଇଲି। ବୋଧ ହେଲା ମୋର ଆଖପାଖରେ ଫୁଲ, ମୋର ବକ୍ଷ ଭିତରେ ଫୁଲର ସ୍ପର୍ଶ, ମୋର ପାଦରେ ଫୁଲ, ମୋର ଲୁଗାରେ ଫୁଲ, ମୋର ବକ୍ଷ ଭିତରେ ଫୁଲର ସ୍ପର୍ଶ, ଆହା ମରିଯାଏ। କେଉଁ ବିଧାତା ଏ କୁସୁମମୟ ସ୍ପର୍ଶ ଗଢିଥିଲା ! କହୁଛି, ଅନ୍ଧର ସୁଖଦୁଃଖ ତୁମ୍ଭେମାନେ ବୁଝିବ ନାହିଁ। ଆହା ମରିଯାଏ—ସେ ନବନୀତ—ସୁକୁମାର ପୁଷ୍ପଗନ୍ଧମୟ ବୀଣାଧ୍ୱନିବତ୍ ସ୍ପର୍ଶ, ବୀଣାଧ୍ୱନିବତ୍ ସ୍ପର୍ଶ, ଯାହାର ଆଖି ଅଛି ସେ ବୁଝିବ କପରି ? ମୋ ସୁଖଦୁଃଖ ମୋ ପାଖରେ ଥାଉ। ଯେତେବେଳେ ସେହି ସ୍ପର୍ଶ ମନେ ପଡ଼େ, ସେତେବେଳେ କେତେ

Digitized by srujanika@gmail.com

ଶାଣାଧ୍ୱନି କଣ୍ଠରେ ଶୁଣେ, ତାହା ତୁମେ ଚଞ୍ଚଳ କଟାକ୍ଷ କୁଟଳମା କଣ ବୁଝିବ ?

ସାନବାବୁ କହିଲେ — 'ନା, ଏ ଅନ୍ଧ ଭଲ ହେବାର ନୁହେଁ' । ମୋତେ ସେଥିପାଇଁ ନିଦ ହେଉ ନ ଥିଲା !

ଲବଙ୍ଗ କହିଲା—'ତା ନ ହେଉ, ଟଙ୍କା ଖର୍ଚ୍ଚ କଲେ ଅନ୍ଧର କଣ ବାହାଘର ହେବନାହିଁ ?'

ସାନବାବୁ—ଆପଣ କଣ ଏହାର ବାହାଘର ପାଇଁ ଟଙ୍କା ଦେବେ ?

ଲବଙ୍ଗ ରାଗିଲା । କହିଲା, 'ଏପରି ପିଲା ମୁଁ କେବେ ଦେଖିନାହିଁ । ମୋର କଣ ଟଙ୍କା ରଖିବାକୁ ଯାଗାନାହିଁ ? ବାହାଘର ହୁଏକି ନା ତାହା ପଚାରୁଛି । ସ୍ତ୍ରୀ ଲୋକ. ସବୁ କଥାତ ଜାଣେନା । ବାହାଘର କଣ ହୁଏ ?'

ସାନବାବୁ ମାନମାଙ୍କୁ ଚାହିଁଲେ । ହସି ହସି କହିଲେ, 'ତେବେ ମା, ତୁମେ ଟଙ୍କା ରଖ । ମୁଁ ସମ୍ବନ୍ଧ କରିବି ।'

ମନେ ମନେ ମୁଁ ଲବଙ୍ଗଲତାକୁ ଗାଳି ଦେଇ ଦେଇ ସେ ସ୍ଥାନରୁ ପଳାଇଲି ।

ସେଥିପାଇଁ କହୁଥିଲି ବଡଲୋକ ଘରେ ଫୁଲ ଯୋଗାଇବା ଭାରି ମୁସ୍କିଲ । ଚନ୍ଦ୍ରମୂର୍ତ୍ତିମୟୀ ବସୁନ୍ଧରେ ! ତୁମେ ଦେଖିବାକୁ କପରି ? ତୁମେ ଯେ ଅସଂଖ୍ୟ, ଅଚିନ୍ତ୍ୟମୟ ଶକ୍ତିଧର, ବୈଚିତ୍ର ବିଶିଷ୍ଟ ଜଡ ପଦାର୍ଥସବୁ ହୃଦୟରେ ଧାରଣ କର — ସେସବୁ ଦେଖିବାକୁ କପରି ? ଯେଉଁଗୁଡ଼ିକ ଲୋକେ ସୁନ୍ଦର କହନ୍ତି. ସେସବୁ ଦେଖିବାକୁ କପରି ? ତୁମର ହୃଦୟରେ ଯେ ଅସଂଖ୍ୟ ବହୁ ପ୍ରକୃତି ବିଶିଷ୍ଟ ଜନ୍ତୁଗଣ ବିଚରଣ କରନ୍ତି, ସେମାନେ ସବୁ ଦେଖିବାକୁ କପରି ? କୁହ ମା, ତୁମର ହୃଦୟର ସାରଭୂତ, ପୁରୁଷ ଜାତି ଦେଖିବାକୁ କପରି ? ଦେଖାଅ ମା । ତାହା ମଧ୍ୟରେ ଯାହାର କର ସ୍ପର୍ଶରେ ଏତେ ସୁଖ ସେ ଦେଖିବାକୁ କପରି ? ଦେଖା ମା, ଦେଖିବାକୁ କପରି ? ଦେଖିବା କଣ ? ଦେଖିବା କପରି ? ଦେଖିଲେ କପରି ସୁଖ ହୁଏ ? ମୂହୁର୍ତ୍ତକ ପାଇଁ ଏହି ସୁଖମୟ ସ୍ପର୍ଶ ଦେଖିବାକୁ ପାଇବି ନାହିଁ ? ଦେଖା ମା । ବାହାରର ଆଖି ନିମିଳିତ ହୋଇ ରହୁ ମା ! ମୋର ହୃଦୟ ମଧ୍ୟରେ ଚକ୍ଷୁ ଫିଟାଇ ଦେ । ମୁଁ ଥରେ ଅନ୍ତର ମଧ୍ୟରେ ଅନ୍ତର ଲୁଚାଇ ମନଇଚ୍ଛା ରୂପ ଦେଖି ନିଜ ଜୀବନ ସାର୍ଥକ କରେ । ସମସ୍ତେ ଦେଖନ୍ତି—ମୁଁ ଦେଖିବି ନାହିଁ କାହିଁକି ? କୀଟପତଙ୍ଗ ବି ଦେଖନ୍ତି — ମୁଁ କି ଅପରାଧରେ ଦେଖିବାକୁ ପାଏଁ ନାହିଁ ? କେବଳ ଦେଖିବି — କାହାର

Digitized by srujanika@gmail.com

ଶବ୍ଦ ନାହିଁ, କାହାର କଣ୍ଠ ନାହିଁ, କାହାର ସାଡ଼ା ନାହିଁ । ସମସ୍ତେ ନିର୍ବନ୍ଧରେ ଦେଖନ୍ତି—କି ଦୋଷରେ ମୁଁ କେବଳ ଦେଖିବି ନାହିଁ ?

ନା ! ନା ! ଅଦୃଷ୍ଟରେ ନାହିଁ । ହୃଦୟ ମଧ୍ୟରେ ଖୋଜିଲି—କେବଳ ଶବ୍ଦ, ସ୍ପର୍ଶ, ଗନ୍ଧ ଆଉ କିଛି ପାଇଲି ନାହିଁ ।

ମୋର ଅନ୍ତର ବିଦୀର୍ଣ୍ଣ କରି ଧ୍ୱନି ଉଠିବାକୁ ଲାଗିଲା । କିଏ ଦେଖାଇବ ଦେଖା ଗୋ—ମୋତେ ରୂପ ଦେଖା ! ବୁଝିଲ ନାହିଁ, କେହି ଅନ୍ଧର ଦୁଃଖ ବୁଝିଲ ନାହିଁ !

• ତୃତୀୟ ପରିଚ୍ଛେଦ

ସେ ଦିନରୁ ପ୍ରାୟ ପ୍ରତ୍ୟହ ରାମସଦୟ ମିତ୍ରଙ୍କର ଘରକୁ ଫୁଲ ବିକି-ବାକୁ ଯାଏ । କିନ୍ତୁ କାହିଁକି ତାହା ଜାଣେନା । ଯାହାର ନୟନ ନାହିଁ, ତାହାର ଏ ଯତ୍ନ କାହିଁକି ? ସେ ଦେଖି ପାରିବ ନାହିଁ—କେବଳ କଥାର ଶବ୍ଦ ଶୁଣିବାର ଭରସା ମାତ୍ର । ଶଚୀନ୍ଦ୍ର ବାବୁ କାହିଁକି ମୋ ପାଖକୁ ଆସି କଥା କହିବେ ? ସେ ରହନ୍ତି ଦାଣ୍ଡଘରେ—ମୁଁ ଯାଏ ଅନ୍ତପୁରକୁ । ଯଦି ତାଙ୍କର ସ୍ତ୍ରୀ ଥା’ନ୍ତେ, ତେବେ କେତେବେଳେ କେମିତି ଆସନ୍ତେ । କିନ୍ତୁ ବର୍ଷକ ପୂର୍ବେ ତାଙ୍କର ସ୍ତ୍ରୀଙ୍କର ମୃତ୍ୟୁ ହୋଇଛି — ଆଉ ବିବାହ କରି ନାହାନ୍ତି । ଅତଏବ ସେ ଭରସା ବି ନାହିଁ । କଦାଚିତ୍ କୌଣସି ପ୍ରୟୋ-ଜନରେ ମାତାମାନଙ୍କ ନିକଟକୁ ଆସନ୍ତି । ମୁଁ ଯେଉଁ ସମୟରେ ଫୁଲ ନେଇଯିବି, ସେବି ଠିକ୍ ସେଇ ସମୟରେ ଆସିବେ—ତାର ବା ସମ୍ଭାବନା କଣ ? ଅତଏବ ଯେଉଁ ଗୋଟିଏ ଶବ୍ଦ ଶୁଣିବାର ମାତ୍ର ଆଶା, ତାହାବି ସଫଳ ହୁଏନାହିଁ । ତଥାପି ଅନ୍ଧ ପ୍ରତ୍ୟହ ଫୁଲ ନେଇଯାଏ । କେଉଁ ଦୁରାଶାରେ ତାହା ଜାଣେନା । ନିରାଶ ହୋଇ ଫେରି ଆସିବା ସମୟରେ ପ୍ରତ୍ୟହ ଭାବେ ମୁଁ କାହିଁକି ଆସେ ? ପ୍ରତ୍ୟହ ମନେ କରେ ଆଉ ଆସିବି

Digitized by srujanika@gmail.com

ନାହିଁ । ପ୍ରତ୍ୟହହିଁ ସେ କଳ୍ପନା ବୃଥା ହୁଏ । ପ୍ରତ୍ୟହ ପୁଣି ଯାଏ । ଯେପରି କିଏ କେଶ ଧରି ଟାଣି ନେଇଯାଏ । ପୁନର୍ବାର ନିରାଶ ହୋଇ ଫେରି ଆସେ । ପୁନର୍ବାର ପ୍ରତିଜ୍ଞା କରେ ଯିବନାହିଁ—ପୁନର୍ବାର ଯାଏ । ଏହିପରି ଭାବନରେ ଦିନ କଟିବାକୁ ଲାଗିଲା ।

ମନେ ମନେ ଆଲୋଚନା କରେ, କାହିଁକି ଯାଏ ? ଶୁଣିଛି ସ୍ତ୍ରୀ ଜାତି ପୁରୁଷର ରୂପରେ ମୁଗ୍ଧ ହୋଇ ଭଲ ପାଏ । ମୁଁ ଅନ୍ଧ — କାହାର ରୂପ ଦେଖିଛି ? ତେବେ କାହିଁକି ଯାଏ ? କଥା ଶୁଣିବ ବୋଲି ? କେବେ ଶୁଣିଛ ଯେ କେହି ରମଣୀ କେବଳ କଥା ଶୁଣି ଉନ୍ମାଦିନୀ ହୋଇଛି ? ତା କଣ ସମ୍ଭବ ? ଯଦି ତାହା ହୁଏ, ତେବେ ବାଦ୍ୟ ଶୁଣିବା ପାଇଁ ବାଦକର ଘରକୁ ଯାଏ ନାହିଁ କାହିଁକି ? ସୀତାର, ସାରଙ୍ଗ, ଏସ୍‌ରାଜ୍, ବେହେଲା ଅପେକ୍ଷା କି ଶଚୀନ୍ଦ୍ରର ସୁକଣ୍ଠ ? ସେ କଥା ମିଥ୍ୟା ।

ତେବେ କଣ ସେହି ସ୍ପର୍ଶ ? ମୁଁ ଯେଉଁ କୁସୁମରାଶି ଦିବାରାତ୍ର ନେଇ-ଅଛି, କେତେବେଳେ ବିଛାଇ ଶୋଉଛି, କେତେବେଳେ ବକ୍ଷରେ ଗୁଡ଼ି ଧରୁଛି,-ଏହା ଅପେକ୍ଷା ତାହାର ସ୍ପର୍ଶ କୋମଳ ? ତା ତ ନୁହେଁ । ତେବେ କଣ ? ଏ ଅନ୍ଧକୁ କିଏ ବୁଝାଇବ ? ସେ କଣ ?

ତୁମ୍ଭେମାନେ ତ ବୁଝିନାହଁ, ବୁଝିବ କଣ ? ତୁମ୍ଭମାନଙ୍କର ଚକ୍ଷୁ ଅଛି, ରୂପ ଚିହ୍ନ ରୂପ ବୁଝ । ମୁଁ ଜାଣେ ରୂପ ଦ୍ରଷ୍ଟାର ମାନସିକ ବିକାର ମାତ୍ର—ଶବ୍ଦବି ମାନସିକ ବିକାର । ରୂପ ରୂପବାନଠାରେ ନାହିଁ, ରୂପ ଦର୍ଶକର ମନରେ—ନ ହେଲେ ଜଣକୁ ସମସ୍ତେ ରୂପବାନ ଦେଖନ୍ତି ନାହିଁ କାହିଁକି ? ଜଣକ ପ୍ରତି ସମସ୍ତେ ଆସକ୍ତ ହୁଅନ୍ତି ନାହିଁ କାହିଁକି ? ସେହିପରି ଶବ୍ଦବି ତୁମର ମନରେ । ରୂପ ଦର୍ଶକ ମନର ଗୋଟିଏ ସୁଖ ମାତ୍ର । ଶବ୍ଦବି ଶ୍ରୋତାର ଗୋଟିଏ ମନର ସୁଖ ମାତ୍ର । ସ୍ପର୍ଶବି ସ୍ପର୍ଶକର ମନର ସୁଖ ମାତ୍ର । ଯଦି ମୋର ରୂପ ସୁଖର ପଥ ବନ୍ଦ ଥାଏ, ତେବ ଶବ୍ଦ ସ୍ପର୍ଶ ଗନ୍ଧ କାହିଁକି ରୂପ ସୁଖ ପରି ମନ ମଧ୍ୟରେ ସର୍ବମୟ ନ ହେବ ?

ଶୁଷ୍କ ଭୂମିରେ ବୃଷ୍ଟିପାତ ହେଲେ ସେ କାହିଁକି ଉତ୍ପାଦିନୀ ନ ହେବ ? ଶୁଷ୍କ କାଷ୍ଠରେ ଅଗ୍ନି ସଂଯୋଗ ହେଲେ ସେ କାହିଁକି ନ ଜଳିବ ? ରୂପରେ ହେଉ, ଶବ୍ଦରେ ହେଉ, ସ୍ପର୍ଶରେ ହେଉ, ଶୂନ୍ୟ ରମଣୀ ହୃଦୟରେ ସୁପୁରୁଷ ସଂସ୍ପର୍ଶ ହେଲେ କାହିଁକି ପ୍ରେମ ନ ଜନ୍ମିବ ? ଦେଖ ଅନ୍ଧକାରରେ ବି ଫୁଲ ଫୁଟେ, ମେଘ ଘୋଡାଇଲେ ବି ଶୁନ୍ଦ ଗଗନରେ ବିହାର କରେ, ଜନଶୂନ୍ୟ ଅରଣ୍ୟରେ ବି କୋକିଳ ଡାକେ, ଯେଉଁ ସାଗର ଗର୍ଭକୁ ମନୁଷ୍ୟ

Digitized by srujanika@gmail.com

କେବେ ମିଳନାହିଁ, ସେଠାରେ ବି ରଙ୍ଗ ପ୍ରସ୍ଫୁଟିତ ହୁଏ, ଅନ୍ଧର ହୃଦୟରେ ବି ପ୍ରେମ ଜନ୍ମେ । ମୋର ନୟନ ନିରୁଦ୍ଧ ବୋଲି ହୃଦୟ କାହିଁକି ପ୍ରସ୍ଫୁଟିତ ନ ହେବ ?

ହେବ ନାହିଁ କାହିଁକି, କିନ୍ତୁ ସେ କେବଳ ମୋର ଯନ୍ତ୍ରଣାର ପାଇଁ । ବଧିରର ଯଦି ସଙ୍ଗୀତାନୁରାଗ ହୁଏ, କେବଳ ତାହାର ଯନ୍ତ୍ରଣା ପାଇଁ, ନିଜର ଗୀତ ନିଜେ ଶୁଣିପାରେ ନାହିଁ । ମୋର ହୃଦୟରେ ପ୍ରାଣ ସଞ୍ଚାର ସେହିପରି ଯନ୍ତ୍ରଣା ପାଇଁ । ପରର ରୂପ ଦେଖିବି କ'ଣ—ମୁଁ ନିଜେ କେବେ ନିଜକୁ ଦେଖି ନାହିଁ । ରୂପ ! ରୂପ ! ମୋର କି ରୂପ ! ଏହି ଭୂମଣ୍ଡଳରେ ରଜନୀ ନାମକ କ୍ଷୁଦ୍ର ବିନ୍ଦୁ କେଉଁଠି ? କିପରି ? ମୋତେ ଦେଖି କେବେ କିଏ କାହାର ପୁନର୍ବାର ଫେରି ଦେଖିବାକୁ ଇଚ୍ଛା ହୁଏନାହିଁ ? ଏପରି ନିରାଶ୍ରୟ କ୍ଷୁଦ୍ର କେହି କିଏ ଜଗତରେ ନାହିଁ ଯେ ମୁଁ ତାକୁ ସୁନ୍ଦର ଦେଖାଯିବି ? ନୟନ ନ ଥିଲେ ନାରୀ ସୁନ୍ଦର ହୁଏନା—ମୋର ନୟନ ନାହିଁ—କିନ୍ତୁ ତେବେ କାରିଗରମାନେ ପଥର ଖୋଳି ଚକ୍ଷୁଶୂନ୍ୟ ମୂର୍ତ୍ତୀ ଗଢ଼ନ୍ତି କାହିଁକି ? ମୁଁ କ'ଣ କେବଳ ସେହିପରି ପାଷାଣୀ ମାତ୍ର ? ତେବେ ବିଧାତା ଏ ପାଷାଣ ମଧ୍ୟରେ ଏ ଦୁଃଖସୁଖ ସମାକୁଳ ପ୍ରଣୟ ଲାଳସା ହୃଦୟ କାହିଁକି ପୂରାଇଲେ ? ପାଷାଣ ଦୁଃଖ ପାଉଛି, ପାଷାଣ ସୁଖ ପାଇଲା ନାହିଁ କାହିଁକି ? ଏ ସଂସାରରେ ଏ ତାରତମ୍ୟ କାହିଁକି ? ଅନନ୍ତ ଦୁଷ୍କୃତକାରୀବି ଆଖିରେ ଦେଖେ । ମୁଁ ପୂର୍ବଜନ୍ମରେ କି ଦୋଷ କରିଥିଲି ଯେ ମୁଁ ଆଖିରେ ଦେଖି ପାରିବି ନାହିଁ । ଏ ସଂସାରରେ ବିଧାତା ନାହିଁ, ବିଧାନ ନାହିଁ, ପାପ ପୁଣ୍ୟର ଦଣ୍ଡ ପୁରସ୍କାର ନାହିଁ—ମୁଁ ମରିବି ।

ମୋର ଏ ଜୀବନରେ ବହୁ ବର୍ଷ ଯାଇଛି । ବହୁବର୍ଷ ଆସି ବି ପାରେ । ବର୍ଷକୁ ବର୍ଷ ବହୁ ଦିବସକୁ ଦିବସ, ବହୁ ଦଣ୍ଡ—ଦଣ୍ଡକୁ ଦଣ୍ଡ, ବହୁ ମୁହୂର୍ତ୍ତ ପାଇଁ, ଚକ୍ଷୁ ମେଲି ପାରିଲେ ଦେଖିବି । ଏ ଶବ୍ଦ ସ୍ପର୍ଶମୟ ବିଶ୍ୱ ସଂସାର କ'ଣ—ମୁଁ କିଏ ? ଶଚୀନ୍ଦ୍ର କ'ଣ ?

Digitized by srujanika@gmail.com

• ଚତୁର୍ଥ ପରିଚ୍ଛେଦ

ମୁଁ ପ୍ରତ୍ୟହ ଫୁଲ ନେଇଯାଏ । ସାନବାବୁଙ୍କର କଥାର ଶବ୍ଦ ଶ୍ରବଣକୁ ପ୍ରାପ୍ତ ଘଟେନାହିଁ—କିନ୍ତୁ କଦାଚିତ୍ ଦୁଇ ଏକଦିନ ଘଟେ । ସେ ଆହ୍ଲାଦର କଥା କହି ପାରିବି ନାହିଁ । ମୋର ମନେ ହୁଏ ବର୍ଷାର ଜଳଭରା ମେଘ ଯେତେବେଳେ ଗର୍ଜନ କରି ବର୍ଷେ, ସେତେବେଳେ ମେଘର ବୋଧହୁଏ ସେହିପରି ଆହ୍ଲାଦ ହୁଏ, ମୋର ମଧ୍ୟ ସେହିପରି ଡାକିବାକୁ ଇଚ୍ଛା ହୁଏ । ମୁଁ ପ୍ରତ୍ୟହ ମନେ କରେ, ମୁଁ ସାନବାବୁଙ୍କୁ କେତେଗୁଡ଼ିଏ ଫୁଲ ବାଛି ତୋଡ଼ା ବାନ୍ଧି ଦେଇ ଆସିବି—କିନ୍ତୁ ତାହା ଦିନେବି ପାରିଲି ନାହିଁ । ଲଜ୍ଜା କରେ—ପୁଣି ମନରେ ଭାବେ ଫୁଲ ଦେଲେ ସେ ଦାମ ଦେବାକୁ ଚାହିଁବେ—କ'ଣ କହି ନ ନେବି ? ମନର ଦୁଃଖରେ ଘରକୁ ଆସି ଫୁଲ ନେଇ ସାନ-ବାବୁଙ୍କୁହିଁ ଗଢ଼େ । କ'ଣ ଗଢ଼େ ତାହା ଜାଣେନା । —କେତେବେଳେ ଦେଖି ନାହିଁ ।

ଏ ଆଡେ ମୋର ଯାତାୟତର ଏକ ଅଚିନ୍ତ୍ୟମାୟ ଫଳ ଫଳିଥିଲା—ମୁଁ ସେ ବିଷୟ କିଛିବି ଜାଣେନା । ପିତାମାତାଙ୍କର କଥୋପକଥନରେ ତାହା ପ୍ରଥମେ ଜାଣି ପାରିଲି । ଦିନେ ସନ୍ଧ୍ୟାପରେ ମୁଁ ମାଳା ଗୁନ୍ଥୁ ଗୁନ୍ଥୁ ଶୋଇ ପଡ଼ିଥିଲି । କ'ଣ ଗୋଟାଏ ଶବ୍ଦରେ ନିଦ ଭାଙ୍ଗି ଗଲା । ଜାଗ୍ରତ ହେବାରୁ କାନକୁ ପିତାମାତାଙ୍କର କଥୋପକଥନର ଶବ୍ଦ ପ୍ରବେଶ କଲା । ବୋଧହୁଏ ପ୍ରଦୀପ ଲିଭି ଯାଇଥିଲା । କାହିଁକି ନା ପିତାମାତା ମୋର ନିଦ୍ରାଭଙ୍ଗ ଜାଣି ପାରୁଛନ୍ତି—ଏପରି ମନେ ହେଲା ନାହିଁ । ଶୁଣିଲି ମା' କହୁଛନ୍ତି, 'ତେବେ ଏକ ପ୍ରକାର ସ୍ଥିର ହୋଇଛି ?'

ପିତା ଉତ୍ତର ଦେଲେ, 'ସ୍ଥିର ନୁହେଁତ ଆଉ କ'ଣ ?' ସେପରି ବଡ ଲୋକ କଥା ଦେଲେ କ'ଣ ଆଉ ଏପଟ ସେପଟ ହେବ ? ମୋ ଝିଅର

Digitized by srujanika@gmail.com

ଦୋଷ ମଧ୍ୟରେ ଅଛି, ନ ହେଲେ ମୋର ଝିଅ ଲୋକେ ପସନ୍ଦ କରିବ ପାଆନ୍ତି ନାହିଁ ।

ମା'—-ହେଲେ ପରଲୋକ ଏତେ କରିବେ କାହିଁକି ?

ପିତା—ତୁମେ ବୁଝି ପାରୁନାହିଁ ଯେ ସେମାନେ ଆମପରି ଟଙ୍କାର କାଙ୍ଗାଳ ନୁହନ୍ତି—ହଜାରେ ଦୁଇହଜାର ଟଙ୍କା ସେମାନେ ଧରନ୍ତି ନାହିଁ । ଯେଉଁ ଦିନ ରଜନୀ ମୁହଁରେ ହେମଚନ୍ଦ୍ର ବାବୁଙ୍କ ଝିଅ ବିବାହର କଥା ପ୍ରଥମେ ଶୁଣିଲେ, ସେହି ଦିନରୁ ରଜନୀ ତାଙ୍କ ପାଖକୁ ଦୁଇଥର ଯାତାୟାତ ଆରମ୍ଭ କଲା । ସେ ପୁଅକୁ ପଚାରିଲେ 'ଟଙ୍କାରେ କ'ଣ ଅନ୍ଧର ବିବାହ ହୁଏ ?' ଏଥିରେ ଅବଶ୍ୟ ଝିଅ ମନରେ ଆଶା ଭରସା ହୋଇପାରେ ଯେ ବୋଧହୁଏ ଇଏ ଦୟାବତୀ ହୋଇ ଟଙ୍କା ଖର୍ଚ୍ଚ କରି ମୋର ବିବାହ ଦେବେ । ସେ ଦିନରୁ ନିତ୍ୟ ଯାତାୟାତ ଦେଖି ଲବଙ୍ଗ ବୁଝିଲେ ଯେ ଝିଅଟି ବିବାହ ପାଇଁ ବଡ଼ କାତର ହୋଇଛି—ନ ହେବ କାହିଁକି ? ବୟସତ ହୋଇଛି । ସେଥିରେ ସୁଣି ସାନବାବୁ ଟଙ୍କା ଦେଇ ହରନାଥ ବାବୁଙ୍କୁ ରାଜି କରାଇଛନ୍ତି । ଗୋପାଳବି ରାଜି ହୋଇଛି ।

ହରନାଥ ବାବୁ ରାମସଦୟ ବାବୁଙ୍କର ଘରର ସରକାର (ଗୁମାସ୍ତା) । ଗୋପାଳ ତ ତାର ପୁଅ । ଗୋପାଳର କଥା କିଛି କିଛି ଜାଣେ । ଗୋପାଳର ବୟସ ତିରିଶ ବର୍ଷ—ଗୋଟିଏ ବିବାହିତା ଅଛି, କିନ୍ତୁ ସନ୍ତାନ ହୋଇନାହିଁ । ଗୃହଧର୍ମାର୍ଥେ ତାହାର ଗୃହିଣୀ ଅଛି—ସନ୍ତାନାର୍ଥେ ଅନ୍ଧକନ୍ୟାରେ ତାହାର ଆପତ୍ତି ନାହିଁ । ବିଶେଷ କରି ଲବଙ୍ଗ ତାକୁ ଟଙ୍କା ଦେବ । ପିତାମାତାଙ୍କର କଥାରୁ ବୁଝିଲି ଗୋପାଳ ସଙ୍ଗରେ ମୋର ସମ୍ବନ୍ଧ ସ୍ଥିର ହୋଇଛି । ଟଙ୍କା ଲୋଭରେ ସେ କୋଡ଼ିଏ ବର୍ଷର ଝିଅକୁ ବିବାହ କରିବାକୁ ପ୍ରସ୍ତୁତ । ଟଙ୍କାରେ ଜାତି କିଣିବ । ପିତାମାତା ମନେ କଲେ ଏ ଜନ୍ମପରି ଅନ୍ଧକନ୍ୟା ଉଦ୍ଧାର-ପ୍ରାପ୍ତ ହେବ । ସେମାନେ ଆନନ୍ଦିତ ହେଲେ । ମୋର ମୁଣ୍ଡରେ ଆକାଶ ଭାଙ୍ଗି ପଡ଼ିଲା ।

ତା' ପରଦିନ ସ୍ଥିର କଲି ଆଉ ମୁଁ ଲବଙ୍ଗ ପାଖକୁ ଯିବିନାହିଁ । ମନେ ମନେ ତାକୁ ଶହେଥର ପୋଡ଼ାମୁହିଁ ବୋଲି ଗାଳି ଦେଲି । ଲଜ୍ୟାରେ ମରି ଯିବାକୁ ଇଚ୍ଛା ହେଲା । ରାଗରେ ଲବଙ୍ଗକୁ ମାରିବାକୁ ଇଚ୍ଛା ହେଲା । ଦୁଃଖରେ କାନ୍ଦିବାକୁ ଲାଗିଲି । ମୁଁ ଲବଙ୍ଗର କ'ଣ କରିଛି ଯେ ମୋ ଉପରେ ଏତେ ଅତ୍ୟାଚାର କରିବାକୁ ଉଦ୍ୟତ ? ଭାବିଲି, ଯଦି ସେ ବଡ଼ଲୋକ ବୋଲି ଅତ୍ୟାଚାର କରି ସୁଖୀ ହୁଏ, ତେବେ ଜନ୍ମାନ୍ଧ ଦୁଃଖିନୀ ଭିନ୍ନ ଆଉ କ'ଣ

Digitized by srujanika@gmail.com

ଅଙ୍ଗାଗ୍ରରର ଚାଷ ଥାଇଲା ନାହିଁ ? ମନେ କଲି—ନା । ଅଜ ଯିବେ ନିବ । ତାଙ୍କୁ ଥରେ ନମସ୍କାର କରି ଆସିବ । ତା'ପରେ ଆଉ ଯିବନାହିଁ । ଅଉ ଫୁଲ ବିକିବ ନାହିଁ—ଆଉ ଟଙ୍କା ନେବ ନାହିଁ—ମା' ଯଦି ତାଙ୍କୁ ଫୁଲ ଦେଇ ଟଙ୍କା ଆଣେ ତେବେ ତା' ଟଙ୍କାରେ ଅନ୍ନ ଭୋଜନ କରିବ ନାହିଁ । ନ ଖାଇ ମରିବାକୁ ହୁଏ ସେବ ଭଲ । ଭାବିଲି, କହିଲି, ବଡ଼ଲୋକ ହେଲେ କ'ଣ ପର ପୀଡ଼ନ କରିବାକୁ ହୁଏ ? କହିବ—ମୁଁ ଅନ୍ଧ—ଅନ୍ଧ ବୋଲି କ'ଣ ଦୟା ହୁଏନା ? କହିବ, ପୃଥିବୀରେ ଯାହାର କିଛି ସୁଖ ନାହିଁ, ତାକୁ ବିନାପରାଧରେ କଷ୍ଟ ଦେଇ କି ସୁଖ ? ଯେତେ ଭାବେ ଏହା କହିବ, ସେତେ ନିଜ ଅନ୍ତି-ମାଣିରେ ନିଜେ ଭାସେ । ମନରେ ଭୟ ହେବାକୁ ଲାଗିଲା ଯଦି କହିବା ସମ-ୟରେ କଥା ଗୁଡ଼ିକ ଭୁଲିଯାଏ ?

ଯଥା ସମୟରେ ପୁଣି ରାମସଦୟ ବାବୁଙ୍କ ଘରକୁ ଗଲି । ଫୁଲ ନ ନେଇଯିବା ପାଇଁ ମନେ କରିଥିଲି, କିନ୍ତୁ ଖାଲି ହାତରେ ଯିବାକୁ ଲଜ୍ୟା ଲାଗିଲା—କ'ଣ କହି ଯାଇ ବସିବ ? ଦୂବ ପରି କିଛି ଫୁଲ ନେଲି । କିନ୍ତୁ ଆଜି ମା'କୁ ଲୁଚାଇ କରିଗଲି ।

ଫୁଲ ଦେଇ—ନମସ୍କାର କରିବ ବୋଲି ଲବଙ୍ଗ ପାଖରେ ବସିଲି । କ'ଣ କହି ପ୍ରସଙ୍ଗ ଉତ୍‌ଥାପନ କରିବ ? ହରି ! ହରି ! କ'ଣ କହି ଆରମ୍ଭ କରିବ ? ପ୍ରଥମ କଥା କେଉଁଟା ? ଗୁରିଆଡ଼େ ନିଆଁ ଜଳୁଛି—ପ୍ରଥମେ କେଉଁଟା ଲିଭାଇବ ? କିଛି କହି ହେଲାନାହିଁ । କଥା କହିପାରିଲି ନାହିଁ । କାନ୍ଦ ଲାଗିଲା ।

ଭାଗ୍ୟକ୍ରମେ ଲବଙ୍ଗ ପ୍ରସଙ୍ଗ ଉଠାଇଲେ, "କାଣି, ତୋର ବାହାଘର ହେବ ।" ମୁଁ ଜଳି ଉଠି କହିଲି 'ପାଉଁସ ହେବ ।' ଲବଙ୍ଗ କହିଲେ 'କାହିଁକି, ସାନବାବୁ ବିବାହ ଦେବେ, ହେବନାହିଁ କାହିଁକି ?'

ଆହୁରି ଜଳିଲି । କହିଲି, 'କାହିଁକି, ମୁଁ ତୁମ ପାଖରେ କି ଦୋଷ କରିଛି ?'

ଲବଙ୍ଗ ରାଗିଲେ । କହିଲେ, 'ଅବାଗୀ, ତୋର କ'ଣ ବାହା ହେବାକୁ ମନ ନାହିଁନା କ'ଣ ?'

ମୁଁ ମୁଣ୍ଡ ହଲାଇ କହିଲି 'ନା !'

ଲବଙ୍ଗ ଆହୁରି ରାଗିଲେ । କହିଲେ—ପାପିଷ୍ଠା କେଉଁଠିକାର, ବାହା ହବୁନି କାହିଁକି ?

Digitized by srujanika@gmail.com

ମୁଁ କହିଲି, 'ହୁଁ' ।

ଲବଙ୍ଗ ମନରେ ବୋଧହୁଏ ସନ୍ଦେହ ହେଲା—ମୁଁ ଭ୍ରଷ୍ଟା । ନ ହେଲେ ବିବାହରେ ଅସମ୍ମତ କାହିଁକି ? ସେ ଭାରି ରାଗିଯାଇ କହିଲା, 'ଆହାଲେ, ବାହାର କରୁଛି, ନ ହେଲେ ଝାଡୁରେ ମାରି ବିଦାୟ କରିବି' ।

ମୁଁ ଉଠିଲି । ମୋର ଅନ୍ଧ ଚକ୍ଷୁ ଦୁଇଟିରୁ ପାଣି ପଡୁଥିଲା । ତାହା ଲବଙ୍ଗକୁ ଦେଖାଇଲି ନାହିଁ । ଫେରିଲି । ଘରକୁ ଯାଉଥିଲି । ଶିଡ଼ିରେ ଠିକେ ଚିନ୍ତାସ୍ରୋତଃ କରୁଥିଲି—କାହିଁ ତିରସ୍କାର କଥାତ କିଛି କୁହା ହୋଇନି—ଅକସ୍ମାତ କାହାର ପାଦ ଶବ୍ଦ ଶୁଣିଲି, ଅନ୍ଧର ଶ୍ରବଣ ଶକ୍ତି ଅନୈସର୍ଗିକ ପ୍ରଖରତା ପ୍ରାପ୍ତ ହୁଏ—ମୁଁ ଥରେ ଦୁଇଥର ସେହି ପାଦଶବ୍ଦ ଶୁଣି ଚିହ୍ନିଥିଲି, କାହାର ପଦ ବିକ୍ଷେପର ଏ ଶବ୍ଦ । ମୁଁ ଶିଡ଼ିରେ ବସିଲି । ସାନବାବୁ ମୋ ନିକଟକୁ ଆସିଲେ । ମୋତେ ଦେଖି ଛିଡ଼ା ହେଲେ । ବୋଧହୁଏ ମୋର ଆଖିପାଣି ଦେଖି ପାରିଲେ—ପଚାରିଲେ, 'କିଏ, ରଜନୀ' ?

ସବୁ ଭୁଲିଗଲି । ରାଗ ଭୁଲିଲି, ଅପମାନ ଭୁଲିଲି, ଦୁଃଖ ଭୁଲିଲି,—କାନରେ ବାଜିଲା 'କିଏ ରଜନୀ' । ମୁଁ ଉତ୍ତର ଦେଲିନାହିଁ—ମନେ କଲି ଆଉ ଥରେ ଦୁଇଥର ପଚାରନ୍ତୁ—ମୁଁ ଶୁଣି କାନ ସଫଳ କରେ ।

ସାନବାବୁ କହିଲେ, 'ରଜନୀ କାନ୍ଦୁଛ କାହିଁକି' ?

ମୋର ଅନ୍ତର ଆନନ୍ଦରେ ପୂରି ଉଠିଲା—ଆଖିରେ ପାଣି ଆହୁରି ଉଚ୍ଛୁଳିବାକୁ ଲାଗିଲା । ମୁଁ କଥା କହିଲି ନାହିଁ — ଆହୁରି ପଚାରନ୍ତୁ — ମନେ କଲି ମୁଁ କି ଭାଗ୍ୟବତୀ ! ବିଧାତା ମୋତେ ଅନ୍ଧ କରିଛନ୍ତି ବଧିର କରି ନାହାନ୍ତି ।

ସେ ପୁଣି ପଚାରିଲେ, 'କାହିଁକି କାନ୍ଦୁଛ ? କେହି କିଛି କହିଛି' ?

ମୁଁ ସେଥର ଉତ୍ତର ଦେଲି—ତାଙ୍କ ସହିତ କଥୋପକଥନରେ ସୁଖ ଯଦି ଜନ୍ମରେ ଥରେ ଘଟିଛି — ତେବେ ତ୍ୟାଗ କରିବି କାହିଁକି ? ମୁଁ କହିଲି, 'ସାନମା ତିରସ୍କାର କରିଛନ୍ତି' ।

ସାନବାବୁ ହସିଲେ—'ସାନମାଙ୍କ କଥା ଧରନା — ତାଙ୍କର ମୁହଁ ସେହିପରି—କିନ୍ତୁ ମନରେ ରାଗ କରନ୍ତି ନାହିଁ, ତୁମେ ମୋ ସଙ୍ଗରେ ଆସ—ବର୍ତ୍ତମାନ ସେ ପୁଣି ଭଲକଥା କହିବେ' ।

ତାଙ୍କ ସାଙ୍ଗରେ କାହିଁକି ନ ଯିବି ? ସେ ଡାକିଲେ କିଏ ଆଉ ରାଗ ଥାଏ ? ମୁଁ ଉଠିଲି—ତାଙ୍କ ସାଙ୍ଗରେ ଚାଲିଲି । ଶିଡ଼ିରେ ଉଠିବାକୁ ଲାଗିଲେ—ମୁଁ ପଛେ ପଛେ ଉଠୁଥିଲି — ସେ କହିଲେ, ତୁମେ

Digitized by srujanika@gmail.com

ଦେଖି ପାରନାହିଁ — ଶିଡ଼ିରେ ଉଠ କହେଁ ? ନ ପାରୁଛ ଯେବେ ମୁଁ ହାତ ଧରି ନେଇ ଯାଉଛି' ।

ମୋର ଦେହ ଥରି ଉଠିଲା—ସର୍ବାଙ୍ଗ ରୋମାଞ୍ଚିତ ହେଲା — ସେ ମୋର ହାତ ଧରିଲେ । ଧରନ୍ତୁ ନା—ଲୋକେ ନିନ୍ଦା କରନ୍ତୁ — ମୋର ନାରୀ ଜନ୍ମ ସାର୍ଥକ ହେଉ । ମୁଁ ପରର ସାହାଯ୍ୟ ବ୍ୟତୀତ କଲିକତାର ଗଳିକୁ ଗଳି ବୁଲିପାରେ, କିନ୍ତୁ ସାନବାବୁଙ୍କୁ ନିଷେଧ କଲିନାହିଁ । ସାନବାବୁ--କହିବି କଣ ? କଣ ବୋଲି କହିବି--ଉପଯୁକ୍ତ କଥା ପାଇଲି ନାହିଁ--ସାନବାବୁ ହାତ ଧରିଲେ ।

ଯେମିତି ଗୋଟିଏ ପ୍ରଭାତର ପ୍ରଫୁଲ୍ଲ ପଦ୍ମଦଳ ଗୁଡ଼ିକ ଦ୍ୱାରା ମୋର ପ୍ରକୋଷ୍ଠ ପୂରିଗଲା । ଯେପରି ଗୋଲାପର ମାଳା ଗୁନ୍ଥି କିଏ ମୋର ହାତରେ ବାନ୍ଧି ଦେଲା । ମୋର ଆଉ କିଛି ମନେ ନାହିଁ । ସେହି ସମୟରେ ଇଚ୍ଛା ହେଲା--ବର୍ତ୍ତମାନ କାହିଁକି ମରି ଯାଉନି ? ସେତେବେଳେ ତରଳ ପାଣି ହୋଇ ମିଶିବାକୁ ଇଚ୍ଛାହେଲା -- ଇଚ୍ଛା ହେଲା ଶଚୀନ୍ଦ୍ର ଆଉ ମୁଁ ଦୁଇଟି ଫୁଲ ହୋଇ ଏହିପରି ସଂଶ୍ଲିଷ୍ଟ ହୋଇ କୌଣସି ବନ୍ୟ ବୃକ୍ଷର ଗୋଟିଏ ବୃନ୍ତରେ ଝୁଲି ରହିବି ? ଆଉ କଣ ମନେ ହେଲା--ତାହା ମନେନାହିଁ । ଯେତେବେଳେ ଶିଡ଼ି ଉପରେ ଉଠି ସାନବାବୁ ହାତ ଛାଡ଼ିଦେଲେ ସେତେବେଳେ ଦୀର୍ଘ ନିଶ୍ୱାସ ତ୍ୟାଗ କଲି । ସେ ସୀମାର ପୁଣି ମନେ ପଡ଼ିଲା--ତାହା ସାଙ୍ଗରେ ମନେ ପଡ଼ିଲା--'କଣ କଲ ପ୍ରାଣେଶ୍ୱର ! ନ ବୁଝି କଣ କଲ ! ତୁମେ ମୋ ପାଣି ଗ୍ରହଣ କରିଛ । ବର୍ତ୍ତମାନ ତୁମେ ମୋର ପାଣି ଗ୍ରହଣ କର ବା ନ କର, ତୁମେ ମୋର ସ୍ୱାମୀ--ମୁଁ ତୁମର ପତ୍ନୀ -- ଇହଜନ୍ମରେ ଅନ୍ୟ ଫୁଲବାଲାର ଆଉ କେହି ସ୍ୱାମୀ ହେବେନାହିଁ ।

ସେହି ସମୟରେ କଣ ପୋଡ଼ା ଲୋକଙ୍କର ଆଖି ପଡ଼ିଲା ? ବୋଧହୁଏ ସେଇଆ ।

Digitized by srujanika@gmail.com

• ପଞ୍ଚମ ପରିଚ୍ଛେଦ

ମାନବାବୁ ମାନମାଆଙ୍କ ପାଖକୁ ଯାଇ ପଚାରିଲେ, 'ରଜନୀକୁ କଣ କହିଲ ଗୋ ? ସେ କାନ୍ଦୁଛି' ? ମାନମା ମୋ ଆଖିରେ ପାଣି ଦେଖି ଅପ୍ରସ୍ତୁତ ହେଲେ — ମୋତେ ଭଲକଥା କହି ପାଖରେ ବସାଇଲେ — ବୟୋଜ୍ୟେଷ୍ଠ ସପତ୍ନୀ ଥିବା ସାଙ୍ଗରେ ସବୁ ଖୋଲି କହି ପାରିଲେ ନାହିଁ । ମାନବାବୁ ମାନମାଆଙ୍କୁ ଦେଖି ନିଜ ପ୍ରୟୋଜନରେ ବଡ଼ମା ପାଖକୁ ଚାଲି-ଗଲେ । ମୁଁ ବି ଘରକୁ ଫେରି ଆସିଲି ।

ସେଆଡ଼େ ଗୋପାଳ ବାବୁଙ୍କ ସାଙ୍ଗରେ ମୋର ବିବାହ ହେବାର ଉଦ୍ୟୋଗ ହେବାକୁ ଲାଗିଲା । ଦିନ ସ୍ଥିର ହେଲା । ମୁଁ କଣ କରିବି ? ଫୁଲଗୁନ୍ଥା ବନ୍ଦ କରି ଦିବାରାତ୍ର କିପରି ଏ ବିବାହ ବନ୍ଦ କରିବି ସେହି ଚିନ୍ତା କରିବାକୁ ଲାଗିଲି । ଏ ବିବାହରେ ମା ଆନନ୍ଦ, ବାପାଙ୍କର ଉତ୍ସାହ, ଲବଙ୍ଗଲତାର ଯତ୍ନ, ମାନବାବୁ ମଧ୍ୟସ୍ଥି—ଏହି କଥାଟି ସବୁଠାରୁ କଷ୍ଟ-ଦାୟକ—ମାନବାବୁ ମଧ୍ୟସ୍ଥି ! ମୁଁ ଏକା ଅଳ୍ପ ଏହାର କି ପ୍ରତିବନ୍ଧକତା କରିବି ? କୌଣସି ଉପାୟ ଦେଖି ପାରିଲି ନାହିଁ । ମାଳା ଗୁନ୍ଥା ବନ୍ଦ ହେଲା । ମାତାପିତା ମନେ କଲେ ବିବାହର ଆନନ୍ଦରେ ମୁଁ ବିହ୍ୱଳ ହୋଇ ମାଳା ଗୁନ୍ଥା ତ୍ୟାଗ କରିଛି ।

ଈଶ୍ୱର ମୋତେ ଏକ ସହାୟ ଆଣିଦେଲେ । କହିଛି ଗୋପାଳ ବାବୁ ବିବାହିତ—ତାଙ୍କର ପତ୍ନୀର ନା ଚମ୍ପା—ବାପ ରଖିଥିଲେ ଚମ୍ପକଲତା, ଚମ୍ପା ହିଁ କେବଳ ଏ ବିବାହରେ ଅସମ୍ମତ । ଚମ୍ପା ଠିକେ କଡ଼ା ଝିଅ, ଯାହା କଲେ ଘରେ ସପତ୍ନୀ ନ ହେବ — ସେଥିପାଇଁ ଚେଷ୍ଟାରେ କିଛି ତ୍ରୁଟି କଲାନାହିଁ ।

ହୀରାଲାଲ ନାମକ ଚମ୍ପାର ଗୋଟିଏ ଭାଇ ଥିଲା । ଚମ୍ପା ଅପେକ୍ଷା ଦେଢ଼ବର୍ଷ ସାନ । ହୀରାଲାଲ ମଦ ଖାଏ—ତାହା ଅଳ୍ପ ମାତ୍ରାରେ ନୁହେଁ । ଶୁଣିଛି ଗଞ୍ଜେଇବି ଟାଣେ । ତାହାର ପିତା ତାକୁ ପାଠପଢ଼ା ଶିଖାଇ ନାହାନ୍ତି—କୌଣସି ପ୍ରକାରେ ସେ ହସ୍ତାକ୍ଷରଟି ପ୍ରସ୍ତୁତ କରିଥିଲା ମାତ୍ର । ତଥାପି ରାମସଦୟ ବାବୁ ତାହାକୁ କେଉଁଠି କରାଣୀଗିରି କରେଇ ଦେଇ-ଥିଲେ । ମାତଲାମୀ ଦୋଷରୁ ସେ ଚାକିରିଟି ଗଲା । ହରନାଥ ବସୁ ତାହା କଥାରେ ଦ୍ୱିଗୁଣ ଲାଭ ଆଶାରେ ତାକୁ ଦୋକାନ କରିଦେଲେ । ଦୋକାନରୁ ଲାଭ ଦୂରରେ ଥାଉ, ଋଣ ହେଲା—ଦୋକାନ ଉଠିଲା । ତାପରେ କୌଣସି ଗ୍ରାମରେ ବାରଟଙ୍କା ଦରମାରେ ହୀରାଲାଲ ମାଷ୍ଟର ହୋଇଗଲା । ସେ ଗ୍ରାମରେ ମଦ ମିଳେନା ବୋଲି ହୀରାଲାଲ ଚାଲି ଆସିଲା । ତାପରେ ସେ ଖଣ୍ଡେ କାଗଜ କଲା । ଦିନାକେତେ ସେଥିରୁ ଖୁବ ଲାଭ ହେଲା । ଖୁବ ପ୍ରସାର ହେଲା—କିନ୍ତୁ ଅଶ୍ଳୀଳତା ଦୃଷ୍ଟିରୁ ପୋଲିସ ଟଣାଟଣି କଲା—ଭୟରେ ହୀରାଲାଲ କାଗଜ ଲେଖା ଛାଡ଼ିଦେଲା । କିଛିଦିନ ପରେ ହୀରା-ଲାଲ ପୁନର୍ବାର ହଠାତ୍ ବିପଦରେ ପଡ଼ି ସାନବାବୁଙ୍କୁ ଖୋସାମଦ କରି-ବାକୁ ଚେଷ୍ଟା କଲା । କିନ୍ତୁ ସାନବାବୁ ପାଖରେ ମଦର କାରବାର ନାହିଁ ଦେଖି ନିଜେ ନିଜେ ଦୂରେଇ ରହିଲା । ଅନନ୍ୟୋପାୟ ହୋଇ ନାଟକ ଲେଖିବାକୁ ଆରମ୍ଭ କଲା । ନାଟକ ଖଣ୍ଡିକ ବିକ୍ରୀ ହେଲାନାହିଁ । ତେବେ ଛାପାଖାନାରେ ପରିଶୋଧ କରିବାକୁ ଋଣ ନ ଥିଲା ବୋଲି ସେ ଖାହି ପାଇଗଲା । ବର୍ତ୍ତମାନ ଏ ଭବସଂସାରରେ ଆଉ କୌଣସି ଉପାୟ ନ ପାଇ ହୀରାଲାଲ ଚମ୍ପା ଦିଦିଙ୍କର ଅଞ୍ଚଳ ଧରି ରହିଲା ।

ଚମ୍ପା ହୀରାଲାଲକୁ ସ୍ୱକାର୍ଯ୍ୟ ଉଦ୍ଧାର ପାଇଁ ନିଯୁକ୍ତ କଲା । ହୀରାଲାଲ ରଜନୀ ପାଖରୁ ସବିଶେଷ ଶୁଣି କହିଲା, 'ଟଙ୍କା କଥା ସତ ତ ? ଯିଏ କାଣୀକୁ ବିବାହ କରିବ, ସେ ଟଙ୍କା ପାଇବ' ?

ଚମ୍ପା ସେ ବିଷୟରେ ସନ୍ଦେହ ଭଞ୍ଜନ କଲା । ହୀରାଲାଲର ଟଙ୍କାର ଭାରି ଦରକାର । ସେ ସାଙ୍ଗେ ସାଙ୍ଗେ ମୋର ପିତୃ ଭବନରେ ଆସି ଦର୍ଶନ ଦେଲା । ପିତା ସେତେବେଳେ ଘରେ ଥିଲେ । ମୁଁ ସେତେବେଳେ ସେଠାରେ ନ ଥିଲି, ମୁଁ ନିକଟସ୍ଥ ଅନ୍ୟ ଘରେ ଥିଲି । ଅପରିଚିତ ପୁରୁଷ ପିତାଙ୍କ ସହିତ କଥା କହୁଛି, କଣ୍ଠସ୍ୱରରୁ ଜାଣିପାରି କାନେଇ କଥାବାର୍ତ୍ତା ଶୁଣିବାକୁ ଲାଗିଲି । ହୀରାଲାଲଙ୍କ କର୍କଶ କଦର୍ଯ୍ୟ ସ୍ୱର ।

Digitized by srujanika@gmail.com

ହୀରାଲାଲ କହୁଛି — ମନୋରମଣୀ ଥାଉ ଥାଉ କାହିଁକି ଝିଅ ଦେବେ ? ପିତା ଦୁଃଖିତ ଭାବେ କହିଲେ, 'କଣ କରିବ ? ନ ଦେଲେ ବାହାଘର ହୋଇ ପାରୁନ । ଏତେ କାଳର ଦେଲାନାହିଁ ।

ହୀରାଲାଲ—କାହିଁକି ? ତୁମ ଝିଅର ବିବାହରେ ଭାବନା କଣ ?

ପିତା ହସି କହିଲେ, ମୁଁ ଗରିବ, ଫୁଲ ବିକି ଖାଏ—ମୋର ଝିଅକୁ କିଏ ବାହା ହେବ ? ସେଥିରେ ପୁଣି ଅନ୍ଧ ଝିଅ, ଫେର ବୟସ ଢେର ହୋଇଛି' ।

ହୀରା—କାହିଁକି, ମାନର ଅଭାବ କଣ ? ମୋତେ କହିଲେ ମୁଁ ବାହା ହେବି । ବର୍ତ୍ତମାନ ବୟସ୍କା ଝିଅଙ୍କୁ ଲୋକେ ଚାହାନ୍ତି । ମୁଁ ଯେତେବେଳେ ସ୍ତ୍ରୀଶିକ୍ଷାମଶାଲ ପତ୍ରିକାର ଏଡିଟର ଥିଲି, ସେତେବେଳେ ମୁଁ ଝିଅ ମାନଙ୍କୁ ବଡ କରି ବିବାହ ଦେବାପାଇଁ କେତେ ଆର୍ଟିକିଲ ଲେଖିଛି — ପତ୍ରି ଆକାଶର ମେଘ ଡାକ ଉଠିଥିଲା । ବାଲ୍ୟ ବିବାହ ? ଛି ! ଛି ! ଝିଅତ ବଡ କରି ବାହା ଦେବ । ଆମ । ମୋତେ ଦେଶର ଉନ୍ନତିର ଏକ୍‌ଜାମ୍ପଲ ସେଟ୍ କରିବାକୁ ଦିଅ—ମୁଁ ଏ ଝିଅ ବାହା ହେବି ।

ଆମେ ସେତେବେଳେ ହୀରାଲାଲର ଶେଷର କଥା ସବିଶେଷ ଶୁଣି-ନାହୁଁ । ପଛରେ ଶୁଣିଲୁଁ । ପିତା ଇତସ୍ତତଃ କରିବାକୁ ଲାଗିଲେ । ଏତେ-ବଡ ପଣ୍ଡିତ ଜୋଇଁ ହାତରୁ ଖସିଯିବ ଭାବି ଟିକେ ଦୁଃଖିତ ହେଲେ । ଶେଷରେ କହିଲେ, 'ବର୍ତ୍ତମାନ କଥା ଧାର୍ଯ୍ୟ ହୋଇ ଯାଇଛି — ବର୍ତ୍ତମାନ ଆଉ ଏପଟ ସେପଟ ହୋଇ ପାରିବ ନାହିଁ । ବିଶେଷ କରି ଏ ବିବାହର କର୍ତ୍ତା ଶଚୀନ୍ଦ୍ର ବାବୁ । ସେମାନେ ବାହା ଦେଉଛନ୍ତି । ସେମାନେ ଯାହା କରିବେ, ତାହା ହେବ । ସେମାନେହିଁ ଗୋପାଳ ବାବୁଙ୍କ ସାଙ୍ଗରେ ସମ୍ବନ୍ଧ କରିଛନ୍ତି' ।

ହୀରା—ସେମାନଙ୍କ ମତଲବ ତୁମେ କଣ ବୁଝିବ ? ବଡ ଲୋକଙ୍କ ଚରିତ୍ରର ଅନ୍ତ ପାଇବା ମୁସ୍କିଲ । ସେମାନଙ୍କୁ ଏତେ ବିଶ୍ୱାସ କରନା ।

ଏହା କହି ହୀରାଲାଲ ଚୁପ୍ ଚୁପ୍ କଣ କହିଲା । ତାହା ଶୁଣି ପାରିଲି ନାହିଁ । ପିତା କହିଲେ, 'ସେ କଣ ? ନା—ମୋର ଅନ୍ଧ ଝିଅ' ।

ହୀରାଲାଲ ସେ ସମୟରେ ଭଗ୍ନମନୋରଥ ହୋଇ ଘରର ଏଆଡେ ସେଆଡେ ଦେଖିବାକୁ ଲାଗିଲା । ଚାରିଆଡେ ଦେଖି କହିଲା, 'ତୁମ ଘରେ ମଦ ନାହିଁ, ଅଛିକି' ? ପିତା ବିସ୍ମିତ ହୋଇ କହିଲେ, 'ମଦ ? କଣ ପାଇଁ ରଖିବି' ?

Digitized by srujanika@gmail.com

ହୀରାଲାଲ ମଦ ନାହିଁ ଜାଣି ବିଜ୍ଞ ପରି କହିଲା, 'ସାବଧାନ କରିଦେବା ପାଇଁ କହୁଥିଲି । ବର୍ତ୍ତମାନ ଭଦ୍ରଲୋକ ସହିତ ବନ୍ଧୁ ବାନ୍ଧିବାକୁ ଗଲେ ସେଗୁଡ଼ା ଯେପରି ନ ଥାଏ' ।

କଥାଟା ପିତାଙ୍କୁ କିଛି ଭଲ ଲାଗିଲା ନାହିଁ । ସେ ଚୁପ୍ ରହିଲେ । ହୀରାଲାଲ ଶରାବରେ ନୁହେଁ କିମ୍ବା ମଦରେ ନୁହେଁ — କୌଣସିଠିରେ ଦେଶର ଉନ୍ନତିରେ ଏକ୍‌ଜାମ୍ପଲ୍ ସେଟ୍ କରି ନ ପାରି କ୍ଷୁର୍ଣ୍ଣ ମନରେ ବିଦାୟ ନେଲେ ।

• ଷଷ୍ଠ ପରିଚ୍ଛେଦ

ବିବାହର ଦିନ ଅତି ନିକଟ ହୋଇ ଆସିଲା । ଆଉ ଦିନେ ମାତ୍ର ବିଳମ୍ବ ଅଛି । ଉପାୟ ନାହିଁ । ନିଷ୍କୃତି ନାହିଁ । ଚାରିଆଡୁ ଉଚ୍ଛ୍ୱସିତ ବାଘରାଶି ଗର୍ଜି ଗର୍ଜି ଆସୁଛି । ନିଶ୍ଚିତ ବୁଡ଼ିବ ।

ସେତେବେଳେ ଲଜ୍ୟାକୁ ଜଳାଞ୍ଜଳି ଦେଇ ମାଆଙ୍କ ପାଦ ଉପରେ କଚାଡ଼ି ହୋଇ କାନ୍ଦିବାକୁ ଲାଗିଲି । କେବଳ ହାତ ଯୋଡ଼ିବାକୁ ଲାଗିଲି, କେବଳ କାନ୍ଦିବାକୁ ଲାଗିଲି । ମାଆ ବିରକ୍ତ ହେଲେ — ରାଗି ଉଠିଲେ, ଗାଳି ଦେଲେ, ଶେଷରେ ପିତାଙ୍କୁ କହିଦେଲେ । ପିତାବି ଗାଳି ଦେଇ ମାରିବାକୁ ଆସିଲେ । ଆଉ କିଛି କହି ପାରିଲି ନାହିଁ ।

ଉପାୟ ନାହିଁ, ନିଷ୍କୃତି ନାହିଁ । ବୁଡ଼ିଲି ।

ସେଦିନ ଅପରାହ୍ଣରେ ଘରେ ମୁଁ ଏକା ଥିଲି । ପିତା ବିବାହର ଖର୍ଚ୍ଚ ସଂଗ୍ରହରେ ଯାଇଥିଲେ । ମାଆ ଦ୍ରବ୍ୟ ସାମଗ୍ରୀ କିଣିବାକୁ ଯାଇଥିଲେ । ଏସବୁ ଯେଉଁ ସମୟରେ ହୁଏ, ସେ ସମୟରେ ମୁଁ ଦ୍ୱାର ଦେଇ ରହେ, ନହେଲେ ବାମାଚରଣ ମୋ ପାଖରେ ବସିଥାଏ । ସେଦିନ ବାମାଚରଣ ମୋ ପାଖରେ ବସିଥିଲା । ଜଣେ ଦ୍ୱାର ଠେଲି ଗୃହ ମଧ୍ୟରେ ପ୍ରବେଶ କଲା । ଚନ୍ଦ୍ରା ପାଦର ଶବ୍ଦ ନୁହେଁ । ପଚାରିଲି, 'କିଏ ଗୋ' ?

Digitized by srujanika@gmail.com

ଉତ୍ତର—'ଭ୍ରମର ଯମ'।

କଥାଟା ଅବଶ୍ୟ କୌତୁକକର । କିନ୍ତୁ ମୁର ସ୍ତ୍ରୀ ଲୋକର, ଭୟ ଲାଗିଲା ନାହିଁ । ହସିକରି କହିଲି—'ମୋର ଯମ କିଏ ଅଛି ? ତେବେ ଏତେଦିନ କେଉଁଠି ଥିଲା'?

ସ୍ତ୍ରୀଲୋକଟିର ରାଗ ଶାନ୍ତ ହେଲାନାହିଁ । 'ଏବେ ଜାଣିବୁ ! ବାହା ହବାକୁ ଘର ସଉକ୍ ! ପୋଡ଼ାମୁହିଁ, ଅବାଗି ! 'ଇତ୍ୟାଦି ଗାଳି ଆରମ୍ଭ କଲା । ଗାଳି ସମାପ୍ତ ହେବାରୁ ସେହି ମଧୁର ଭାଷିଣୀ କହିଲେ, 'ହଁ ଦେଖ୍ କାଣୀ, ଯଦି ମୋ ସ୍ୱାମୀ ସହିତ ତୋର ବାହାଘର ହୁଏ, ତେବେ ଯୋଉ-ଦିନ ତୁ ଘର କରିବାକୁ ଯିବୁ, ସେଇଦିନ ତୋତେ ବିଷ ଖୋଇ ମାରିବି' ।

ବୁଝିଲି ଖୋଦ୍ ଚମ୍ପା । ଆଦର କରି ବସିବାକୁ କହିଲି, 'ଶୁଣ—ତୁମ ସଙ୍ଗରେ କଥା ଅଛି'।

ଏତେ ଗାଳିର ଉତ୍ତରରେ ସାଦର ସମ୍ଭାଷଣ ଶୁଣି ଚମ୍ପା ଟିକେ ଶୀତଳ ହୋଇ ବସିଲା ।

ମୁଁ କହିଲି, 'ଶୁଣ, ଏ ବିବାହରେ ତୁମେ ଯେପରି ବିରକ୍ତ, ମୁଁ ବି ସେହିପରି । ଏ ବିବାହ ଯେଉଁଥିରେ ନ ହୁଏ, ମୁଁ ତାହା କରିବାକୁ ରାଜି ଅଛି । କେଉଁଥିରେ ବିବାହ ବନ୍ଦ ହେବ ତାହାର ଉପାୟ କହି ପାରିବ' ?

ଚମ୍ପା ବିସ୍ମିତ ହୋଇ କହିଲା, 'ତାହେଲେ ତୁମର ବାପମାଆଙ୍କୁ କହୁନ କାହିଁକି' ? ମୁଁ କହିଲି, 'ହଜାରେ ଥର କହିଛି, କିଛି ହୋଇନାହିଁ'।

ଚମ୍ପା—ବାବୁଙ୍କ ଘରକୁ ଯାଇ ତାଙ୍କର ଗୋଡ଼ହାତ ଧରୁନ କାହିଁକି ?

ମୁଁ—ସେଥିରେ ବି କିଛି ହୋଇନାହିଁ ।

ଚମ୍ପା ଟିକେ ଭାବିକରି କହିଲା, 'ତେବେ ଗୋଟିଏ କାମ କରିବୁ'।

ମୁଁ—କଣ ?

ଚମ୍ପା—ଦୁଇଦିନ ଲୁଚି ରହିବୁ ?

ମୁଁ—କେଉଁଠି ଲୁଚିବି ? ମୋର ସ୍ଥାନ କେଉଁଠି ଅଛି ? ଚମ୍ପା ପୁଣି ଟିକିଏ ଭାବିଲା । ମୋ ବାପ ଘରକୁ ଯାଇ ରହିବୁ' ?

ଭାବିଲି ମନ୍ଦ କଣ ? ଆଉତ ଉଦ୍ଧାରର କୌଣସି ଉପାୟ ଦେଖୁ-ନାହିଁ । କହିଲି, 'ମୁଁ କାଣୀ, ନୂଆ ଯାଗାରେ ମୋତେ କିଏ ପଥ ଚହ୍ଲାଇ ନେଇଯିବ ? ସେମାନେବା ସ୍ଥାନ ଦେବେ କାହିଁକି' ?

Digitized by srujanika@gmail.com

ଚମ୍ପା ମୋର ମନନାକିଣୀ କୁପ୍ରବୃତ୍ତି ପରିଚିତ ହୋଇ ଆସିଥିଲା । 'ତୋତେ ତାହା ଭାବିବାକୁ ଦେବନାହିଁ । ମୋଠାରୁ ବନ୍ଦୋବସ୍ତ ମୁଁ କରିବ । ମୁଁ ସାଙ୍ଗରେ ଲୋକ ଦେବ । ମୁଁ ସେମାନଙ୍କୁ କହି ପଠାଇବ । ତୁ ଚିନ୍ତୁତ କହ' ?

ଏହି ପ୍ରବୃତ୍ତି ମୋ ଆଡ଼ିରେ କେମାନ ଚମ୍ପାର ଉପାୟ ବୋଲି ମନେ ହେଲା ! ମୁଁ ସମ୍ମତ ହେଲି । ଚମ୍ପା କହିଲା, 'ଆଚ୍ଛା ତେବେ ଠିକ୍ ରହିବୁ । ଘରରେ ସମସ୍ତେ ଶୋଇଲେ ମୁଁ ଆସି କବାଟରେ ବାଡ଼େଇବି, ବାହାର ଆସିବୁ' ।

ମୁଁ ସମ୍ମତ ହେଲି ।

× × × × ×

ରାତ୍ରୀ ଦ୍ୱିପ୍ରହରରେ କବାଟ ଠକ୍ ଠକ୍ କରି ଅଳ୍ପ ଶବ୍ଦ ହେଲା । ମୁଁ ଜାଗ୍ରତ ଥିଲି । ଦ୍ୱିତୀୟ ବସ୍ତ୍ର ମାତ୍ର ନେଇ ମୁଁ କବାଟ ଖୋଲି ବାହାରିଲି । ବୁଝିଲି ଚମ୍ପା ଛିଡ଼ା ହୋଇଛି । ତାହା ସାଙ୍ଗରେ ଗଲି । ଥରେ ଭାବିଲି ନାହିଁ—ଥରେ ବୁଝିଲି ନାହିଁ ମେ କ ଦୁଷ୍କର୍ମ କରୁଛି । ପିତାମାତାଙ୍କ ପାଇଁ ମନ କାତର ହେଲା ଅବଶ୍ୟ କିନ୍ତୁ ସେତେବେଳେ ମନେ ମନେ ବିଶ୍ୱାସ ଥିଲା ଯେ ଅଳ୍ପଦିନ ପାଇଁ ଯାଉଛି । ବିବାହର କଥା ନିବୃତ୍ତି ପାଇଲେ ଫେରି ଆସିବ ।

ମୁଁ ଚମ୍ପା ଘରେ—ମୋର ଶାଶୁ ଘରେ—ଉପସ୍ଥିତ ହେବାରୁ ଚମ୍ପା ମୋତେ ଶୀଘ୍ର ଲୋକ ଦେଇ ବିଦାୟ କଲା । ଯଦି ତା ସ୍ୱାମୀ ଜାଣିପାରେ, ଏହି ଭୟରେ ସେ ଖାଲି ଶୀଘ୍ର ଶୀଘ୍ର କଲା । ଯେଉଁ ଲୋକ ସାଙ୍ଗରେ ଦେଲା, ତାହା ସାଙ୍ଗରେ ଯିବାକୁ ମୋର ଭୀଷଣ ଆପତ୍ତି — କିନ୍ତୁ ଚମ୍ପା ଏପରି ବ୍ୟସ୍ତ କଲା ଯେ ମୋର ଆପତ୍ତି ଭାସିଗଲା । ମନେକଲି କାହାକୁ ମୋ ସାଙ୍ଗରେ ଦେଲା ? ହୀରାଲାଲକୁ ?

ହୀରାଲାଲର ମନ୍ଦ ଚରିତ୍ରର କଥା ସେତେବେଳେ ମୁଁ କିଛି ଜାଣି ନ ଥିଲି । ସେଥିପାଇଁ ଆପତ୍ତି କଲିନାହିଁ । ସେ ଯୁବା ପୁରୁଷ—ମୁଁ ଯୁବତୀ—ତା ସାଙ୍ଗରେ କିପରି ଏକା ଯିବ ? ଏହି ଆପତ୍ତି ।

କିନ୍ତୁ ସେତେବେଳେ ମୋ କଥା କିଏ ଶୁଣୁଛି ? ମୁଁ ଅନ୍ଧ । ପଥ ଅପରିଚିତ । ରାତିରେ ଆସିଛି—ସୁତରାଂ ରାସ୍ତାରେ ଯେଉଁ ସବୁ ଶବ୍ଦଘଟିତ ଚିହ୍ନି ଚିହ୍ନି ରଖି ଆସେ ସେସବୁ କିଛି ଶୁଣି ପାରିଲି ନାହିଁ — ଅତଏବ

Digitized by srujanika@gmail.com

ବିନା ସହାୟରେ ଘରକୁ ଫେରି ଯାଇ ପାରିଲି ନାହିଁ । ଘରକୁ ଫେରି-ଗଲେ ବି ସେହି ପାପ ବିବାହ ! ଅଗତ୍ୟା ହୀରାଲାଲ ସାଙ୍ଗରେ ଯିବାକୁ ହେଲା । ସେତେବେଳେ ମନେ ହେଲା—ଅନ୍ଧ କଣ ଅନ୍ଧର ସହାୟ ଆଉ ନ ଥାନ୍ତି ମୁଣ୍ଡ ଉପରେ ଦେବତାମାନେ ଅଛନ୍ତି । ସେମାନେ କେବେହେଲେ ଲବଙ୍ଗଲତା ପରି ଧାର୍ମିକକୁ ପୀଡ଼ନ କରିବେ ନାହିଁ । ସେମାନଙ୍କର ଦୟା ଅଛି, ଶକ୍ତି ଅଛି, ଅବଶ୍ୟ ଦୟା କରି ମୋତେ ରକ୍ଷା କରିବେ । ନହେଲେ ଦୟା କାହା ପାଇଁ ?

ସେତେବେଳେ ଜାଣେନା ଯେ ନୈସର୍ଗିକ ନିୟମ ବିଚିତ୍ର—ମନୁଷ୍ୟର ବୁଦ୍ଧିର ଅଗୋଚର—ଆମେ ଯାହାକୁ ଦୟା କହୁଁ, ଈଶ୍ୱରଙ୍କ ଅନନ୍ତ ଜ୍ଞାନ ମାପକରେ ତାହା ଦୟା ନୁହେଁ—ଆମେ ଯାହାକୁ ପୀଡ଼ନ କହୁଁ, ଈଶ୍ୱରଙ୍କ ଅନନ୍ତ ଜ୍ଞାନ ମାପକରେ ତାହା ପୀଡ଼ନ ନୁହେଁ । ସେତେବେଳେ ଜାଣେନା ଯେ ଏହି ସଂସାରର ଅନନ୍ତ ଚକ୍ର ଦୟା ଦାକ୍ଷିଣ୍ୟ ଶୂନ୍ୟ, ସେ ଚକ୍ର ନିୟମିତ ପଥରେ ଅନତିକ୍ଷୁଣ୍ଣ ରେଖାରେ ଅହରହ ଚାଲୁଛି । ତାହାର ଭୟଙ୍କର ବେଗ ସମ୍ମୁଖରେ ଯିଏ ପଡ଼ିବ—ଅନ୍ଧ ହେଉ, ଖଞ୍ଜ ହେଉ, ଆର୍ତ୍ତ ହେଉ — ସେ ପେଷି ହୋଇ ମରିବ । ମୁଁ ଅନ୍ଧ ନିଃସହାୟ ବୋଲି ଅନନ୍ତ ସଂସାର ଚକ୍ର ପଥ ଛାଡ଼ି ଚାଲିବ କାହିଁକି ?

ହୀରାଲାଲ ସାଙ୍ଗରେ ପ୍ରଶସ୍ତ ରାଜପଥରେ ବାହାରି ପଡ଼ିଲି । ତାହାର ପଦଶବ୍ଦ ଅନୁସରଣ କରି ଚାଲିଲି — କୋଉଠି ଗୋଟାଏ ଘଡ଼ିରେ ଏକ ବାଜିଲା । ରାସ୍ତାରେ କେହି ନାହିଁ, କେଉଁଠି ଶବ୍ଦ ନାହିଁ—ଗୋଟାଏ ଦୁଇଟା ଗାଡ଼ିର ଶବ୍ଦ — ଜଣେ ଦୁଇଜଣ ସୁରାପହୃତ କାମିନୀର ଅସମ୍ବଦ୍ଧ ଗୀତ ଶବ୍ଦ । ମୁଁ ହୀରାଲାଲକୁ ହଠାତ୍ ପଚାରିଲି—'ହୀରାଲାଲ ବାବୁ, ଆପଣଙ୍କ ଶରୀରରେ ଶକ୍ତି କପରି' ? ହୀରାଲାଲ ଟିକିଏ ବିସ୍ମିତ ହେଲା—କହିଲା, 'କାହିଁକି' ?

ମୁଁ କହିଲି—'ପଚାରୁଛି' ।

ହୀରାଲାଲ କହିଲା, 'ତା ମନ୍ଦ ନୁହେଁ' ।

ମୁଁ—ତୁମ ହାତରେ କ ବାଡ଼ି ?

ହୀରା—ତାଳଗଛର ।

ମୁଁ—ଭାଙ୍ଗି ପାରିବ ?

ହୀରା—ସାଧ୍ୟ ନୁହେଁ ।

ମୁଁ—ମୋ ହାତକୁ ଦେଲ ଦେଖିବା ।

Digitized by srujanika@gmail.com

ହୀରାଲାଲ ମୋ ହାତକୁ ବାଡ଼ ଦେଲା । ମୁଁ ତାକୁ ସୁନ୍ଦର ଉତ୍ତର ଦେଲି । ହୀରାଲାଲ ମୋର ବଳ ଦେଖି ବିସ୍ମିତ ହେଲା । ମୁଁ ଅଧଖଣ୍ଡ ତାକୁ ଦେଇ ଅଧଖଣ୍ଡ ନିଜେ ରଖିଲି । ତାର ବାଡ଼ିଟି ଭାଙ୍ଗି ଦେଇ ଦେଖି ହୀରାଲାଲ ରାଗିଗଲା । ମୁଁ କହିଲି, 'ମୁଁ ଏବେ ନିଶ୍ଚିନ୍ତ ହେଲି' । ରାଗ-ନାହିଁ । ତୁମେ ମୋର ବଳ ଦେଖିଲ—ମୋ ହାତରେ ଏହି ଅଧଖଣ୍ଡ ବାଡ଼ି ଦେଖିଲ—ତୁମର ଲଜ୍ଜା ଥିଲେ ତୁମେ ମୋ ଉପରେ କୌଣସି ଅତ୍ୟାଚାର କରିବାକୁ ସାହସ କରିବ ନାହିଁ ।

• ସପ୍ତମ ପରିଚ୍ଛେଦ

ହୀରାଲାଲ ଜଗନ୍ନାଥ ଘାଟକୁ ଯାଇ ନୌକା କଲା । ରାତି ସମୟରେ ଦକ୍ଷିଣା ପବନରେ ପାଲ ବାନ୍ଧିଲା । ସେ କହିଲା ସେମାନଙ୍କର ପିତ୍ରାଳୟ ହୁଗୁଳି । ମୁଁ ତାହା ପଚାରିବାକୁ ଭୁଲି ଯାଇଥିଲି ।

ରାସ୍ତାରେ ହୀରାଲାଲ କହିଲା, 'ଗୋପାଳ ସଙ୍ଗରେ ତୁମର ବାହାଘର ହେବନାହିଁ—ମୋତେ ବିବାହ କର' । ମୁଁ କହିଲି, 'ନା' ।

ହୀରାଲାଲ ବିଚାର ଆରମ୍ଭ କଲା । ତାହାର ବକ୍ତବ୍ୟ ଯେ (ବିଚାର ଦ୍ୱାରା ପ୍ରତିପନ୍ନ କଲା ଯେ) ତାପରି ସତ୍ପାତ୍ର ପୃଥିବୀରେ ଦୁର୍ଲଭ—ମୋ ପରି କୁପାତ୍ରୀ ପୃଥିବୀରେ ଦୁର୍ଲଭ । ମୁଁ ଉଭୟ ସ୍ୱୀକାର କଲି—ତଥାପି କହିଲି ଯେ 'ନା ତୁମକୁ ବିବାହ କରିବ ନାହିଁ' ।

ହୀରାଲାଲ ଭାରି ରାଗିଗଲା । କହିଲା, ଅନ୍ଧକୁ କିଏ ବିବାହ କରି-ବାକୁ ଚାହେଁ' ? ଏହା କହି ନୀରବ ହେଲା । ଉଭୟେ ନୀରବ ରହିଲୁଁ—ଏହିପରି ଭାବରେ ରାତି କଟିବାକୁ ଲାଗିଲା ।

ତାହାପରେ ଶେଷରାତରେ ହୀରାଲାଲ ହଠାତ୍ ନାଉରୀମାନଙ୍କୁ କହିଲା, 'ଏଇଠି ରଖ' । ନାଉରୀମାନେ ନୌକା ଲଗାଇଲେ—ନୌକା ତଳେ ଭୂମି-ସ୍ପର୍ଶର ଶବ୍ଦ ଶୁଣିଲି । ହୀରାଲାଲ ମୋତେ କହିଲା, ଓହ୍ଲାଅ—ପହଞ୍ଚିଲୁ'—ସେ ମୋର ହାତ ଧରି ଓହ୍ଲାଇଲା । ମୁଁ କୂଳରେ ଛିଡ଼ା ହେଲି ।

Digitized by srujanika@gmail.com

ତାହାପରେ ଶବ୍ଦ ଶୁଣିଲି । ଯେପରି ହୀରାଲାଲ ପୁଣି ନୌକାକୁ ଉଠିଲା । ନାଉରୀ ମାନଙ୍କୁ କହିଲା, 'ଦିଅ, ନୌକା ଖୋଲି ଦିଅ' । ମୁଁ ପଚାରିଲି,'ଇଏ କିଏ ? ମୋତେ ଓହ୍ଲାଇ ଦେଇ ନୌକା ଖୋଲି ଦେଲ କାହିଁକି ?'

ହୀରାଲାଲ କହିଲା, 'ନିଜ ପଥ ନିଜେ ଦେଖ' । ନାଉରୀମାନେ ନୌକା ଖୋଲିବାକୁ ଲାଗିଲେ—ଶବ୍ଦ ଶୁଣିଲି । ମୁଁ ସେତେବେଳେ କାତର ହୋଇ କହିଲି, 'ତୁମେ ନୌକା ନେଉଛ, ମୁଁ ଅନ୍ଧ- ପଥ ଏକାକୀ ମୋତେ ଘୁରିବି, କେବେ କାହାର ଘର ପର୍ଯ୍ୟନ୍ତ ମୋତେ ଟାଣିଆଣି ଦେଇ ଯାଅ । ମୁଁ ତ ଏଠାକୁ କେବେ ଆସିନାହିଁ—ଏଠାକାର ରାସ୍ତାଘାଟ ଚିହ୍ନିବି କିପରି ?'

ହୀରାଲାଲ କହିଲା, 'ମୋତେ ବିବାଦ କରିବାକୁ ସମୟ ଅଛି ?' କହିଲି, 'ତୁମେ ଯାଅ, ତୁମ ପାଖରୁ କୌଣସି ଉପକାର ପାଇବି ନାହିଁ—ପ୍ରଭାତ ହେଲେ ତୁମ ଅପେକ୍ଷା ଦୟାଳୁ ଶତ ଶତ ଲୋକଙ୍କର ସାକ୍ଷାତ ପାଇବି । ସେମାନେ ଅନ୍ଧ ପ୍ରତି ତୁମ ଅପେକ୍ଷା ବେଶି ଦୟା କରିବେ ।'

ହୀରା—ଦେଖା ପାଇଲେ ତ ? ଏହା ଯେ ଚଡା ! ଚାରିପଟେ ପାଣି । ମୋତେ ବାଧା ହେବ ?'

ହୀରାଲାଲର ନୌକା ସେତେବେଳେ କିଛିଦୂର ବାହାରି ଯାଇଥିଲା । ଶ୍ରବଣଶକ୍ତି ମୋର ଜୀବନାବଲମ୍ବନ-ଶ୍ରବଣହିଁ ମୋର ଚକ୍ଷୁର କାର୍ଯ୍ୟ କରେ । କେହି କଥା କହିଲେ—କେତେ ଦୂରରେ, କେଉଁଆଡେ କଥା କହୁଛି ତାହା ଅନୁଭବ କରିପାରେ । ହୀରାଲାଲ କେଉଁଆଡେ ଓ କେତେ ଦୂରରେ ରହି କଥା କହୁଛି ତାହା ମନେମନେ ଅନୁମାନ କରି ପାଣିରେ ଓହ୍ଲାଇ ସେଇ- ଆଡେ ଦୌଡ଼ିଲି—ଇଚ୍ଛା, ନୌକା ଧରିବି । ବେକେ ପାଣି ପର୍ଯ୍ୟନ୍ତ ଗଲି, ନୌକା ପାଇଲି ନାହିଁ ନୌକା ଆହୁରି ବେଶି ପାଣିରେ । ନୌକା ଧରି- ବାକୁ ଗଲେ ବୁଡି ମରିବି ।

ତାଳଗଛର ବାଡି ସେପର୍ଯ୍ୟନ୍ତ ହାତରେ ଥିଲା । ପୁଣି ଠିକ୍ କରି ଶବ୍ଦ ଅନୁଭବ କରି ବୁଝିଲି, ହୀରାଲାଲ ଏଆଡେ଼ । ଏତେ ଦୂରରୁ କଥା କହୁଛି । ପଛକୁ ଫେରି ଅଣ୍ଟାଏ ପାଣିକୁ ଆସି ଶବ୍ଦର ସ୍ଥାନ ଅନୁଭବ କରି ସବଳେ ସେହି ବାଡି ଫୋପାଡିଲି ।

ଚିତ୍କାର କରି ହୀରାଲାଲ ନୌକା ଉପରେ ପଡ଼ିଗଲା । 'ଖୁନ୍ ହୋଇଛି, ଖୁନ୍ ହୋଇଛି' କହି ନାଉରୀମାନେ ନୌକା ଖୋଲିଦେଲେ । ବାସ୍ତବିକ

Digitized by srujanika@gmail.com

ସେହି ପାପିଷ୍ଠ ଖୁନ୍ ହୋଇନାହିଁ । ସାଙ୍ଗେ ସାଙ୍ଗେ ତାହାର ମଧୁର ସ୍ୱର ଶୁଣି ପାରିଲି—'ନୌକା ବାହି ଚାଲିଲି'—ସେ ଉଚ୍ଚ ସ୍ୱରରେ ନଦୀର ନାଦ ଠେଲି ଠେଲି ଚାଲିଲା — ଅତି କଦର୍ଯ୍ୟ ଅଶ୍ରାବ୍ୟ ଭାଷାରେ ଝଙ୍କାର ତାହା କଳୁଷିତ କରି ଚାଲିଲା । ମୁଁ ସ୍ପଷ୍ଟ ଶୁଣି ପାରିଲି ଯେ ସେ ଶାସନ କରି କହୁଛି, ପୁଣି ଖବର କାଗଜ କରି ମୋ ନାମରେ ଆର୍ଟିକଲ ଲେଖିବ ।

• ଅଷ୍ଟମ ପରିଚ୍ଛେଦ

ସେହି ଜନହୀନ ରାତିରେ ମୁଁ ଅନ୍ଧ ଯୁବତୀ ଏକାକୀ ସେହି ଦ୍ୱୀପରେ ଛିଡ଼ା ହୋଇ ଗଙ୍ଗାର କଳକଳ ଜଳକଲ୍ଲୋଳ ଶୁଣିବାକୁ ଲାଗିଲି ।

ହାୟ ମଣିଷର ଜୀବନ ! କି ଅସାର ତୁ ! କାହିଁକି ଆସୁ, କାହିଁକି ଥାଉ—କାହିଁକି ଯାଉ ? ଏ ଦୁଃଖମୟ ଜୀବନ କାହିଁକି ? ଭାବିଲେ ଜ୍ଞାନ ରହେନାହିଁ । ଶଚୀନ୍ଦ୍ରବାବୁ ଦିନେ ତାଙ୍କର ମାତାକୁ ବୁଝାଉ ଥିଲେ—ସବୁକିଛି ନିୟମାଧୀନ । ମଣିଷର ଏହି ଜୀବନ କଣ କେବଳ ସେହି ନିୟମର ଫଳ ? ଯେଉଁ ନିୟମରେ ଫୁଲ ଫୁଟେ, ମେଘ ଉଠେ, ଚନ୍ଦ୍ର ଉଠେ—ଯେଉଁ ନିୟମରେ ଜଳ ବୁଦ୍‌ବୁଦ୍ ଭାସେ, ହସେ, ମିଳାଇ ଯାଏ, ଯେଉଁ ନିୟମରେ ଧୂଳି ଉଡ଼େ, ତୃଣ ପୋଡ଼େ, ପତ୍ର ଖସେ,—ସେହି ନିୟମରେ କଣ ମଣିଷ ଜୀବନ ଆବଦ୍ଧ, ସଂପୂର୍ଣ୍ଣ ବିଲୀନ ହୁଏ ? ଯେଉଁ ନିୟମର ଅଧୀନ ହୋଇ ସେହି ନଦୀଗର୍ଭସ୍ଥ କୁମ୍ଭୀର ଶୀକାରର ସନ୍ଧାନ କରୁଛି, ଯେଉଁ ନିୟମରେ ଏହି କ୍ଷୁଦ୍ର କୀଟଗୁଡ଼ିକ ଅନ୍ୟ କୀଟର ସନ୍ଧାନ କରି ବୁଲୁଛନ୍ତି, ସେହି ନିୟମର ଅଧୀନ ହୋଇ ମୁଁ ଶଚୀନ୍ଦ୍ର ପାଇଁ ପ୍ରାଣତ୍ୟାଗ କରିବାକୁ ବସିଛି ? ଧିକ୍ ପ୍ରାଣତ୍ୟାଗର, ଧିକ୍ ପ୍ରଣୟର ! ଧିକ୍ ମନୁଷ୍ୟ ଜୀବନର ! କାହିଁକି ଏହି ଗଙ୍ଗା ଜଳରେ ନିକ୍ଷେପ କରୁନାହିଁ ?

ଜୀବନ ଅସାର । ସୁଖ ନାହିଁ ବୋଲି ଅସାର ତାହା ନୁହେଁ । ଶିମୁଳୀ ଗଛରେ ଶିମୁଳୀ ଫୁଲହିଁ ଫୁଟିବ, ତାହା ବୋଲି ତାକୁ ଅସାର କହିବ ନାହିଁ ।

Digitized by srujanika@gmail.com

କିନ୍ତୁ ଆମାର କବେ ଏଥିମାଳିଁ ଯେ ଦୁଃଖହିଁ ଦୁଃଖର ପରିଣାମ—ତା'ପରେ ଆଉ କିଛି ନାହିଁ । ମୋର କର୍ମର ଦୁଃଖ ମୁଁ ଏକା ଭୋଗ କଲି, ଆନ କେହି ଜାଣିଲେ ନାହିଁ—କେହିଁ ବୁଝିଲେ ନାହିଁ—ଦୁଃଖ ପ୍ରକାଶର ଭାଷା ନାହିଁ ବୋଲି ତାହା କହି ପାରିଲି ନାହିଁ, ଶ୍ରୋତା ନାହିଁ ବୋଲି ତାହା ଶୁଣାଇ ପାରିଲି ନାହିଁ, ହୃଦୟସ୍ଥ ବୋଧଗମ୍ୟ ନାହିଁ ବୋଲି ତାହା ବୁଝାଇ ପାରିଲି ନାହିଁ । କେତେଦିନ ଶିମ୍ଳୀ ବୃକ୍ଷକୁ ସହସ୍ର ଶିମ୍ଳୀ ବୃକ୍ଷ ହୋଇ ପାରେ, କିନ୍ତୁ ତୁମର ଦୁଃଖରେ ଆଜି କେତେ ଜଣଙ୍କର ଦୁଃଖ ହେବ ? ପରର ଅନ୍ତଃକରଣ ମଧ୍ୟରେ ପର ପ୍ରବେଶ କରିପାରେ । ଏପରି କେତେ-ଜଣ ପୃଥିବୀରେ ଜନ୍ମ ହୋଇଛନ୍ତି ? ପୃଥିବୀରେ ଏପରି କିଏ ଜନ୍ମିଛି ଯେ ଅନ୍ୟ ପୁଷ୍ପରାଶିର ଦୁଃଖ ବୁଝିବ, କିଏ ଏପରି ଜନ୍ମ ହୋଇଛି ଯେ କ୍ଷୁଦ୍ର ହୃଦୟରେ ପ୍ରତି କଥାରେ, ପ୍ରତି ଶବ୍ଦରେ, ପ୍ରତି ବର୍ଣ୍ଣରେ କେତେ ଦୁଃଖ ସ୍ପନ୍ଦନର ତରଙ୍ଗ ଉଠେ, ତାହା ବୁଝି ପାରେ ? ସୁଖ-ଦୁଃଖ ? ହଁ ସୁଖବି ଅଛି । ଯେତେବେଳେ ଦେହି ମନରେ ଫୁଲର ବୋଝ ସାଙ୍ଗେ ସାଙ୍ଗେ ମହୁମାଛି ଦୌଡ଼ି ଆସି ଆମର ଗୃହ ମଧ୍ୟରେ ପ୍ରବେଶ କରେ, ସେତେ-ବେଳେ ସେ ଶଢ ଧାଙ୍ଗରେ କେତେ ସୁଖ ଉଚ୍ଛ୍ୱସିତ, କିଏ ବୁଝେ ? ଯେତେବେଳେ ଗିତ ବ୍ୟବସାୟୀମାର ଅଟ୍ଟାଳିକାରୁ ବାଦ୍ୟନିକ୍ୱଣ ସାନ୍ଧ୍ୟ ସମୀରଣରେ କର୍ଣ୍ଣକୁ ଆସେ, ସେତେବେଳେ ଆମର ସୁଖ କିଏ ବୁଝିଛି ? ଯେତେବେଳେ ବାମାଚରଣର ଦବେଇ କଥା ଫୁଟୁଥିଲା—ଜଳ କହିବାକୁ 'ତ' କହେ, ଲୁଗା କହିବାକୁ 'ଉଗା' କହେ, ରଜନୀ କହିବାକୁ 'ଜୁଂନୀ' କହେ, ସେତେବେଳେ ମୋ ମନରେ କେତେ ସୁଖ ଉଛୁଳୁ ଥିଲା । ତା' କିଏ ବୁଝି-ଥିଲା ? ମୋର ଦୁଃଖ ବା କିଏ ବୁଝିବ ? ଅନ୍ଧର ରୂପୋନ୍ମାଦ କିଏ ବୁଝିବ ? ଯେଉଁ ଦୁଃଖ ଦେଖାଯାଏ ନାହିଁ, ତାହା କିଏ ବୁଝିବ ? ବୁଝିଲେ ବୁଝିପାରେ କିନ୍ତୁ ଦୁଃଖ ଯେ । କେବେ ପ୍ରକାଶ କରିପାରିଲି ନାହିଁ, ଏ ଦୁଃଖ-କିଏ ବୁଝିବ ? ପୃଥିବୀରେ ଯେ ଦୁଃଖର ଭାଷା ନାହିଁ, ଏ ଦୁଃଖ କିଏ ବୁଝିବ ? ଛୋଟ ମୁହଁରେ ଯେ ବଡ଼ କଥା ତୁମ୍ଭେମାନେ ଭଲ ପାଅ ନାହିଁ । ଛୋଟ ଭାଷାରେ କ'ଣ ବଡ଼ ଦୁଃଖ ପ୍ରକାଶ କରାଯାଏ ? ଏପରି ଦୁଃଖ ଯେ, ମୋର ଯେ କି ଦୁଃଖ, ସେଥିରେ ହୃଦୟ ଧ୍ୱଂସ ହେଲେବି ସବୁ କିଛି ମନରେ ଭାବି ପାରେନା ।

ମନୁଷ୍ୟର ଭାଷାରେ ସେପରି କଥା ନାହିଁ । ମନୁଷ୍ୟର ସେପରି ଚିନ୍ତା-ଶକ୍ତି ନାହିଁ । ଦୁଃଖ ଭୋଗ କରେ କିନ୍ତୁ ଦୁଃଖଟା ବୁଝି ପାରେନା । ମୋର କି ଦୁଃଖ ? ତାହା କଣ ଜାଣେନା ।

Digitized by srujanika@gmail.com

କିନ୍ତୁ ହୃଦୟ ଫାଟି ଯାଉଛି । ସର୍ବଦା ଦେଖି ପାରିବ ଯେ ତୁମ୍ଭର ଦେହ ଶୀର୍ଣ୍ଣ ହେଉଛି, ବଳ ଅପହୃତ ହେଉଛି; କିନ୍ତୁ ତୁମ୍ଭର ଆନ୍ତରିକ ରୋଗ କଣ, ତାହା ଜାଣି ପାରୁନାହିଁ । ସେହିପରି ଅନେକ ସମୟରେ ଦେଖିବ ଯେ ଦୁଃଖରେ ତୁମ୍ଭର ବକ୍ଷ ବିଦୀର୍ଣ୍ଣ ହେଉଛି, ପ୍ରାଣ ବାହାର କରି ଦେଇ ଶୂନ୍ୟମାର୍ଗରେ ପଠାଇବାକୁ ଇଚ୍ଛା କରୁଛି—କିନ୍ତୁ ଦୁଃଖ କ'ଣ ତାହା ନିଜେ ବୁଝି ପାରୁନାହିଁ । ନିଜେ ବୁଝି ପାରୁନାହିଁ--ପର କଣ ବୁଝିବ ? ଏହା କଣ ସାମାନ୍ୟ ଦୁଃଖ ? ମିଛରେ କହ ଜୀବନ ଅସାର !

ମୁଁ କାହିଁକି ଜନ୍ମ ହେଲି ? କାହିଁକି ଅନ୍ଧ ହେଲି ? ଜନ୍ମ ହେଲି ତ ଶଚୀନ୍ଦ୍ରର ଯୋଗ୍ୟ ହୋଇ ପାରିଲି ନାହିଁ । ଯଦି ଶଚୀନ୍ଦ୍ରର ଯୋଗ୍ୟ ନ ହେଲି, ତେବେ ଶଚୀନ୍ଦ୍ରକୁ ଭଲ ପାଇଲି କାହିଁକି ? ଯଦି ଭଲ ପାଇଲି ତେବେ ତାଙ୍କ ପାଖରେ ରହି ପାରିଲି ନାହିଁ କାହିଁକି ? କଣ ପାଇଁ ଶଚୀନ୍ଦ୍ରକୁ ଭାବି ଗୃହତ୍ୟାଗ କରିବାକୁ ହେଲା ? ନିଃସହାୟ ଅନ୍ଧ ଗଙ୍ଗାନଦୀ ତଡ଼ାରେ ମରିବାକୁ ଆସିଲି କାହିଁକି ? କାହିଁକି ନଷ୍ଟବର୍ତ୍ତି ମୁହଁରେ କୁଟାଖିଏ ପରି ସଂସାର ସ୍ରୋତରେ ଅଜ୍ଞାତ ପଥରେ ଭାସି ବୁଲିଲି ? ଏ ସଂସାରରେ ଅନେକ ଦୁଃଖୀ ଅଛନ୍ତି, ମୁଁ ସର୍ବାପେକ୍ଷା ଦୁଃଖୀ କାହିଁକି ? ଏସବୁ କାହାର ଖେଳ ? ଦେବତାର ? ଜୀବର ଏତେ କଷ୍ଟରେ ଦେବତାଙ୍କର କି ସୁଖ ? ମୂର୍ତ୍ତିମନ୍ତ ନିର୍ଦ୍ଦୟତାକୁ କାହିଁକି ଦେବତା କହିବି ? କାହିଁକି ନିଷ୍ଠୁରତାର ପୂଜା କରିବି ? ମନୁଷ୍ୟର ଏତେ ଭୟାନକ ଦୁଃଖ କେବେହେଲେ ଦେବକୃତ ନୁହେଁ — ତାହାହେଲେ ଦେବତା ରାକ୍ଷସଠାରୁ ସହସ୍ର ଗୁଣରେ ନିକୃଷ୍ଟ । ତେବେ ମୋର କର୍ମଫଳ କଣ ? କେଉଁ ପାପରେ ମୁଁ ଜନ୍ମାନ୍ଧ ?

ଦୁଇ ଏକପାଦ କରି ଅଗ୍ରସର ହେବାକୁ ଲାଗିଲି । ମରିବି । ଗଙ୍ଗାର ତରଙ୍ଗ ରବ କାନରେ ବାଜିଲା — ବୋଧହୁଏ ମରି ପାରିବି ନାହିଁ — ମୁଁ ମିଷ୍ଟ ଶବ୍ଦ ଶୁଣି ଭଲ ପାଏଁ । ନା, ମରିବି । ଓଠ ବୁଡ଼ିଲା । ଅଧର ବୁଡ଼ିଲା । ଆଉ ଟିକେ ମାତ୍ର । ନାକ ବୁଡ଼ିଲା । ଆଖି ବୁଡ଼ିଲା । ମୁଁ ବୁଡ଼ିଲି ।

ବୁଡ଼ିଲି, କିନ୍ତୁ ମଲିନାହିଁ । କିନ୍ତୁ ଏ ଯନ୍ତ୍ରଣାମୟ ଜୀବନଚରିତ ଆଉ କହିବାକୁ ଇଚ୍ଛା ହେଉନି । ଆଉ ଜଣେ କହିବ ।

ମୁଁ ସେହି ପ୍ରଭାତ ବାୟୁ ତାଡ଼ିତ ଗଙ୍ଗାଜଳ ମଧ୍ୟରେ ନିମଗ୍ନ ହୋଇ ଭାସି ଭାସି ବୁଲିଲି । କ୍ରମେ ଶ୍ୱାସ ନିଶ୍ଚେଷ୍ଟ, ଚେତନା ବିନଷ୍ଟ ହୋଇ ଆସିଲା ।

Digitized by srujanika@gmail.com

ଦ୍ୱିତୀୟ ଖଣ୍ଡ

(ଅମରନାଥର କଥା)

• ପ୍ରଥମ ପରିଚ୍ଛେଦ

ମୋର ଏହି ଅସାର ଜୀବନର କ୍ଷୁଦ୍ର କାହାଣୀ ଲେଖିବାକୁ ବିଶେଷ ପ୍ରୟୋଜନ ଅଛି । ଏ ସଂସାର ସାଗରର କୌଣସି ଚଡ଼ାରେ ଲଗି ମୋର ଯେଉଁ ନୌକା ଭାଙ୍ଗିଛି, ତାହା ମୁଁ ଏହି ବିଶ୍ୱ ଚିତ୍ରରେ ଅଙ୍କି ରଖିବି । ଦେଖି ନବୀନ ନାବିକମାନେ ସତର୍କ ହୋଇ ରହିବେ ।

ମୋର ନିବାସ—ଅଥବା ପିତ୍ରାଳୟ ଶାନ୍ତିପୁର । ମୋର ବର୍ତ୍ତମାନ ବାସସ୍ଥାନର କୌଣସି ସ୍ଥିରତା ନାହିଁ । ମୁଁ ସତ୍—କାୟସ୍ଥ କୁଳୋଦ୍‌ଭୂତ । କିନ୍ତୁ ପିତୃକୁଳରେ ଗୁରୁତର କଳଙ୍କ ଘଟିଥିଲା । ମୋର ଖୁଡ଼ୁତାଙ୍କ ପତ୍ନୀ

Digitized by srujanika@gmail.com

କୁଳତ୍ୟାଗୀମା ହୋଇଥିଲେ । ମୋ ପିତାଙ୍କର ଭୂମସମ୍ପତ୍ତି ଯାହା ଥିଲା, ତଦ୍ୱାରା ଅନ୍ୟ ଉପାୟ ଅବଲମ୍ବନ ନ କରି ମଧ୍ୟ ସଂସାର ଯାତ୍ରା ନିର୍ବାହ କରାଯାଏ । ଲୋକେ ତାଙ୍କୁ ଧନୀ ବୋଲି ଗଣନା କରନ୍ତି । ସେ ମୋର ଶିକ୍ଷାପାଇଁ ଅନେକ ଧନ ବ୍ୟୟ କରିଥିଲେ । ମୁଁ ମଧ୍ୟ କିଂଚିତ୍ ବିଦ୍ୟା ଶିକ୍ଷା କରିଥିଲି — କିନ୍ତୁ ସେ କଥାରେ ଦରକାର ନାହିଁ । ସର୍ପର ମଣି ଥାଏ, ମୋର ବି ବିଦ୍ୟା ଥିଲା ।

ମୋର ବିବାହ ଯୋଗ୍ୟ ବୟସ ଉପସ୍ଥିତ ହେବାରୁ ମୋର ଅନେକ ସମ୍ବନ୍ଧ ଆସିଲା । କିନ୍ତୁ କୌଣସି ସମ୍ବନ୍ଧ ପିତାଙ୍କର ମନୋନୀତ ହେଲାନାହିଁ । ତାଙ୍କର ଇଚ୍ଛା କନ୍ୟା ପରମାସୁନ୍ଦରୀ ହେବ, କନ୍ୟାର ପିତା ପରମ ଧନୀ ହେବେ ଏବଂ କୌଳୀନ୍ୟର ନିୟମ ବି ବଜାୟ ଥିବ । କିନ୍ତୁ ଏପରି କୌଣସି ସମ୍ବନ୍ଧ ହେଲାନାହିଁ । ଅସଲ କଥା ଆମର କୁଳ କଳଙ୍କ ଶୁଣି କୌଣସି ବଡ଼ଲୋକ ମୋତେ କନ୍ୟା ଦାନ କରିବାକୁ ସମ୍ମତ ହେଲେନାହିଁ ଏହିପରି ସମ୍ବନ୍ଧ କରୁ କରୁ ପିତାଙ୍କର ପରଲୋକ ପ୍ରାପ୍ତି ହେଲା ।

ପରିଶେଷରେ ପିତାଙ୍କର ସ୍ୱର୍ଗାରୋହଣ ପରେ ମୋର ଜଣେ ପିଉସୀ ଗୋଟିଏ ସମ୍ବନ୍ଧ ଉପସ୍ଥାପନ କଲେ । ଗଙ୍ଗା ସେ ପାରିରେ କାଳିକାପୁର ନାମରେ ଗୋଟିଏ ଗ୍ରାମ ଥିଲା । ଏହି ଇତିହାସରେ ଭବାନୀନଗର ନାମକ ଅନ୍ୟ ଏକ ଗ୍ରାମର ନାମ ଉତ୍ଥାପିତ ହେବ — କାଳିକାପୁର ସେହି ଭବାନୀନଗର ନିକଟସ୍ଥ ଗ୍ରାମ । ମୋର ପିଉସୀର ଶ୍ୱଶୁର ଘର ସେହି କାଳିକାପୁରରେ । ସେଠାରେ କୌଣସି ଭଦ୍ରଲୋକଙ୍କର ଲବଙ୍ଗ ନାମ୍ନୀ କନ୍ୟା ସଙ୍ଗରେ ପିଉସୀ ମୋର ସମ୍ବନ୍ଧ ଉପସ୍ଥାପିତ କଲେ ।

ସମ୍ବନ୍ଧ ପୂର୍ବରୁ ମୁଁ ସର୍ବଦା ଲବଙ୍ଗକୁ ଦେଖି ପାରୁଥିଲି । ମୋର ପିଉସୀଙ୍କ ଘରକୁ ମୁଁ ମଝିରେ ମଝିରେ ଯାଏ । ଲବଙ୍ଗକୁ ପିଉସୀ ଘରେବି ଦେଖେ । ତାର ପିତାଳୟରେବି ଦେଖେ । ମଝିରେ ମଝିରେ ଲବଙ୍ଗକୁ ବର୍ଣ୍ଣବୋଧରୁ 'କ' ରେ 'କରତ', 'ଖ'ରେ 'ଖର' ଶିଖାଏଁ । ଯେତେବେଳେ ତାହା ସଙ୍ଗରେ ମୋର ସମ୍ବନ୍ଧ ହେଲା, ସେ ଦିନରେ ମୋ ପାଖକୁ ସେ ଆଉ ଆସେନା । କିନ୍ତୁ ସେହି ସମୟରେ ମୁଁ ବି ତାଙ୍କୁ ଦେଖିବା ପାଇଁ ବେଶି ଉତ୍ସୁକ ହୋଇ ଉଠିଲି । ସେତେବେଳେ ଲବଙ୍ଗର ବିବାହର ବୟଃକ୍ରମ ଉତ୍ତୀର୍ଣ୍ଣ ହୋଇଥିଲା । ଲବଙ୍ଗ କଳିକା ପ୍ରସ୍ଫୁଟିତ ହେଉଥିଲା । ଚକ୍ଷୁର ଚାହାଣୀ ଚଞ୍ଚଳ ଅଥଚ ସ୍ଥିର ହୋଇ ଆସୁଥିଲା । ଓଠ ହାସ୍ୟ ମୃଦୁ ଏବଂ ବ୍ରୀଡ଼ାଯୁକ୍ତ ହୋଇ ଉଠିଥିଲା—ଭ୍ରୂଭଙ୍ଗୀ

Digitized by srujanika@gmail.com

ମନ୍ଦିର ହୋଇ ଆସିଥିଲା । ମୁଁ ମନେକରେ ଏପରି ସୌନ୍ଦର୍ଯ୍ୟ କେବେ ଦେଖିନାହିଁ । ଏ ସୌନ୍ଦର୍ଯ୍ୟ ଯୁବତୀର ଭାଗ୍ୟରେ କେବେ ଘଟେନା । ବସ୍ତୁତଃ ଅଙ୍ଗର କମନୀଶର ଅଥଚ ଅଭ୍ରାନ୍ତ ଯୌବନର ସୌନ୍ଦର୍ଯ୍ୟ ଅଙ୍କ-ଠିବାକ୍ ଶିଳ୍ପୀର ସୌନ୍ଦର୍ଯ୍ୟ, ଏହାହିଁ ମନୋହର ଯୌବନର ସୌନ୍ଦର୍ଯ୍ୟ ତାରୁଣ୍ୟ ନୁହେଁ ! ଯୌବନରେ ବସନ ଭୂଷଣର ଆଡମ୍ବର, ହସ ଓ ଗୁହାଣୀର ଛଟା —ଦୋଳାୟିତ ବେଣୀ, ବଙ୍କାଲ ବଙ୍କାଲ ବାହୁ, ଦୋଳା-ୟିତ ଗ୍ରୀବା, କଥାର ଛନ୍ଦ—ଯୁବତୀର ରୂପର ବିକାଶ ଏକ ପ୍ରକାର ଦୋକାନ ଦେଖା । ଆଉ ଆମେ ଯେଉଁ ଆଖିରେ ସେ ସୌନ୍ଦର୍ଯ୍ୟ ଦେଖୁ, ତାହାର ବିକୃତ । ସେ ସୌନ୍ଦର୍ଯ୍ୟର ଉପଭୋଗ ଇନ୍ଦ୍ରିୟ ସହିତ ସମ୍ବନ୍ଧଯୁକ୍ତ ଚିତ୍ତବିକାର ସଙ୍ଘର୍ଷ ମାତ୍ର ନାହିଁ । ସେହି ସୌନ୍ଦର୍ଯ୍ୟହିଁ ସୌନ୍ଦର୍ଯ୍ୟ ।

ଏହି ସମୟରେ ଆମର ସ୍କୁଲର ଲବଙ୍ଗ କନ୍ୟାକର୍ତ୍ତାଙ୍କ କର୍ଣ୍ଣରେ ପ୍ରବେଶ କଲା । ସମ୍ବନ୍ଧ ଭାଙ୍ଗିଗଲା । ମୋର ହୃଦୟ ମଧୁକରୀ ଏହି ଲବଙ୍ଗଲତାରେ ବସିଥିଲା—ଏହି ସମୟରେ ଭବାନୀ ନଗରର ରାମସଦୟ ମିତ୍ର ଆସି ଲବଙ୍ଗଲତାଙ୍କୁ ଛିଣ୍ଡାଇ ନେଇଗଲା । ତାହା ମାଘରେ ଲବଙ୍ଗ-ଲତାର ବିବାହ ହେଲା । ଲବଙ୍ଗ ଲତାରେ ନିରାଶ ହୋଇ ମୁଁ ଅତି କ୍ଷୁବ୍ଧ ହେଲି ।

ଏହାର କେତେବର୍ଷ ପରେ ଏପରି ଗୋଟିଏ ଘଟଣା ଘଟିଲା ଯେ ତାହା ମୁଁ କହି ପାରୁନାହିଁ । ସେହିଦିନରୁ ମୁଁ ଗୃହତ୍ୟାଗ କଲି । ସେ ଦିନରୁ ନାନା ଦେଶରେ ଭ୍ରମଣ କରି ବୁଲେ । କେଉଁଠି ସ୍ଥାୟୀ ହୋଇ ପାରେ ନାହିଁ !

କେଉଁଠି ସ୍ଥାୟୀ ହୋଇନାହିଁ । କିନ୍ତୁ ମନେକଲେ ସ୍ଥାୟୀ ହୋଇ ପାରନ୍ତି । ମନ କଲେ କୁଳୀନ ବ୍ରାହ୍ମଣ ଅପେକ୍ଷା ଅଧିକ ବିବାହ କରି ପାରନ୍ତି । ମୋର ସବୁ ଥିଲା—ଧନ, ସମ୍ପତ୍ତି, ବୟସ, ବିଦ୍ୟା, ବାହୁବଳ କୌଣସିଥିରେ ଅଭାବ ନ ଥିଲା । ଅଦୃଷ୍ଟ ଦୋଷରୁ, ଦିନକର ଦୁର୍ବୁଦ୍ଧି ଦୋଷରୁ, ସବୁ ତ୍ୟାଗ କରି ମୁଁ ଏହି ସୁଖମୟ ଗୃହ, ଏହି ଉଦ୍ୟାନତୁଲ୍ୟ ପୁଷ୍ପମୟ ସଂସାର ତ୍ୟାଗ କରି ବାତ୍ୟା ତାଡ଼ିତ ପତଙ୍ଗ ପରି ଦେଶକୁ ଦେଶ ବୁଲିଲି । ମୁଁ ମନେ କଲେ ମୋର ସ୍ନେହ ଜନ୍ମଭୂମିରେ ରମ୍ୟଗୃହ ରମ୍ୟସଜ୍ଜାରେ ସଜାଇ ରଙ୍ଗୀନ ପବନରେ ସୁଖର ନିଶାଣ ଉଡ଼ାଇ ଦେଇ ହସର ବାଣରେ ଦୁଃଖ ରାକ୍ଷସକୁ ବଧ କରି ପାରନ୍ତି । କିନ୍ତୁ— ବର୍ତ୍ତମାନ ତାହା ଘଟିବ, କାହିଁକି କଲିନାହିଁ ? ସୁଖଦୁଃଖର ବିଧାନ

Digitized by srujanika@gmail.com

ପର ହାତରେ, କିନ୍ତୁ ମନ ତ ମୋର—ତରଙ୍ଗରେ ନୌକା ବୁଡ଼ିଲି ବୋଲି କାହିଁକି ବୁଡି ରହିଲି ? ପନିଁରେ କୂଳକୁ ଆସି ହୁଏ । ଆଉ ଦୁଃଖ-ଦୁଃଖ କଣ ? ମନର ଅବସ୍ଥା- ସେତ ନିଜର ଆୟତ୍ତ—ସୁଖଦୁଃଖ ପର ହାତରେ ନା ମୋ ନିଜ ହାତରେ ? ପର କେବଳ ବହିର୍ଜଗତର କର୍ତ୍ତା—ଅନ୍ତ-ର୍ଜଗତର ମୁଁ ଏକମାତ୍ର କର୍ତ୍ତା । ମୋର ରାଜ୍ୟ ନେଇ ମୁଁ ସୁଖୀ ହୋଇ ପାରେନା କାହିଁକି ? ଜଡ଼ ଜଗତ ଜଡ଼ ଜଗତ, ଅନ୍ତର୍ଜଗତ କଣ ଜଗତ ନୁହେଁ ? ନିଜ ମନ ଅନୁସାରେ କଣ ରହି ହୁଏନାହିଁ ? ତୁମର ବାହ୍ୟ ଜଗତରେ କେତୋଟି ସାମଗ୍ରୀ ଅଛି, ମୋର ଅନ୍ତରରେ କଣ ତା ନାହିଁ ? ମୋର ଅନ୍ତରରେ ଯାହାବା ଅଛି, ତାହା ତୁମର ବାହ୍ୟ ଦେଖାଇବ, ସାଧ୍ୟ କଣ ? ଯେଉଁ କୁସୁମ ଏ ମୃତ୍ତିକାରେ ଫୁଟେ, ଯେଉଁ ବାୟୁ ଏହି ଆକାଶରେ ବହେ, ଯେଉଁ ଚନ୍ଦ୍ର ଏହି ଗଗନରେ ଉଠେ, ଯେଉଁ ସାଗର ଏ ଅନ୍ଧକାରରେ ମାତେ, ତୁମର ବାହ୍ୟ ଜଗତରେ ତାହା କେଉଁଠି ?

ତେବେ କାହିଁକି ସେହି ନିଶୀଥ ସମୟରେ ସୁସୁପ୍ତା ସୁନ୍ଦରୀର ସୌନ୍ଦର୍ଯ୍ୟ ପ୍ରଭା—ଦୂର ହେଉ ! ଦିନେ ନିଶୀଥ ସମୟରେ—ଏହି ଅସୀମ ପୃଥିବୀ ହଠାତ୍ ମୋର ଚକ୍ଷୁ ସମ୍ମୁଖରେ କ୍ଷୁଦ୍ର ହୋଇଗଲା—ମୁଁ ଲୁଚେଇବାକୁ ସ୍ଥାନ ପାଇଲି ନାହିଁ—ଦେଶ ଦେଖି ବୁଲିଲି ।

• ଦ୍ୱିତୀୟ ପରିଚ୍ଛେଦ

କାଳର ଶୀତଳ ପ୍ରଲେପରେ ସେହି ହୃଦୟ କ୍ଷତ କ୍ରମେ ପୂରି ଉଠିବାକୁ ଲାଗିଲା । କାଶୀଧାମରେ ଗୋବିନ୍ଦକାନ୍ତ ଦତ୍ତ ନାମକ ଜନୈକ ସଚ୍ଚରିତ୍ର ଅତି ପ୍ରାଚୀନ ସମ୍ଭ୍ରାନ୍ତ ବ୍ୟକ୍ତି ସହିତ ମୋର ଆଳାପ ହେଲା । ସେ ବହୁଦିନ ହେଲା କାଶୀବାସ କରି ଅଛନ୍ତି ।

Digitized by srujanika@gmail.com

ଏକଦା ତାଙ୍କ ମାନଙ୍କର କଥୋପକଥନ ସମୟରେ ପୁଲିସର ଅତ୍ୟାଚାରର କଥା ପ୍ରସଙ୍ଗକ୍ରମେ ଉତ୍ଥାପିତ ହେଲା । ପୁଲିସର ଅତ୍ୟାଚାରଘଟିତ ଅନେକ ଗଳ୍ପ କହିଲେ । ତା'ର ସାରମର୍ମ ଏହି:-

ହରେକୃଷ୍ଣ ଦାସ ନାମକ ଆମ ଗ୍ରାମରେ ଜଣେ ଦରିଦ୍ର କାୟସ୍ଥ ଥିଲା । ତାର ଗୋଟିଏ କନ୍ୟା ବ୍ୟତୀତ ଅନ୍ୟ ସନ୍ତାନ ନ ଥିଲା । ତା'ର ପତ୍ନୀର ମୃତ୍ୟୁ ହୋଇଥିଲା । ତାର କନ୍ୟାର କେତେକ ସ୍ୱର୍ଣ୍ଣାଲଂକାର ଥିଲା । ଲୋଭବଶତଃ ତାହା ସେ ଝିଅକୁ ଦେଇନାହିଁ । କିନ୍ତୁ ଯେତେବେଳେ ମୃତ୍ୟୁ ଉପସ୍ଥିତ ହେଲା, ସେତେବେଳେ ସେହି ଅଳଙ୍କାର ଗୁଡ଼ିକ ସେ ମୋତେ ଡାକି ମୋ ପାଖରେ ରଖିଲା । କହିଲା ଯେ 'ମୋର କନ୍ୟାର ଜ୍ଞାନ ହେଲେ ତାକୁ ଦେବ—ବର୍ତ୍ତମାନ ଦେଲେ ରାଜଚନ୍ଦ୍ର ଏହା ଆତ୍ମସାତ୍ କରିବ' । ମୁଁ ରାଜି ହେଲି । ପରେ ହରେକୃଷ୍ଣର ମୃତ୍ୟୁ ହେବାରୁ ସେ ନିଃସନ୍ତାନ ହୋଇ ମରିଛି ବୋଲି ନନ୍ଦୀ ଭୃଙ୍ଗୀ ସାଙ୍ଗରେ ଦେବାଧିଦେବ ମହାଦେବ ଦାରୋଗା ମହାଶୟ ଆସି ଉପସ୍ଥିତ ହେଲେ । ହରେକୃଷ୍ଣର ବାସନକୁସନ ନିଃସନ୍ତାନ ବୋଲି ହସ୍ତଗତ କଲେ । କେହି କେହି କହିଲେ ଯେ ହରେକୃଷ୍ଣ ନିଃସନ୍ତାନ ନୁହେଁ—କଲିକତାରେ ତାର କନ୍ୟା ଅଛି । ଦାରୋଗା ମହାଶୟ ତାଙ୍କୁ କଟୁକଥା କହି ଆଜ୍ଞା କଲେ, 'ସନ୍ତାନ ଥିଲେ ହଜୁରରେ ହାଜର ହେବ ।' ସେତେବେଳେ ମୋର ଜଣେ ଦୁର୍ଜନ ଶତ୍ରୁ ସୁଯୋଗ ମନେକରି କହିଦେଲେ ଯେ ଗୋବିନ୍ଦ ଦତ୍ତ ପାଖରେ ଏହାର ସ୍ୱର୍ଣ୍ଣାଲଂକାର ଅଛି । ମୋତେ ତଲବ ହେଲା । ମୁଁ ସେତେବେଳେ ଦେବାଧିଦେବଙ୍କ ପାଖକୁ ଆସି ଯୁକ୍ତ କରେ ଛିଡ଼ା ହେଲି । କିଛି ଗାଳି ଖାଇଲି, ଆସାମୀ ଶ୍ରେଣୀରେ ଗଣନା ହେବାର ଗତି ଦେଖିଲି, କହିବି କଣ ? ମାଡପିଟର ଉଦ୍ୟମ ଦେଖି ଅଳଙ୍କାର ଗୁଡ଼ିକ ସବୁ ଦାରୋଗା ମହାଶୟଙ୍କ ପାଦପଦ୍ମରେ ଢାଳି ଦେଲି । ତାହା ଉପରେ ପଚିଶ ଟଙ୍କା ନଗଦ ଦେଇ ନିସ୍ତାର ପାଇଲି ।

କହିବା ବାହୁଲ୍ୟ ଯେ ଦାରୋଗା ମହାଶୟ ଅଳଙ୍କାର ଗୁଡ଼ିକ ନିଜ କନ୍ୟାର ବ୍ୟବହାରାର୍ଥେ ନିଜାଳୟକୁ ପ୍ରେରଣ କଲେ । ସାହେବଙ୍କ ପାଖରେ ସେ ରିପୋର୍ଟ କଲେ ଯେ ହରେକୃଷ୍ଣଙ୍କର ଗୋଟିଏ ଲୋଟା ଓ ଖଇଣ୍ଟଃ ଭିନ୍ନ ଅନ୍ୟ କୌଣସି ସମ୍ପତ୍ତି ନାହିଁ ଏବଂ ସେ ନିଃସନ୍ତାନ ହୋଇ ମରିଛି, ତାହାର କେହି ନାହିଁ ।

Digitized by srujanika@gmail.com

ହରେକୃଷ୍ଣ ଦାସଙ୍କର ନାମ ଶୁଣିଥିଲି । ମୁଁ ଗୋବିନ୍ଦ ବାବୁଙ୍କୁ ପଚାରିଲି ଯେ ସେହି ହରେକୃଷ୍ଣ ଦାସଙ୍କର ଗୋଟିଏ ଭୃତ୍ୟର ନାମ ମନୋହର ଦାସ ନା ?

ଗୋବିନ୍ଦ ବାବୁ କହିଲେ, ହଁ, ଆପଣ କିପରି ଜାଣିଲେ ? ମୁଁ ବିଶେଷ କିଛି କହିଲି ନାହିଁ । ପଚାରିଲି, ହରେକୃଷ୍ଣର ଶ୍ୱଶୁରର ନାମ କଣ ? ଗୋବିନ୍ଦ ବାବୁ କହିଲେ, ରାଜଚନ୍ଦ୍ର ଦାସ । ମୁଁ—ତାର ଘର କେଉଁଠି ? ଗୋବିନ୍ଦ ବାବୁ କହିଲେ, କଲିକତାରେ । କିନ୍ତୁ କେଉଁ ସ୍ଥାନରେ ମୁଁ ତାହା ଭୁଲି ଯାଇଛି । ମୁଁ ପଚାରିଲି, କନ୍ୟାର ନାମ କଣ ଜାଣନ୍ତି ? ଗୋବିନ୍ଦ ବାବୁ କହିଲେ, ହରେକୃଷ୍ଣ ତାହାର ନାମ ରଜନୀ ରଖିଥିଲେ । ଏହାର ଅଳ୍ପଦିନ ପରେ ମୁଁ କାଶୀ ତ୍ୟାଗ କଲି ।

• ତୃତୀୟ ପରିଚ୍ଛେଦ

ପ୍ରଥମେ ମୋତେ ବୁଝିବାକୁ ହେଉଛି, ମୁଁ କଣ ଚାହେଁ । ଚିତ୍ତ ମୋର ଦୁଃଖମୟ । ଏ ସଂସାର ମୋ ପକ୍ଷେ ଅନ୍ଧକାର । ଆଜି ମୋର ମୃତ୍ୟୁ ହେଲେ କାଲି ମୁଁ କିଛି ଚାହେଁନା । ଯଦି କିଛି ଦୁଃଖ ନିବାରଣ କରି ନ ପାରିଲି, ତେବେ ପୁରୁଷତ୍ୱ କଣ ? କିନ୍ତୁ ବ୍ୟାଧିର ଶାନ୍ତି କରିବାକୁ ଗଲେ ଆଗେ ବ୍ୟାଧିର ନିର୍ଣ୍ଣୟ ଚାହେଁ । ଦୁଃଖ ନିବାରଣ ପୂର୍ବରୁ ମୋର ଦୁଃଖ କଣ ତାହା ନିରୂପଣ ଆବଶ୍ୟକ ।

ଦୁଃଖ କଣ ? ଅଭାବ । ସବୁ ଦୁଃଖହିଁ ଅଭାବ । ରୋଗ ଦୁଃଖର କାରଣ, ରୋଗ ସ୍ୱାସ୍ଥ୍ୟର ଅଭାବ । ଅଭାବ ମାତ୍ରହିଁ ଦୁଃଖ ନୁହେଁ । ତାହା ଜାଣେ । ରୋଗର ଅଭାବ ଦୁଃଖ ନୁହେଁ । ଅଭାବ ବିଶେଷହିଁ ଦୁଃଖ ।

ମୋର ଅଭାବ କଣ ? ମୁଁ କ'ଣ ଚାହେଁ ? ଧନ ? ମୋର ଯଥେଷ୍ଟ ଅଛି । ଯଶଃ ? ପୃଥିବୀର ଏପରି କେହି ନାହିଁ ଯାହାର ଯଶ ନାହିଁ । ଯିଏ ପକ୍‌କା ଜୁଆଚୋର, ତାହାରବି ବୁଦ୍ଧି ସମ୍ବନ୍ଧରେ ଯଶ ଅଛି । ମୁଁ ଜଣେ

Digitized by srujanika@gmail.com

କଂସେଇରବି ଯଶ ଶୁଣିଛି—ମାଂସ ସମ୍ବନ୍ଧରେ ସେ କାହାରିକି ପ୍ରବଞ୍ଚନା କରେନା । ସେ କେବେହେଲେ ମେଣ୍ଢାମାଂସ ବୋଲି କାହାରିକୁ କୁକୁର ମାଂସ ଦେଇନାହିଁ । ଯଶ ସମସ୍ତଙ୍କର ଅଛି । ପୁଣି କାହାରିବି ଯଶ ସମ୍ପୂର୍ଣ୍ଣ ନୁହେଁ । ବେର୍କନ୍‌ର ଘୁସ୍‌ଖୋର ଅପବାଦ, ସକ୍ରେଟିସ୍‌ର ଅପଯଶ ହେତୁ ବଧଦଣ୍ଡାର୍ହ ହୋଇଥିଲେ । ଯୁଧିଷ୍ଠିର ଦ୍ରୋଣବଧରେ ମିଥ୍ୟାବାଦୀ—ଅର୍ଜୁନ ବଭ୍ରୁବାହନ କର୍ତ୍ତୃକ ପରାଭୂତ, କାଇଜରଙ୍କୁ ସେ ବିଥିନିସ୍ତାର ଗଣୀ କହନ୍ତି । ସେକଥା ଅଦ୍ୟାପି ପ୍ରଚଳିତ—ସେକ୍‌ସ୍‌ପିଅରଙ୍କୁ କଲ୍‌ଟେର୍ ବିଦୂଷକ ବୋଲି କହନ୍ତି । ମୁଁ ଯଶ ଚାହେଁନା ।

ଯଶ ସାଧାରଣ ଲୋକ ମୁହଁରେ, ସାଧାରଣ ଲୋକ କୌଣସି ବିଷୟରେ ବିଚାରକ ନୁହେଁ । କାହିଁକିନା ସାଧାରଣ ଲୋକ ମୂର୍ଖ—'ବା ସ୍ଥୂଳବୁଦ୍ଧି ସମ୍ପନ୍ନ । ମୂର୍ଖ ସ୍ଥୂଳବୁଦ୍ଧି ପାଖରେ ଯଶସ୍ୱୀ ହୋଇ ମୋର କି ସୁଖ ହେବ ? ମୁଁ ଯଶ ଚାହେଁ ନା ।

ମାନ ? ସଂସାରରେ ଏପରି ଲୋକ କିଏ ଅଛି ଯେ ସେ ମାନରେ ସୁଖୀ ହେବ ? ଯେଉଁ ଦୁଇ ଚାରିଜଣ ଅଛନ୍ତି, ସେମାନଙ୍କ ପାଖରେ ମୋର ମାନ ଅଛି । ଅନ୍ୟ ପାଖରେ ମାନ ଅପମାନ ମାତ୍ର । ରାଜଦରବାରରେ ମାନ—କେବଳ ଦାସତ୍ୱର ପ୍ରଧାନ ଚିହ୍ନ ବୋଲି ମୁଁ ଆଗ୍ରାହ୍ୟ କରେ । ମୁଁ ମାନ ଚାହେଁନା । ମାନ ଚାହେଁ କେବଳ ଅପମାନ ନିକଟରେ ।

ରୂପ ? କେତେଟିକେ ଚାହେଁ ? କିଛି ଚାହେଁ । ରୂପ ଯାହା ଅଛି ତାହାହିଁ ମୋର ଯଥେଷ୍ଟ ।

ସ୍ୱାସ୍ଥ୍ୟ ? ମୋର ସ୍ୱାସ୍ଥ୍ୟ ଅଦ୍ୟପି ଅନନ୍ତ ।

କୁହ—ଶକ୍ତି ନେଇ କ'ଣ କରିବି ? ପ୍ରହାର ପାଇଁ ବଳ ଆବଶ୍ୟକ । ମୁଁ କାହାରିକୁ ପ୍ରହାର କରିବାକୁ ଚାହେଁନା ।

ବୁଦ୍ଧି ଏ ସଂସାରରେ କେହି କେତେବେଳେ ବୁଦ୍ଧିର ଅଭାବ ଅଛି ବୋଲି ମନେ କରେନାହିଁ । ମୁଁ ବି କରେନା । ସମସ୍ତେ ନିଜକୁ ଅତ୍ୟନ୍ତ ବୁଦ୍ଧିମାନ ବୋଲି ଜାଣନ୍ତି । ମୁଁ ବି ଜାଣେ ।

ବିଦ୍ୟା ? ଏହାର ଅଭାବ ସ୍ୱୀକାର କରେ । କିନ୍ତୁ କେହି କେତେ-ବେଳେ ବିଦ୍ୟାର ଅଭାବରେ ନିଜକୁ ଅସୁଖୀ ମନେ କରେନାହିଁ । ମୁଁ ବି କରେନା ।

ଧର୍ମ ? ଲୋକେ କହନ୍ତି ଧର୍ମର ଅଭାବ ପରକାଳର ଦୁଃଖର କାରଣ । ଇହକାଳରେ ନୁହେଁ । ଲୋକମାନଙ୍କର ଚରିତ୍ର ଦେଖିବାକୁ ପାଏ । ଧର୍ମର

Digitized by srujanika@gmail.com

ଅଭାବ ଦୁଃଖ । ମୁଁ ଜାଣେ ସେ ମିଥ୍ୟା । କିନ୍ତୁ ଜାଣିବା ଧର୍ମ କାମନା କରେନା । ତାହା ମୋର ଦୁଃଖ ନୁହେଁ ।

ପ୍ରଣୟ ? ସ୍ନେହ ? ପ୍ରେମ ? ଏହାର ଅଭାବହିଁ ଦୁଃଖ । ନ ପାଇବା-ହିଁ ଦୁଃଖ । ସାକ୍ଷୀ ଲବଙ୍ଗଲତା ।

ତେବେ ଆପଣାର ଦୁଃଖ କେଉଁଥିରେ ? ମୋର ଅଭାବ କେଉଁଥିରେ ? ମୋର କ'ଣ କାମନା ଯେ ତାହା ଲାଭରେ ସଫଳ ହୋଇ ଦୁଃଖ ନିବାରଣ କରିବ । ମୋର କାମ୍ୟବସ୍ତୁ କଣ ?

ବୁଝିଛି, ମୋର କାମ୍ୟବସ୍ତୁର ଅଭାବ ମୋର ଦୁଃଖ । ମୁଁ ବୁଝିଛି ଯେ ସମସ୍ତ ହିଁ ଅସାର । ତେଣୁ କେବଳ ମୋର ଦୁଃଖ ସାର ।

• ଚତୁର୍ଥ ପରିଚ୍ଛେଦ

କଣ କାମ୍ୟ କିଛି ଖୋଜି ପାଏ ନାହିଁ । ଏହି ଅନନ୍ତ ସଂସାର । ଅସଂଖ୍ୟ ରତ୍ନରାଜିମୟ, ଏଥିରେ ମୋର ପ୍ରାର୍ଥନୀୟ କଣ କିଛି ନାହିଁ ? ଯେଉଁ ସଂସାରରେ ଦୂରବୀକ୍ଷଣୀୟ କ୍ଷୁଦ୍ର କୀଟପତଙ୍ଗ ଅନନ୍ତ କୌଶଳର ସ୍ଥାନ, ଅନନ୍ତ ଜ୍ଞାନ ଭଣ୍ଡାର, ଯେଉଁ ଜଗତରେ ପଥସ୍ଥ ବାଲୁକାର ଏକ ଏକ କଣା, ଅନନ୍ତରତ୍ନପ୍ରଭଃ ନଗାଧିରାଜର ଭଗ୍ନାଂଶ, ସେ ଜଗତରେ କଣ ମୋର କାମ୍ୟବସ୍ତୁ କିଛି ନାହିଁ ? ଦେଖ, ମୁଁ କେଉଁ ଛାର ଟିଣ୍ଡେଲ୍, ହକ୍ସଲି, ଡାର୍ବିନ୍, ଏବଂ ଲସଲ ଗୋଟିଏ ଆସନରେ ବସି ଜାବଜ୍ଜୀବନରେ ସେହି କ୍ଷୁଦ୍ର ମାହାର ବନ୍ଦୁର, ସେହି ବାଲୁକା କଣାର ବା ସେହି ଶିଅଳିକଣ୍ଟା ଫୁଲଟିର ଗୁଣ ବର୍ଣ୍ଣନା ସଂପୂର୍ଣ୍ଣ କରି ପାରେନା ତଥାପି ମୋର କାମ୍ୟବସ୍ତୁ ନାହିଁ ? ମୁଁ କ'ଣ ?

ଦେଖ, ଏହି ପୃଥିବୀରେ କେତେ କୋଟି ମନୁଷ୍ୟ ଅଛନ୍ତି, ତାହା କେହି ଗଣି ସଂଖ୍ୟା କରେନାହିଁ । ବହୁକୋଟି ମନୁଷ୍ୟ, ସନ୍ଦେହ ନାହିଁ । ସେଥିରୁ ଗୋଟିଏ ଗୋଟିଏ ମନୁଷ୍ୟ ଅସଂଖ୍ୟ ଗୁଣର ଆଧାର, ସମସ୍ତେ ଭକ୍ତି, ପ୍ରୀତି,

Digitized by srujanika@gmail.com

ଦୟା, ଧର୍ମାଦିର ଆଧାର—ସମସ୍ତେ ଅନୁସରଣୀୟ । ମୋର କାମ୍ୟ କ'ଣ କେହି ନାହିଁ ? ମୁଁ କ'ଣ ?

ମୋର ଏହି ବାଞ୍ଛନୀୟ ପଦାର୍ଥ ଥିଲା—ଆଜିବ ଅଛି । କିନ୍ତୁ ସେ ବାସନା ତୃପ୍ତି ହେବା କଥା ନୁହେଁ । ତୃପ୍ତି ହେବନାହିଁ ବୋଲି ତାହା ଅନେକ ଦିନରୁ ହୃଦୟରୁ ଉତ୍ପାଟିତ କରିଛି । ଆଉ ପୁନରୁଜ୍ଜୀବିତ କରିବାକୁ ଚାହେଁ-ନା । ଅନ୍ୟ କୌଣସି ବାଞ୍ଛନୀୟ କ'ଣ ସଂସାରରେ ନାହିଁ ?

ତାହା ଖୋଜେ । କ'ଣ କରିବ ?

କେତେ ବର୍ଷରୁ ମୁଁ ନିଜେ ନିଜେ ଏହି ପ୍ରଶ୍ନ କରୁଥିଲି, ଉତ୍ତର ଦେଇ ପାରୁ ନ ଥିଲି । ଯେଉଁ ଜଣେ-ଦିଜଣ ବନ୍ଧୁବାନ୍ଧବ ଅଛନ୍ତି, ସେମାନଙ୍କୁ ପଚାରିଲେ କହନ୍ତେ, 'ତୁମର ନିଜର କାମ ନ ଥିଲେ ପରର କାମ କର । ଲୋକଙ୍କର ଯଥାସାଧ୍ୟ ଉପକାର କର' ।

ଏ ତ ପ୍ରାଚୀନ କଥା । ଲୋକର ଉପକାର କେଉଁଥିରେ ହୁଏ । ରାମା ମା' ପୁଅର ଜର ହୋଇଛି । ନାଡ଼ୀ ଚିପି ଟିକେ କୁଇନାଇନ୍ ଦିଅ । ରଘୁ ପାଗଳର ଗାଣ୍ଡବସ୍ତ୍ର ନାହିଁ, କମ୍ବଳ କିଣି ଦିଅ । ମୁକ୍ତାର ମା' ବିଧବା, ମାସକୁ ମାସ କିଛି ଦିଅ । ହରିର ଭଣ୍ଡାରୀର ପୁଅ ସ୍କୁଲରେ ପଢ଼ିପାରେ ନାହିଁ—ତାହାର ଦରମାର ଆନୁକୂଲ୍ୟ କର । ଏହା କ'ଣ ପରର ଉପକାର ?

ମାନିଲି, ଏହା ପରର ଉପକାର । କିନ୍ତୁ ଏ ସବୁଥିରେ କେତେ ସମୟ ନିବ ? କେତେ ସମୟ କଟେ ? କେତେ ଟିକେ ପରିଶ୍ରମ ହୁଏ ? ମାନସିକ ଶକ୍ତି ସବୁ କେତେ ଉପଶମ ହୁଏ ? ମୁଁ ଏପରି କୁହେନା ଯେ, ଏସବୁ କାର୍ଯ୍ୟ ମୋର ଯଥାସାଧ୍ୟ ମୁଁ କରିଥାଏ । କିନ୍ତୁ କେତେଟିକେ କରେ ? ସେଥିରେ ମୋର ବୋଧ ହୁଏନା ଯେ ଏଥିରେ ମୋର ଅଭାବ ପୂରଣ ହେବ । ମୋର ଯୋଗ୍ୟ କାମ ମୁଁ ଖୋଜେ । ଯେଉଁଥିରେ ମୋର ମନ ମଜ୍ଜିବ, ତାହା ଖୋଜେ ।

ଆଉ ଏକ ପ୍ରକାର ଲୋକ-ଉପକାରର ଢଙ୍ଗ ବାହାରିଛି । ତାହାର ଗୋଟିଏ କଥାରେ ନାମ ଦେବାକୁ ହେଲେ କହିବାକୁ ହୁଏ 'ବକାବକି', 'ଲେଖାଲେଖି', ସୋସାଇଟି, କ୍ଲବ, ଏସୋସିଏସନ୍, ସଭା, ସମାଜ, ବକ୍ତୃତା, ରିଜଲ୍ୟୁସନ୍, ଆବେଦନ, ସମବେଦନ—ମୁଁ ସେଥିରେ ନାହିଁ । ମୁଁ ଥରେ କୌଣସି ବନ୍ଧୁଙ୍କୁ ଗୋଟିଏ ମହାସଭାରେ ସେପରି ଗୋଟିଏ ଆବେଦନ ପଢ଼ି-ବାର ଦେଖି ପଚାରିଲି ଯେ କ'ଣ ପଢ଼ୁଛ ? ସେ କହିଲେ ଏପରି କିଛି

Digitized by srujanika@gmail.com

ନୁହେଁ । କେବଳ କ'ଣ, ଫକୀର ଭିକ ମାଗୁଛି । ଏସବୁ ମୋର କ୍ଷୁଦ୍ର ବୁଦ୍ଧିରେ ଅଛି । କେବଳ କଣା ଫକୀର ଭିକ ମାଗେରେ ବାବା ।

ଏହି ଦେଶର ଆଉ ଏକ ପ୍ରକାର ବିକାର ଅଛି । ବିଧବାର ବିବାହ ଦିଅ । କୁଳୀନ ବ୍ରାହ୍ମଣର ବିବାହ ବନ୍ଦକର, ଜାତି ଉଠାଇ ଦିଅ, ସ୍ତ୍ରୀ ଲୋକ-ମାନେ ବର୍ତ୍ତମାନ ଗୋରୁଗାଈ ପରି ଗୁହାଳରେ ବନ୍ଧା ଥାଆନ୍ତି--ଦଉଡ଼ି ଖୋଲି ସେମାନଙ୍କୁ ଛାଡିଦିଅ । ଚରି ଖାଆନ୍ତୁ । ମୋର ଗାଈ ନାହିଁ, ଘର ଗୁହାଳ ସହିତ ମଧ୍ୟ ମୋର ବିଶେଷ ସମ୍ବନ୍ଧ ନାହିଁ । ଜାତି ଉଠେଇବାକୁ ମୁଁ ଆଦୌ ରାଜି ନୁହେଁ । ମୁଁ ଆଜିବି ଏତେ ଦୂର ସୁଶିକ୍ଷିତ ହୋଇ ପାରିନାହିଁ । ମୁଁ ଏବେବି ମୋର ଝାଡ଼ୁଦାର ସାଙ୍ଗରେ ଏକସ ବସି ଖାଇବାକୁ ଅନିଚ୍ଛୁକ । ତାହାର କନ୍ୟାକୁ ବିବାହ କରିବାକୁ ଅନିଚ୍ଛୁକ ଏବଂ ଯେଉଁ ଗାଳି ଶିରୋମଣି ମହାଶୟ ଦେଲେ ନିଃଶବ୍ଦରେ ସହିବି, ଝାଡ଼ୁଦାର ପାଟିରୁ ତାହା ସହିବାକୁ ଅନିଚ୍ଛୁକ । ସୁତରାଂ ମୋର ଜାତି ଥାଉ । ବିଧବା ବିବାହ କରିବେ କରନ୍ତୁ, ପିଲମାନେ ଅବିବାହିତ ରହିବେ, ରହନ୍ତୁ । କୁଳୀନ ବ୍ରାହ୍ମଣ ଗୋଟିଏ ପତ୍ନୀର ମନ୍ତ୍ରଣାରେ ଖୁସୀ ହେଉଛନ୍ତି, ହୁଅନ୍ତୁ । ମୋର ଆପତ୍ତି ନାହିଁ, କିନ୍ତୁ ତାଦ୍ୱାରା ଲୋକଙ୍କର କ'ଣ ହିତ ହେବ, ତାହା ମୋର ବୁଦ୍ଧିର ଅଜ୍ଞାତ ।

ସୁତରାଂ ଏ ବଙ୍ଗ ସମାଜରେ ମୋର କାର୍ଯ୍ୟ ନାହିଁ । ଏଠାରେ ମୁଁ କେହି ନୁହେଁ—ମୁଁ କେଉଁଠି ନାହିଁ । ମୁଁ, ମୁଁ, ? ବାସ୍ ଆଉ କିଛି ନୁହେଁ । ମୋର ସେହି ଦୁଃଖ—ଆଉ କିଛି ଦୁଃଖ ନାହିଁ—ଲବଙ୍ଗଲତାର ହସଲପି ଭୁଲି ଯାଉଛି ।

Digitized by srujanika@gmail.com

• ପଞ୍ଚମ ପରିଚ୍ଛେଦ

ମୋର ଏହିପରି ମନର ଅବସ୍ଥା । ମୁଁ ଏପରି ସମୟରେ କାଶୀ-ଧାମରେ ଗୋବିନ୍ଦ ଦତ୍ତ ପାଖରେ ରଜନୀର ନାମ ଶୁଣିଲି । ମନେ ହେଲା, ଈଶ୍ବର ମୋତେ ବୋଧହୁଏ ଗୋଟିଏ ଗୁରୁତର କାର୍ଯ୍ୟର ଭାର ଦେଲେ । ଏ ସଂସାରରେ ମୁଁ ଗୋଟିଏ କାର୍ଯ୍ୟ ପାଇଲି । ରଜନୀର ଯଥାର୍ଥ ଉପକାର ଚେଷ୍ଟା କଲେ କରିହେବ । ମୋର ତ କିଛି କାମ ନାହିଁ । ଏହା କ'ଣ ମୋର ଯୋଗ୍ୟ କାମ ନୁହେଁ ?

ଏଠାରେ ଶଚୀନ୍ଦ୍ରର ବଂଶାବଳୀର ପରିଚୟ କିଛି ଦେବାକୁ ହେଲା । ଶଚୀନ୍ଦ୍ର ନାଥର ପିତାଙ୍କର ନାମ ରାମସଦୟ ମିତ୍ର । ପିତାମହଙ୍କର ନାମ ବାଞ୍ଛାନିଧି ମିତ୍ର, ପ୍ରପିତାମହଙ୍କର ନାମ 'କେବଲରାମ ମିତ୍ର । ସେମାନଙ୍କର ପୂର୍ବ ପୁରୁଷର ବାସ କଲିକତାରେ ନୁହେଁ-ତାଙ୍କର ପିତା ପ୍ରଥମେ କଲିକତାରେ ବାସ କରୁଥିଲେ । ସେମାନଙ୍କର ପୂର୍ବ ପୁରୁଷର ବାସ ଭବାନୀ ନଗର ଗ୍ରାମରେ । ତାଙ୍କର ପ୍ରପିତାମହ ଦରିଦ୍ର, ନିଃସ୍ବ ବ୍ୟକ୍ତି ଥିଲେ । ପିତାମହ ବୁଦ୍ଧି ବଳରେ ଧନ ସଞ୍ଚୟ କରି ସେମାନଙ୍କର ଭୋଗ୍ୟ ଭୂସମ୍ପତ୍ତି ସବୁ କ୍ରୟ କରିଥିଲେ ।

ବାଞ୍ଛାରାମଙ୍କର ଜଣେ ପରମ ବନ୍ଧୁ ଥିଲେ, ନାମ ମନୋହର ଦାସ । ବାଞ୍ଛାରାମ ମନୋହର ଦାସଙ୍କର ସାହାଯ୍ୟରେ ଏହି ବିଭବର ଅଧିପତି ହୋଇଥିଲେ । ମନୋହର, ତାଙ୍କର ପ୍ରାଣପାତ କରି ତାଙ୍କର କାର୍ଯ୍ୟ କରନ୍ତି । ନିଜେ କେବେହେଲେ ଧନ ସଞ୍ଚୟ କରନ୍ତି ନାହିଁ । ବାଞ୍ଛାରାମ ତାଙ୍କର ଏସବୁ ଗୁଣରେ ଏକାନ୍ତ ବାଧ୍ୟ ଥିଲେ । ମନୋହରଙ୍କୁ ସହୋଦର ପରି ଭଲ ପାଉଥିଲେ । ଏବଂ ମନୋହର ବୟୋଜ୍ୟେଷ୍ଠ ବୋଲି ଜ୍ୟେଷ୍ଠ ଭ୍ରାତା ତୁଲ୍ୟ ତାଙ୍କୁ ମାନ୍ୟ କରନ୍ତି । ତାଙ୍କ ପିତା ସାଙ୍ଗରେ ପିତାମହଙ୍କର ତାଦୃଶ୍ୟ ସଂପ୍ରୀତି ନ ଥିଲା । ବୋଧହୁଏ ଉଭୟ ପକ୍ଷରେହିଁ କିଛି କିଛି ଦୋଷ ଥିଲା ।

Digitized by srujanika@gmail.com

ଏକଦା ରାମସଦୟ ସାଙ୍ଗରେ ମନୋହର ଦାସଙ୍କର ଘୋରତର ବିବାଦ ଉପସ୍ଥିତ ହେଲା । ମନୋହର ଦାସ ବାଞ୍ଛାରାମଙ୍କୁ କହିଲେ ଯେ ରାମସଦୟ ତାଙ୍କୁ କୌଣସି ବିଷୟରେ ସହନାତୀତ ଅପମାନ କରିଛନ୍ତି । ଅପମାନର କଥା ବାଞ୍ଛାରାମଙ୍କୁ କହି ମନୋହର ତାଙ୍କର କାର୍ଯ୍ୟ ପରିତ୍ୟାଗ କରି ସପରି-ବାରରେ ଭବାନୀନଗରରୁ ଉଠିଗଲେ । ବାଞ୍ଛାରାମ ମନୋହରଙ୍କୁ ଅନେକ ଅନୁନୟ-ବିନୟ କଲେ—ମନୋହର କିଛି ଶୁଣିଲେ ନାହିଁ । ଉଠିଯାଇ ଅନ୍ୟ ଦେଶକୁ ଯାଇ ବାସ କଲେ, ତାହାବି କାହାରିକୁ ଜଣାଇଲେ ନାହିଁ ।

ବାଞ୍ଛାରାମ ରାମସଦୟ ପ୍ରତି ଯେତେ ସ୍ନେହ କରନ୍ତୁ ବା ନ କରନ୍ତୁ ମନୋହରଙ୍କୁ ତତୋଽଧିକ ସ୍ନେହ କରନ୍ତି । ସୁତରାଂ ରାମସଦୟ ଉପରେ ତାଙ୍କର କ୍ରୋଧ ଅପରିସୀମ ହେଲା । ବାଞ୍ଛାରାମ ଅତ୍ୟନ୍ତ କଟୂକ୍ତି କରି ଗାଳି-ଦେଲେ, ରାମସଦୟ ସବୁ କଥା ନିଃଶବ୍ଦରେ ସହ୍ୟ କଲେନାହିଁ ।

ପିତାପୁତ୍ରଙ୍କର ବିବାଦର ଫଳ ଏପରି ଅବସ୍ଥାକୁ ଆସିଲା ଯେ ବାଞ୍ଛା-ରାମ ପୁତ୍ରକୁ ଗୃହବହିଷ୍କୃତ କରିଦେଲେ । ପୁତ୍ରବି ଗୃହ ତ୍ୟାଗକରି ଶପଥ କଲେ ଆଉ କେବେହେଲେ ପିତୃ ଭବନରେ ମୁଖ ଦେଖାଇବେ ନାହିଁ । ବାଞ୍ଛାରାମ ରାଗିକରି ଗୋଟିଏ ଉଇଲ କଲେ । ଉଇଲରେ ଲେଖା ହେଲା ଯେ ବାଞ୍ଛା-ରାମ ମିତ୍ରଙ୍କର ସମ୍ପତ୍ତିରେ ତସ୍ୟ ପୁତ୍ର ରାମସଦୟ ମିତ୍ର କେବେହେଲେ ଅଧି-କାରୀ ହେବେନାହିଁ । ବାଞ୍ଛାରାମ ମିତ୍ରଙ୍କର ଅବର୍ତ୍ତମାନରେ ମନୋହର ଦାସ, ମନୋହର ଦାସର ଅଭାବରେ ମନୋହର ଦାସର ଉତ୍ତରାଧିକାରୀ ମାନେ ଅଧି-କାରୀ ହେବେ । ତତ୍ ଅଭାବରେ ରାମସଦୟର ପୁତ୍ର ପୌତ୍ରାଦି ଯଥାକ୍ରମେ—କିନ୍ତୁ ରାମସଦୟ ନୁହେଁ ।

ରାମସଦୟ ଗୃହତ୍ୟାଗ କରି ପ୍ରଥମା ସ୍ତ୍ରୀକୁ ନେଇ କଲକତା ଆସିଲେ । ସେହି ସ୍ତ୍ରୀର କିଛି ପିତୃଦତ୍ତ ଅର୍ଥ ଥିଲା । ତଦବଲମ୍ବନରେ ଏବଂ ଜଣେ ସଜ୍ଜନ ବଣିକ ସାହେବଙ୍କର ଆନୁକୂଲ୍ୟରେ ସେ ବାଣିଜ୍ୟରେ ପ୍ରବୃତ୍ତ ହେଲେ ଲକ୍ଷ୍ମୀ ସୁପ୍ରସନ୍ନା ହେଲେ—ସଂସାର ପ୍ରତିପାଳନପାଇଁ ତାଙ୍କ କୌଣସି କଷ୍ଟ ପାଇ-ବାକୁ ହେଲା ନାହିଁ ।

ଯଦି କଷ୍ଟ ପାଇବାକୁ ହୁଅନ୍ତା, ତା' ହେଲେ ବୋଧହୁଏ ବାଞ୍ଛାରାମ ସଦୟ ହୁଅନ୍ତେ । ପୁତ୍ରର ସୁଖର ଅବସ୍ଥା ଶୁଣି ବୃଦ୍ଧର ଯେଉଁ ସ୍ନେହାବଶେଷ ଥିଲା, ତାହାବି ଲିଭିଗଲା । ପୁତ୍ର ଅଭିମାନୀ, ପିତା ନ ଡାକିଲେ ଆଉ ଫିରିବ ନାହିଁ । ଏହା ସ୍ଥିର କରି ପିତାଙ୍କର ଆଉ କୌଣସି ସମ୍ବାଦ ନେଲେ ନାହିଁ ।

Digitized by srujanika@gmail.com

ଅବଶ୍ୟ ଆଉ ତାଙ୍କର ବସତି ସ୍ଥାନ ସେପରି କରୁଛନ୍ତି ବିବେଚନା କରି ବାଞ୍ଛାରାମ ତାଙ୍କୁ ଆଉ ଡାକିଲେ ନାହିଁ । ସୁତରାଂ କାହାରିବି ରାଗ କମିଲା ନାହିଁ । ମାମଲାଟି ଅପରିବର୍ତ୍ତିତ ରହିଲା । ଏପରି ସମୟରେ ହଠାତ୍ ବାଞ୍ଛାରାମଙ୍କର ସ୍ୱର୍ଗପ୍ରାପ୍ତି ହେଲା ।

ରାମ ସଦୟ ଶୋକାକୁଳ ହେଲେ, ପିତାଙ୍କର ମୃତ୍ୟୁ ପୂର୍ବରୁ ତାଙ୍କ ସାଙ୍ଗରେ ସାକ୍ଷାତ କରି ଯଥା କର୍ତ୍ତବ୍ୟ କରି ନାହାନ୍ତି—ଏହି ଦୁଃଖରେ ଅନେକ ଦିନ ଧରି ରୋଦନ କଲେ । ସେ ଆଉ ଭବାନୀ ନଗର ଗଲେ ନାହିଁ । କଲିକତାରେହିଁ ପିତୃକୃତ୍ୟ ସଂପନ୍ନ କଲେ । ବାହିଁକନା ସେହି ଦିନ ବର୍ତ୍ତମାନ ମନୋହର ଦାସଙ୍କର ହେଲା ।

ଏଆଡ଼େ ମନୋହର ଦାସଙ୍କର କୌଣସି ସମ୍ବାଦ ନାହିଁ । ପରେ ଜଣାଗଲା ଯେ ବାଞ୍ଛାରାମଙ୍କର ଜୀବିତାବସ୍ଥାରେ ମଧ୍ୟ ମନୋହରର କୌଣସି ସମ୍ବାଦ ମିଳିନାହିଁ । ମନୋହର ଦାସ ଭବାନୀନଗରରୁ ଚାଲି ଯାଇଥିଲା । କେଉଁଠାକୁ ଗଲା, ବାଞ୍ଛାରାମ ତାହାର ଅନେକ ସନ୍ଧାନ କଲେ । କୌଣସି ମତେ କିଛି ସମ୍ବାଦ ପାଇଲେ ନାହିଁ । ସେଥିପାଇଁ ସେ ଉଇଲର ଗୋଟିଏ ନୋଟ୍‌ପତ୍ର ସୃଜନ କଲେ । ସେଥିରେ ବିଷ୍ଣୁରାମ ସରକାର ନାମକ ଜଣେ କଲିକତା ନିବାସୀ ଆତ୍ମୀୟ କୁଟୁମ୍ବକୁ ଏକ୍‌ଜିକ୍ୟୁଟର୍ ନିଯୁକ୍ତ କଲେ । ସେଥିରେ କଥା ରହିଲା ଯେ ସେ ଯତ୍ନରେ ମନୋହର ଦାସର ଅନୁସନ୍ଧାନ କରିବେ । ପରେ ଫଳାନୁସାରେ ସମ୍ପତ୍ତି ଯାହାର ପ୍ରାପ୍ୟ ତାହାକୁ ଦେବେ ।

ବିଷ୍ଣୁରାମ ବାବୁ ଅତି ବିଚକ୍ଷଣ, ନିରପେକ୍ଷ ଏବଂ କର୍ମଠ ବ୍ୟକ୍ତି । ସେ ବାଞ୍ଛାରାମର ମୃତ୍ୟୁ ପରେ ମନୋହର ଦାସର ଅନୁସନ୍ଧାନ କରିବାକୁ ଲାଗିଲେ । ଅନେକ ପରିଶ୍ରମ ଓ ଅର୍ଥବ୍ୟୟ କରି ଯାହା ବାଞ୍ଛାରାମ ଦ୍ୱାରା ଅନୁସନ୍ଧାନ ହୋଇନାହିଁ, ତାହାର ନିଗୂଢ଼ତତ୍ତ୍ୱ ପରିଜ୍ଞାତ ହେଲେ, ସ୍ଥୂଳ ବୃତ୍ତାନ୍ତ ଅନୁସନ୍ଧାନରେ ଏହା ଜଣାଗଲା ଯେ ମନୋହର ଭବାନୀନଗରରୁ ପଳାଇ କିଛିଦିନ ସପରିବାରରେ ଢାକା ଅଞ୍ଚଳରେ ବାସ କଲେ । ପରେ ସେଠାରେ ଜୀବିକା ନିର୍ବାହ ପାଇଁ କିଛି କଷ୍ଟ ହେବାରୁ କଲିକତାକୁ ନୌକାରେ ଆସୁଥିଲେ । ପଥ ମଧ୍ୟରେ ପବନରେ ପତିତ ହୋଇ ସପରିବାରେ ଜଳମଗ୍ନ ହେଲେ । ତାଙ୍କର ଆଉ ଉତ୍ତରାଧିକାରୀ କେହି ନ ଥିଲେ—ଏପରି ସନ୍ଧାନ ପାଇଲେ ।

Digitized by srujanika@gmail.com

ବିଷ୍ଣୁରାମ ବାବୁ ଏସବୁ କଥାର ଅକାଟ୍ୟ ପ୍ରମାଣ ସଂଗ୍ରହ କରି ଜମି-ସଦସ୍ୟଙ୍କୁ ଦେଖାଇଲେ, ସେତେବେଳେ ବାଞ୍ଛାରାମଙ୍କର ଭୂସମ୍ପତ୍ତି ଶଚୀନ୍ଦ୍ର ଓ ତାହାର ଭାଇଙ୍କର ହେଲା । ଏବଂ ବିଷ୍ଣୁରାମ ବାବୁ ତାହା ସେମାନଙ୍କ ହସ୍ତରେ ସମର୍ପଣ କଲେ ।

ବର୍ତ୍ତମାନ ସେହି ରଜନୀ ଯଦି ଜୀବିତ ଥାଏ, ତେବେ ଯେଉଁ ସମ୍ପତ୍ତି ରାମସଦୟ ମିଶ୍ର ଭୋଗ କରୁଛି, ତାହା ରଜନୀର । ରଜନୀ ହୁଏତ ନିତାନ୍ତ ଦରିଦ୍ରାବସ୍ଥାପନ୍ନା, ସନ୍ଧାନ କରି ଦେଖାଯାଉ । ମୋର ଆଉ କୌଣସି କାମ ନାହିଁ ।

• ଷଷ୍ଠ ପରିଚ୍ଛେଦ

ବଙ୍ଗଳାକୁ ଆସିବା ପରେ ଥରେ କୌଣସି ଗ୍ରାମ୍ୟ କୁଟୁମ୍ବ ଘରକୁ ନିମନ୍ତ୍ରଣରେ ଯାଇଥିଲି । ପ୍ରାତଃକାଳରେ ଗ୍ରାମ ପର୍ଯ୍ୟଟନରେ ଯାଇଥିଲି । ଗୋଟିଏ ସ୍ଥାନରେ ଅତି ମନୋହର ଜଙ୍ଗଲ, ଭକାଶିଟିଏ ସପ୍ତସ୍ୱର ମିଳାଇ ଆଶ୍ଚର୍ଯ୍ୟ ଐକ୍ୟତାନ ବାଦ୍ୟ ବଜାଉଛି । ଚାରିପଟେ ବୃକ୍ଷରାଜି, ଘନବିନ୍ୟସ୍ତ, କୋମଳ ଶ୍ୟାମଳ ପଲ୍ଲବ ଦଳରେ ଆଚ୍ଛନ୍ନ, ପତ୍ରେ ପତ୍ରେ ଠେସାଠେସି, ମିଶାମିଶି ଶ୍ୟାମ ରୂପର ରାଶିରାଶି, କେଉଁଠି କଳିକା, କେଉଁଠି ପ୍ରସ୍ଫୁଟିତ ପୁଷ୍ପ, କେଉଁଠି ଅପକ୍ୱ କେଉଁଠି ସୁପକ୍ୱ ଫଳ । ସେହି ବନ ମଧ୍ୟରେ ଆର୍ତ୍ତ-ନାଦ ଶୁଣିବାକୁ ପାଇଲି । ବନ୍ୟାଭ୍ୟନ୍ତରରେ ପ୍ରବେଶ କରି ଦେଖିଲି ଜଣେ ବିକଟମୂର୍ତ୍ତି ପୁରୁଷ ଗୋଟିଏ ଯୁବତୀକୁ ବଳପୂର୍ବକ ଆକ୍ରମଣ କରୁଛି ।

ଦେଖିଲା ମାତ୍ରେ ବୁଝିଲି ପୁରୁଷ ଅତି ନୀଚ ଜାତୀୟ ପାଷାଣ୍ଡ — ବୋଧହୁଏ ଡୋମ କି ଶିଉଳୀ—ଅଣ୍ଟାରେ କଟୁରୀ । ଗଠନ ଅତ୍ୟନ୍ତ ବଳବାନ ପରି ।

Digitized by srujanika@gmail.com

ଧୀରେ ଧୀରେ ତାହାର ଚକ୍ଷୁକୁ ଗଲି । ଯାଇ ତାହାର ଅଣ୍ଟାରୁ ଦଉଡ଼ି ଖଣ୍ଡିକ ଟାଣିନେଇ ଦୂରକୁ ନିକ୍ଷେପ କଲି । ଦୁଷ୍ଟ ସେତେବେଳେ ଯୁବତୀକୁ ଛାଡ଼ିଦେଲା । ମୋର ମନ୍ତ୍ରହୀନ ହୋଇ ଚିନ୍ତା ହେଲା । ମୋତେ ଗାଳିଦେଲା । ତାହାର ଦୃଷ୍ଟି ଦେଖି ମୋର ଶଙ୍କା ହେଲା ।

ବୁଝିଲି ସେ ସ୍ଥାନରେ ବିଳମ୍ବ ଅନୁଚିତ । ଏକବାରେ ତାହାର ଗଳ-ଦେଶରେ ହସ୍ତାର୍ପଣ କଲି । ହାତ ଛଡ଼ାଇ ଦେଇ ସେହି ମୋତେ ଧରିଲା । ମୁଁ ବି ତାକୁ ଜୋରରେ ଠେଲିଲି । ତାର ବଳ ଅଧିକ । ମୁଁ କିନ୍ତୁ ଖାତିର ହେଲିନାହିଁ ବା ଅସ୍ଥିର ହେଲିନାହିଁ । ଅବକାଶ ପାଇ ମୁଁ ଯୁବତୀକୁ କହିଲି ଯେ, 'ତୁମେ ଏହି ସମୟରେ ପଳାଅ । ମୁଁ ଏହାର ଉପଯୁକ୍ତ ଦଣ୍ଡ ଦେଉଛି ।'

ଯୁବତୀ କହିଲା, 'କେଉଁଠିକି ପଳାଇବି ? ମୁଁ ଯେ ଅନ୍ଧ—ଏଠାକାର ରାସ୍ତା ଚିହ୍ନେନା ।'

ଅନ୍ଧ ! ମୋର ବଳ ବଢ଼ିଲା । ମୁଁ ରଜନୀ ନାମକ ଗୋଟିଏ ଅନ୍ଧ କନ୍ୟାକୁ ଖୋଜୁଥିଲି ।

ଦେଖିଲି ସେହି ବଳବାନ ପୁରୁଷ ମୋତେ ପ୍ରହାର କରି ପାରୁନାହିଁ । କିନ୍ତୁ ମୋତେ ବଳପୂର୍ବକ ଟାଣି ନେଇ ଯାଉଛି । ତାହାର ଅଭିପ୍ରାୟ ବୁଝିଲି । ଯେଉଁ ଆଡ଼କୁ କଟୁରି ପକାଇ ଦେଇଥିଲି, ସେଆଡ଼କୁ ସେ ମୋତେ ଟାଣି ନେଇ ଯାଉଛି । ମୁଁ ସେତେବେଳେ ଦୁଷ୍ଟକୁ ଛାଡ଼ିଦେଇ ସାମନାକୁ ଯାଇ କଟୁରିଟା ଉଠାଇ ନେଲି । ସେ ଗୋଟିଏ ବୃକ୍ଷର ଡାଳ ଭାଙ୍ଗିନେଇ ତାହା ବୁଲାଇ ମୋ ହସ୍ତରେ ପ୍ରହାର କଲା । ମୋ ହାତରୁ କଟୁରି ପଡ଼ିଗଲା । ସେ କଟୁରି ଉଠାଇ ନେଇ ମୋତେ ଛନରୁଚ ସ୍ଥାନରେ ଆଘାତ କରି ପଳାଇ ଗଲା !

ମୁଁ ଗୁରୁତର ପୀଡ଼ା ପ୍ରାପ୍ତ ହୋଇଥିଲି । ବହୁକଷ୍ଟରେ ମୁଁ ବନ୍ଧୁ-ଗୃହ ଅଭିମୁଖରେ ଚାଲିଲି । ଅନ୍ଧ ଯୁବତୀ ମୋର ପଦ ଶବ୍ଦ ଅନୁସରଣ କରି ମୋ ସଙ୍ଗରେ ଆସିଲା । କିଛିଦୂର ଯାଇ ଆଉ ଚାଲି ପାରିଲି ନାହିଁ । ରାସ୍ତାର ଲୋକମାନେ ମୋତେ ଧରି ମୋର ବନ୍ଧୁ ଘରେ ଛାଡ଼ି ଦେଇ ଆସିଲେ ।

ସେହି ସ୍ଥାନରେ ମୁଁ କିଛିଦିନ ଶଯ୍ୟାଗତ ରହିଲି । ଅନ୍ୟ ଉପାୟ ନ ପାଇ ଅନ୍ଧ ଯୁବତୀ ସେହିଠାରେ ରହିଲା ।

Digitized by srujanika@gmail.com

ବହୁଦିନପରେ ବହୁ କଷ୍ଟରେ ମୁଁ ଆରୋଗ୍ୟ ଲାଭ କଲି ।

ସ୍ତ୍ରୀଟି ଅନ୍ଧ । ତାକୁ ଦେଖିବା ସମୟରୁ ମୋର ସନ୍ଦେହ ହୋଇଥିଲା । ଯେଉଁଦିନ ପ୍ରଥମ ମୋର ବାକ୍‌ଶକ୍ତି ହେଲା, ସେ ମୋର ରୁଗ୍‌ଣଶଯ୍ୟା ନିକଟକୁ ଆସିଲା । ସେହିଦିନହିଁ ତାକୁ ପଚାରିଲି, 'ତୁମର ନାମ କଣ ?' 'ରଜନୀ' । ମୁଁ ଚମକି ଉଠିଲି । ପଚାରିଲି, 'ତୁମେ ରାଜଚନ୍ଦ୍ର ଦାସଙ୍କ କନ୍ୟା ?' ସେ ବିସ୍ମିତା ହେଲା । କହିଲା, 'ଆପଣ ବାପାଙ୍କୁ ଚିହ୍ନନ୍ତି ?'

ମୁଁ ସ୍ପଷ୍ଟତଃ କୌଣସି ଉତ୍ତର ଦେଲିନାହିଁ ।

ମୁଁ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟଲାଭ କରିବାରୁ ରଜନୀକୁ କଲିକତା ନେଇଗଲି ।

• ସପ୍ତମ ପରିଚ୍ଛେଦ

କଲିକତା ଯିବା ସମୟରେ ମୁଁ ରଜନୀକୁ ସାଙ୍ଗରେ ନେଇଗଲି ନାହିଁ । ବନ୍ଧୁଘରୁ ଓନକଡ଼ି ନାମକ ଜଣେ ବୃଦ୍ଧା ପରିଚାରିକା ସହିତ ନେଇଗଲି । ଏ ସତର୍କତା ରଜନୀର ମନ ପ୍ରସନ୍ନ କରିବା ପାଇଁ । ଯିବା ସମୟରେ ରଜନୀକୁ ପଚାରିଲି, 'ରଜନୀ — ତୁମର ଘର କଲିକତାରେ । କିନ୍ତୁ ତୁମେ ଏଠାକୁ ଆସିଲ କିପରି ?'

ରଜନୀ କହିଲା, 'ମୋତେ କଣ ସବୁକଥା କହିବାକୁ ହେବ ?' ମୁଁ କହିଲି, ତୁମର ଯଦି ଇଚ୍ଛା ନ ହେଉଛି, ତେବେ ନ କୁହ ।'

ବସ୍ତୁତଃ ଏହି ଅନ୍ଧ ସ୍ତ୍ରୀଲୋକର ବୁଦ୍ଧି, ବିବେଚନା ଏବଂ ସରଳତାରେ ମୁଁ ବିଶେଷ ପ୍ରୀତ ହୋଇ ଥିଲି । ତାକୁ କୌଣସି ପ୍ରକାର କ୍ଲେଶ ଦେବାକୁ ମୋର ଇଚ୍ଛା ନ ଥିଲା । ରଜନୀ କହିଲା, 'ଯଦି ଅନୁମତି କଲେ ତେବେ କେତେ କଥା ଗୋପନ ରଖିବି । ଗୋପାଳ ବାବୁ ବୋଲି ମୋର ଜଣେ ପ୍ରତିବେଶୀ ଅଛନ୍ତି । ତାଙ୍କର ସ୍ତ୍ରୀ ଚମ୍ପା, ଚମ୍ପା ସାଙ୍ଗରେ ମୋର ହଠାତ୍

Digitized by srujanika@gmail.com

ପରିଚୟ ହୋଇଥିଲା । ତାର ବାପଘର ହୁଗୁଳୀ । ସେ ମୋତେ କହିଲା—ମୋର ବାପଘରକୁ ଯିବ ? ମୁଁ ରାଜି ହେଲି । ସେ ମୋତେ ଦିନେ ସାଙ୍ଗରେ ଗୋପାଳ ବାବୁଙ୍କ ଘରକୁ ନେଇ ଆସିଲା । କିନ୍ତୁ ତାର ବାପଘରକୁ ପଠା-ଇବା ସମୟରେ ନିଜେ ମୋ ସାଙ୍ଗରେ ଆସିଲା ନାହିଁ । ତାର ଭାଇ ହରି-ଲାଲକୁ ମୋ ସାଙ୍ଗରେ ପଠାଇଲା । ହରିଲାଲର ନୌକା ଧରି ମୋତେ ହୁଗୁଳୀ ନେଇ ଆସିଲା ।'

ମୁଁ ଏଠାରେ ବୁଝି ପାରିଲି ଯେ ରଜନୀ ହରିଲାଲ ସମ୍ବନ୍ଧରେ କଥା ଗୋପନ କରୁଛି । ମୁଁ ପଚାରିଲି, 'ତୁମେ ତା ସାଙ୍ଗରେ ଗଲ ?'

ରଜନୀ କହିଲା, 'ଇଚ୍ଛା ନ ଥିଲା, କିନ୍ତୁ ଯିବାକୁ ହେଲା । କାହିଁକି ଯିବାକୁ ହେଲା ତାହା କହି ପାରିବି ନାହିଁ । ରାସ୍ତାରେ ହରିଲାଲ ମୋ ଉପରେ ଅତ୍ୟାଚାର କରିବାକୁ ଲାଗିଲା । ମୁଁ ତାର ବାଧ୍ୟ ନୁହେଁ ଦେଖି ସେ ମୋତେ ବିନାଶ କରିବା ପାଇଁ ଗଙ୍ଗାର ଗୋଟାଏ ଚଡ଼ାରେ ଓହ୍ଲାଇ ଦେଇ ନୌକା ନେଇ ଚାଲିଗଲା ।

ରଜନୀ ଚୁପ୍ ରହିଲା—ମୁଁ ହରିଲାଲକୁ ଛଦ୍ମବେଶୀ ରାକ୍ଷସ ମନେକରି ତାର ରୂପ ଧ୍ୟାନ କରିବାକୁ ଲାଗିଲି । ତାପରେ ରଜନୀ କହିଲା, 'ସେ ଚାଲିଗଲେ ମୁଁ ବୁଡ଼ି ମରିବି ବୋଲି ପାଣିରେ ପଶିଲି ।'

ମୁଁ କହିଲି, 'କାହିଁକି ? ତୁମେ କଣ ହରିଲାଲକୁ ଏତେ ଭଲ ପାଉଥିଲ ?' ରଜନୀ ଭ୍ରୂକୁଟି କରି କହିଲା' 'ତିଳାର୍ଦ୍ଧେ ବି ନୁହେଁ । ମୁଁ ପୃଥିବୀରେ କାହାରି ଉପରେ ଏତେ ବିରକ୍ତ ନୁହେଁ ।'

ତେବେ ବୁଡ଼ି ମରିବାକୁ ଗଲ କାହିଁକି ?'

'ମୋର ଯେଉଁ ଦୁଃଖ ତାହା ଆପଣଙ୍କୁ କହି ପାରିବି ନାହିଁ ।'

'ଆଚ୍ଛା କହିଯାଅ ।'

ମୁଁ ପାଣିରେ ବୁଡ଼ି ଭାସି ଉଠିଲି । ସେ ସମୟରେ ଖଣ୍ଡେ ନୌକା ଯାଉଥିଲା । ସେହି ନୌକାର ଲୋକ ମୋତେ ଭାସୁଥିବାର ଦେଖି ଉଠା-ଇଲେ । ଯେଉଁ ଗ୍ରାମରେ ଆପଣଙ୍କ ସହିତ ସାକ୍ଷାତ, ସେହିଠାରେ ଜଣେ ଆରୋହୀ ଓହ୍ଲାଇଲେ । ସେ ଓହ୍ଲାଇବା ସମୟରେ ମୋତେ ପଚାରିଲେ, 'ତୁମେ କେଉଁଠି ଓହ୍ଲାଇବ ?' ମୁଁ କହିଲି, 'ମୋତେ ଯେଉଁଠି ଓହ୍ଲାଇ ଦେବ, ମୁଁ

Digitized by srujanika@gmail.com

ସେଠି ଓହ୍ଲାଇବ ।' ସେତେବେଳେ ସେ ପଚାରିଲା—ତୁମର ଘର କେଉଁଠି ? ମୁଁ—କଲିକତାରେ । ସେ କହିଲା, 'ମୁଁ କାଲି ପୁଣି କଲିକତା ଯିବି । ତୁମେ ଆଜି ମୋ ସାଙ୍ଗରେ ଆସ । ଆଜି ମୋ ଘରେ ରହିବ । କାଲି ତୁମକୁ କଲିକତାରେ ଛାଡ଼ି ଦେଇ ଆସିବି ।' ମୁଁ ଆନନ୍ଦିତ ହୋଇ ତାହା ସାଙ୍ଗରେ ଗଲି । ସେ ମୋତେ ସାଙ୍ଗରେ ନେଇ ଚାଲିଲା । ତାପରେ ଆପଣ ସବୁ ଜାଣନ୍ତି ।'

ମୁଁ କହିଲି—ଯାହା ହାତରୁ ତୁମକୁ ମୁକ୍ତ କଲି ସେ କଣ ସେହି ?

'ସେ ସେହି' ।

ମୁଁ ରଜନୀକୁ କଲିକତାକୁ ନେଇ ଆସିଲି । ତାହାର କଥିତ ସ୍ଥାନରେ ଅନ୍ୱେଷଣ କରି ରାଜଚନ୍ଦ୍ର ଦାସଙ୍କର ଘର ପାଇଲି । ସେଠାକୁ ରଜନୀକୁ ନେଇଗଲି ।

ରାଜଚନ୍ଦ୍ର କନ୍ୟା ପାଇ ବିଶେଷ ଆନନ୍ଦ ପ୍ରକାଶ କଲେ । ତାଙ୍କର ସ୍ତ୍ରୀ ଅନେକ ରୋଦନ କଲେ । ସେମାନେ ମୋ ପାଖରୁ ରଜନୀର ସମସ୍ତ ବୃତ୍ତାନ୍ତ ଶୁଣି ବିଶେଷ କୃତଜ୍ଞତା ପ୍ରକାଶ କଲେ ।

ପରେ ରାଜଚନ୍ଦ୍ରକୁ ମୁଁ ନିଭୃତକୁ ନେଇ ପଚାରିଲି—ତୁମର କନ୍ୟା ଗୃହତ୍ୟାଗ କରି ଯାଇଥିଲା କାହିଁକି ଜାଣ ?

ରାଜଚନ୍ଦ୍ର କହିଲା, 'ନା ମୁଁ ତାହା ସର୍ବଦା ଭାବେ । କିନ୍ତୁ କିଛି ଠିକ୍ କରି ପାରେନାହିଁ । ମୁଁ କହିଲି, 'ରଜନୀ ପାଣିରେ ବୁଡି ମରିବାକୁ ଯାଉଥିଲା । କିନ୍ତୁ କେଉଁ ଦୁଃଖରେ ଜାଣ ?' ରାଜଚନ୍ଦ୍ର ବିସ୍ମିତ ହେଲା । କହିଲା, 'ରଜନୀର ଏପରି କି ଦୁଃଖ, କିଛିତ ବୁଝିପାରୁ ନାହିଁ । ସେ ଅନ୍ଧ, ଏଟା ଅବଶ୍ୟ ବଡ ଦୁଃଖ । କିନ୍ତୁ ତା ପାଇଁ ଏତେଦିନ ପରେ ବୁଡି ମରିବାକୁ ଯିବ କାହିଁକି ? ତେବେ ଏତେବଡ଼ ଝିଅ, ଏପର୍ଯ୍ୟନ୍ତ ତାର ବିବାହ ହୋଇନାହିଁ । କିନ୍ତୁ ସେଥିପାଇଁବି ନୁହେଁ । ତାରତ ସମ୍ବନ୍ଧ କରି ବିବାହ ଦେବାକୁ ଯାଉଥିଲି । । ବିବାହ ପୂର୍ବଦିନ ରାତିରେ ସେ ପଳାଇ ଗଲା ।'

ମୁଁ ନୂଆ କଥା ପାଇଲି । ପଚାରିଲି, 'ସେ ପଳାଇ ଥିଲା ?'
ରାଜ:- ହଁ ।
ମୁଁ- ତୁମ୍ଭମାନଙ୍କୁ ନ କହି ।

Digitized by srujanika@gmail.com

ରାଜ- କାହାରିକୁ ନ କହି ।

ମୁଁ-କାହା ସହିତ ସମ୍ବନ୍ଧ କରିଥିଲ ?

ରାଜ- ଗେମାନ ବାବୁ ସାଙ୍ଗରେ ।

ମୁଁ- କିଏ ଗୋପାଳ ବାବୁ ? ମୋର ସ୍ୱାମୀ ?

ରାଜ- ଆପଣତ ସବୁ ଜାଣନ୍ତି । ସେକଥା ।

ମୋତେତ ଟିକେ ଆଲୋକ ଦେଖାଗଲା । ତେବେ ମୋ ସପତ୍ନୀ ଯନ୍ତ୍ରଣା ଭୟରେ ରଜନୀକୁ ପ୍ରବଂଚନା କରି ଭ୍ରାନ୍ତ ସଙ୍ଗରେ ହୁଗୁଳୀ ପଠାଇ ଦେଇଥିଲା । ବୋଧହୁଏ ତାହାର ପରାମର୍ଶରେ ହୀରାଲାଲ ତାକୁ ବିନାଶ କରିବାକୁ ଉଦ୍ୟୋଗ ପାଇଥିଲା ।

ସେ କଥା କିଛି ନ କହି ରାଜଚନ୍ଦ୍ରକୁ କହିଲି, 'ମୁ ସବୁ ଜାଣେ ; ତୁମକୁ କହୁଛି, ତୁମେ ଲୁଚାଅ ନାହିଁ ।'

ରାଜ—କଣ ଆଜ୍ଞା କରନ୍ତୁ ।

ମୁଁ—ରଜନୀ ତୁମର କନ୍ୟା ନୁହେଁ ।

ରାଜଚନ୍ଦ୍ର ବିସ୍ମିତ ହେଲା । କହିଲା, 'କଣ କହୁଛ, ମୋର ଝିଅ ନୁହେଁତ କାହାର ?'

'ହରେକୃଷ୍ଣ ଦାସର'

ରାଜଚନ୍ଦ୍ର କିଛି ସମୟ ନୀରବ ରହିଲା । ଶେଷରେ କହିଲା, 'ଆପଣେ କିଏ ତାହା ଜାଣେନା । କିନ୍ତୁ ଆପଣଙ୍କର ଗୋଡତଳେ ପଡୁଛି ଏକଥା ରଜନୀକୁ କହିବେ ନାହିଁ ।'

ମୁଁ- ବର୍ତ୍ତମାନ କହିବି ନାହିଁ । କିନ୍ତୁ କହିବାକୁ ହେବ । ମୁଁ ଯାହା ପଚାରୁଛି ତାର ପ୍ରକୃତ ଉତ୍ତର ଦିଅ । ଯେତେବେଳେ ହରେକୃଷ୍ଣ ମରିଗଲେ, ସେତେବେଳେ କଣ ରଜନୀର କିଛି ଅଳଙ୍କାର ଥିଲି ।'

ରାଜଚନ୍ଦ୍ର ଖିନ୍ନ ହେଲା । କହିଲା, 'ମୁଁତ ତାର ଅଳଙ୍କାର କଥା କିଛି ଜାଣେନା । ଅଳଙ୍କାର କିଛି ପାଇନାହିଁ ।'

ମୁଁ- ହରେକୃଷ୍ଣର ମୃତ୍ୟୁ ପରେ ତୁମେ ତାର ଅସ୍ଥାବର ସମ୍ପତ୍ତି ସନ୍ଧାନରେ ସେ ଦେଶକୁ ଆଉ ଯାଇଥିଲ ?

Digitized by srujanika@gmail.com

ରାଜ- ହଁ ଯାଇଥିଲି । ଯାଇ ଶୁଣିଲି, ହରେକୃଷ୍ଣର ଯାହା କିଛି ଥିଲା, ତାହା ପୋଲିସ ନେଇ ଯାଇଛି ।

ମୁଁ- ତାପରେ ତୁମେ କଣ କଲ ?

ରାଜ- ମୁଁ ଆଉ କଣ କରିବି ? ମୁଁ ପୋଲିସକୁ ଭୟ କରେ । ରଜନୀର ବାଲା ଚୋରି ମକଦ୍ଦମାରେ ବଡ଼ ଭୋଗିଥିଲି । ମୁଁ ପୋଲିସର ନାମ ଶୁଣି ଆଉ କିଛି କହିଲି ନାହିଁ ।

ମୁଁ- ରଜନୀର ବାଲା ଚୋରି ମକଦ୍ଦମା କ'ଣ ?

ରାଜ- ରଜନୀର ଅନ୍ନପ୍ରାଶନ ସମୟରେ ତାହାର ବାଲା ଚୋରି ଗଲା । ଚୋର ଧରା ପଡ଼ିଥିଲା । ବର୍ଦ୍ଧମାନରେ ତାର ତଦାରଖ ହୋଇଥିଲା । ସେଥିରେ ବର୍ଦ୍ଧମାନକୁ କଲିକତାରୁ ସାକ୍ଷୀ ଦେବାପାଇଁ ମୋତେ ଯିବାକୁ ହୁଏ । ମୁଁ ଭାରି ଅସୁବିଧା ଭୋଗ କରିଥିଲି ।

ମୁଁ କିଛି ସନ୍ଧାନ ପାଇଲି ।

Digitized by srujanika@gmail.com

ତୃତୀୟ ଖଣ୍ଡ

(ଶଚୀନ୍ଦ୍ର ବକ୍ତା)

• ପ୍ରଥମ ପରିଚ୍ଛେଦ

ଏ ଭାର ମୋ ପ୍ରତି ହୋଇଛି—ରଜନୀର ଜୀବନ ଚରିତର ଏ ଅଂଶ ମୋତେ ଲେଖିବାକୁ ହେବ, ଲେଖିବି ।

ମୁଁ ରଜନୀର ବିବାହ ପାଇଁ ସବୁ ଉଦ୍ୟୋଗ କରିଥିଲି । ବିବାହ ଦିନ ପ୍ରଭାତରେ ଶୁଣିଲି ଯେ ରଜନୀ ପଳାଇଛି । ସେ ଆଉ ମିଳୁନି । ତାର ଅନେକ ଅନୁସନ୍ଧାନ କଲି । ପାଇଲି ନାହିଁ । କେହି କେହି କହିଲେ, ସେ ଭ୍ରଷ୍ଟା । ମୁଁ ବିଶ୍ୱାସ କଲିନାହିଁ । ମୁଁ ତାଙ୍କୁ ଅନେକ ବାର ଦେଖିଥିଲି । ଶପଥ କରିପାରେ, ସେ କେବେ ଭ୍ରଷ୍ଟା ହୋଇ ନ ପାରେ । ତେବେ ଏହା ହୋଇପାରେ ଯେ ସେ କୁମାରୀ କୌମାର୍ଯ୍ୟବସ୍ଥାରେହିଁ କାହାର ପ୍ରଣୟାଶକ୍ତ

Digitized by srujanika@gmail.com

ହୋଇ ସେ ବିବାହଶଂକାରେ ଗୃହତ୍ୟାଗ କରିଛି । କିନ୍ତୁ ଏଥିରେ ବି ଦୁଇଟି ଆପତ୍ତି । ପ୍ରଥମ—ସେ ଅନ୍ଧ, ସେ କିପରି ସାହସ କରି ଆଶ୍ରୟ ତ୍ୟାଗ କରିଥିବ ? ଦ୍ୱିତୀୟତଃ ସେ ଅନ୍ଧ, ସେ ପ୍ରବଞ୍ଚକ ହୋଇପାରେ କି ? ମନେକଲି କଦାପି ନୁହେଁ । କେହି ହସନାହିଁ । ମୋ ପରି ଗଣ୍ଡମୂର୍ଖ ଅନେକ ଅଛନ୍ତି । ଆମେ ଦୁଇ ତିନିଟା ବହି ପଢ଼ି ମନେକରୁ ଜଗତର ଚେତନା ଚେତନର ଗୂଢ଼ାଦପି ଗୂଢ଼ତତ୍ତ୍ୱ ସବୁଜାଣିଛୁ ନଖ ଦର୍ପଣ କରି ପକାଇଛୁ, । ଯାହା ଆମର ବୁଦ୍ଧିରେ ଅଣ୍ଟେନାହିଁ, ତାହା ବିଶ୍ୱାସ କରୁନା, ଈଶ୍ୱର ମାନୁନା, କାହିଁକିନା ଆମର କ୍ଷୁଦ୍ର ବିଚାର ଶକ୍ତିରେ ଯେ ବ୍ରହ୍ମତତ୍ତ୍ୱର ମିମାଂସା କରି ଉଠି ପାରେନା, ଅନ୍ଧର ରୂପୋନ୍ମାଦ କିପରି ବୁଝିବ ?

ସନ୍ଧାନ କରୁ କରୁ ଜାଣିଲି ଯେ ଯେଉଁ ରାତ୍ରିରୁ ରଜନୀ ଅଦୃଶ୍ୟ ହୋଇଛି, ସେହି ରାତ୍ରିରୁ ହୀରାଲାଲ ଅଦୃଶ୍ୟ ହୋଇଛି । ସମସ୍ତେ କହିବାକୁ ଲାଗିଲେ ହୀରାଲାଲ ସହିତ ସେ କୁଳତ୍ୟାଗ କରି ଯାଇଛି । ଅଗତ୍ୟା ମୁଁ ଏହି ସିଦ୍ଧାନ୍ତ କଲି ଯେ ହୀରାଲାଲ ରଜନୀକୁ ଭୁଲାଇ ନେଇ ଯାଇଛି । ରଜନୀ ପରମା ସୁନ୍ଦରୀ—ଅନ୍ଧ ହେଉ, ଏପରି ଲୋକ ନାହିଁ ଯେ ତାର ରୂପରେ ମୁଗ୍ଧ ହେବନାହିଁ । ହୀରାଲାଲ ତା ରୂପରେ ମୁଗ୍ଧ ହୋଇ ତାହାକୁ ବଞ୍ଚନା କରି ନେଇ ଯାଇଛି । ଅନ୍ଧକୁ ବଞ୍ଚନା କରିବା ସୁସାଧ୍ୟ ।

କିଛିଦିନ ପରେ ହୀରାଲାଲ ଦେଖାଦେଲା । ମୁଁ ତାକୁ କହିଲି, 'ତୁମେ ରଜନୀର ସମ୍ବାଦ ଜାଣ ?' ସେ କହିଲା—ନା ।

କଣ କରିବି ? ନାଲିଶ ହୋଇ ପାରିବ ନାହିଁ । ମୋର ବଡ଼ ଭାଇଙ୍କୁ କହିଲି । ସେ କହିଲେ ରାସ୍କେଲକୁ ମାର । କିନ୍ତୁ ମାରିଲେ କଣ ହେବ ? ମୁଁ ସମ୍ବାଦପତ୍ରରେ ବିଜ୍ଞାପନ ଦେବାକୁ ଆରମ୍ଭ କଲି । ଯେ ରଜନୀର ସନ୍ଧାନ ଦେବ, ତାକୁ ଅର୍ଥ ପୁରସ୍କାର ଦେବି ବୋଲି ଘୋଷଣା କଲି । ମାତ୍ର ଫଳ କିଛି ହେଲନାହିଁ ।

• ଦ୍ୱିତୀୟ ପରିଚ୍ଛେଦ

ରଜନୀ ଜନ୍ମାନ୍ଧ । କିନ୍ତୁ ତାର ଚକ୍ଷୁ ଦେଖିଲେ ଅନ୍ଧ ବୋଲି ମନେ ହୁଏନାହିଁ । ଚକ୍ଷୁରେ ଦେଖିବାକୁ କିଛି ଦୋଷ ନାହିଁ । ଚକ୍ଷୁ ବୃହତ୍ ।

Digitized by srujanika@gmail.com

ସୁନୀଳ ଭ୍ରମରକୃଷ୍ଣ ଚକ୍ଷିକ୍ଷ । ଅତି ସୁନ୍ଦର ଚକ୍ଷୁ । କିନ୍ତୁ କଟାକ୍ଷ ନାହିଁ । ଗୁପ୍ତ ସ୍ନାୟୁ ଦୋଷରୁ ଅବା, ସ୍ନାୟୁର ନିଶ୍ଚେଷ୍ଟତା ବଶତଃ ଚିରନିଦ୍ରିତ ପ୍ରବୃତ୍ତିସମୂହ ମସ୍ତିଷ୍କରେ ଜାଗ୍ରତ ହୁଏନାହିଁ । ରଜନୀ ସର୍ବାଙ୍ଗ ସୁନ୍ଦରୀ ବର୍ଣ୍ଣ ଜଳଭେଦ-ପ୍ରମୁଖ । ନିତାନ୍ତ ନବୀନ କଦଳୀ ପତ୍ରପରି ଗୌର, ଗଠନ ବର୍ଷା-ଜଳ ପୂର୍ଣ୍ଣ ତରଙ୍ଗିଣୀ ପରି ସମ୍ପୂର୍ଣ୍ଣତା ପ୍ରାପ୍ତ । ମୁଖକାନ୍ତି ଗମ୍ଭୀର, ଗାଢ଼, ଅଟଳଭଙ୍ଗି, ମଧୁ ସ୍ନିଗ୍ଧ, ସ୍ଥିର ସେହି ଅବସ୍ଥା ବଶତଃ ସର୍ବଦା ସଙ୍କୋଚଜ୍ଞାପକ, ହାସ୍ୟ ଦୁଃଖମୟ, ସଚରାଚର ଏହି ସ୍ଥିର ପ୍ରକୃତି ଏହି ସୁନ୍ଦରୀ ଶରୀରରେ ସେହି କଟାକ୍ଷହୀନ ଦୃଷ୍ଟି ଦେଖି କୌଣସି ଗାମ୍ଭୀର୍ଯ୍ୟପଟୁ ଶିଳ୍ପୀ କରର ଯତ୍ନ-ନିର୍ମିତ ପ୍ରସ୍ତରମୟୀ ସ୍ତ୍ରୀ ମୂର୍ତ୍ତି ବୋଲି ବୋଧହୁଏ ।

ରଜନୀକୁ ପ୍ରଥମ ଦେଖି ମୋର ବିଶ୍ୱାସ ହୋଇଥିଲା ଯେ ଏହି ସୌନ୍ଦର୍ଯ୍ୟ ଅନାଘ୍ରାଣୀୟ ହେଲେବି ମୁଗ୍ଧକର ନୁହେଁ । ରଜନୀ ରୂପବତୀ, କିନ୍ତୁ ତାର ରୂପ ଦେଖି କେହି କେବେ ପାଗଳ ହେବେନାହିଁ । ତା ଚକ୍ଷୁରେ ସେହି ମୋହିନୀ ଶକ୍ତି ନାହିଁ । ସୌନ୍ଦର୍ଯ୍ୟ ଦେଖି ଲୋକେ ପ୍ରଶଂସା କରିବେ ବୋଧହୁଏ, ସେ ମୂର୍ତ୍ତି ଦେଖି ସହଜେ ଭୁଲିବେ ନାହିଁ, କାହିଁକନା ସେ ସ୍ଥିର ଓ ଗମ୍ଭୀର କାନ୍ତିର ଠିକେ ଅଦ୍ଭୁତ ଆକର୍ଷଣୀ ଶକ୍ତି ଅଛି । କିନ୍ତୁ ସେହି ଆକର୍ଷଣ ଅନ୍ୟବିଧ । ଇନ୍ଦ୍ରିୟ ସହିତ ତାର କୌଣସି ସମ୍ବନ୍ଧ ନାହିଁ । ଯାହାକୁ ଦର୍ପବାଣ କହନ୍ତି । ରଜନୀର ରୂପ ସାଙ୍ଗରେ ତାହାର କୌଣସି ସମ୍ବନ୍ଧ ନାହିଁ—ନୁହେଁକି ?

ସେ ଯାହାବି ହେଉ — ମୁଁ ମଝିରେ ମଝିରେ ଚିନ୍ତା କରେ — ରଜନୀର ଦଶା କଣ ହେବ । ସେ ଗରିବର କନ୍ୟା, କିନ୍ତୁ ତାକୁ ଦେଖିଲେ ମନେହୁଏ ଯେ ସେ ଇତର ପ୍ରକୃତି ବିଶିଷ୍ଟ ନୁହେଁ । ଗରିବ ଲୋକ ଭିନ୍ନ ତାର ଅନ୍ୟତ୍ର ବିବାହର ସମ୍ଭାବନା ନାହିଁ । ଗରିବ ଲୋକମାନଙ୍କରେ ମଧ୍ୟ ସେ ସମୟରେ ବିବାହ ହୋଇ ପାରିଲା ନାହିଁ । ଦରିଦ୍ରର ସ୍ତ୍ରୀ ଗୃହକର୍ମ ପାଇଁ, ଯେଉଁ ସ୍ତ୍ରୀର ଅନ୍ଧତାନିବନ୍ଧନ ଗୃହକର୍ମର ସାହାଯ୍ୟ ହେବନାହିଁ—ତାକୁ କେଉଁ ଦରିଦ୍ର ବିବାହ କରିବ । ସେଥିରେ ପୁଣି ଏ ଅନ୍ଧ । ଏପରି ସ୍ୱାମୀର ସହବାସରେ ରଜନୀର ଦୁଃଖ ଭିନ୍ନ ସୁଖର ସମ୍ଭାବନା ନାହିଁ । ଦୁଶ୍ଛେଦ୍ୟ କଣ୍ଟକ କାନନ ମଧ୍ୟରେ ସଯତ୍ନ ପାଳନୀୟ ଉଦ୍ୟାନ ପୁଷ୍ପର ଜନ୍ମ ପରି ଏହି ରଜନୀ ପୁଷ୍ପ-ବିକ୍ରେତାର ଗୃହରେ ଜନ୍ମ ହୋଇଛି । କଣ୍ଟକାବୃତ ହୋଇ

Digitized by srujanika@gmail.com

ମଧ୍ୟ ହୋଇ ମରିବାକୁ ହେବ । ତେବେ ମୁଁ ଯୋଗାକ ମାନଙ୍କର ହୋଇ ବିବାହ ଦେବାପାଇଁ ଏତେ ବ୍ୟସ୍ତ କାହିଁକି ? ଠିକ୍ ଜାଣେନା । ତେବେ ମାନମାଆଙ୍କର ବଡ଼ ଦୌରାତ୍ମ୍ୟ, ତାଙ୍କର ଉତ୍ତେଜନାରେ ହୋଇ ବିବାହ ଦେବାକୁ ପ୍ରବୃତ୍ତ ହୋଇ ଥିଲି । ଆଉ କଣ କହିବି ? ଯାହାକୁ ନିଜେ ବିବାହ କରି ନ ପାରେ, ତାର ବିବାହ ଦେବାକୁ ଚାହେଁ ।

ଏକଥା ଶୁଣି ଅନେକ ବନ୍ଧୁଙ୍କ ମଧ୍ୟରୁ ଜଣେ ପଚାରିଲେ, ତୁମ ମନରେ ରଜନୀକୁ ବିବାହ କରିବାର ଇଚ୍ଛା ଅଛି କି ? ନା, ସେ ଇଚ୍ଛା ନାହିଁ । ରଜନୀ ସୁନ୍ଦରୀ ହେଲେବି ଅନ୍ଧ । ରଜନୀ ପୁଷ୍ପ-ବିକ୍ରେତାର କନ୍ୟା, ଏବଂ ଅଶିକ୍ଷିତା । ରଜନୀକୁ ମୁଁ ବିବାହ କରି ପାରେନା । ଇଚ୍ଛାବି ନାହିଁ । ମୋର ବିବାହରେ ଅନିଚ୍ଛାବି ନାହିଁ । ତେବେ ମନୋମତ କନ୍ୟା ପାଉ-ନାହିଁ । ମୁଁ ଯାହାକୁ ବିବାହ କରିବି, ସେ ରଜନୀ ପରି ସୁନ୍ଦରୀ ହେବ ଅଥଚ ବିଦ୍ୟୁତ କଟାକ୍ଷ-ବର୍ଷିଣୀ ହେବ, ବଂଶ ମର୍ଯ୍ୟାଦାରେ ଶାହା ଆସମର ବା ମଲହାର ରାଓ ହୁଲ୍କାର ପ୍ରତାପ ସହ ପ୍ରୌଢ଼ୀ ହେବ, ବିଦ୍ୟାରେ ଲୀଳାବତୀ ବା ଶାପଭ୍ରଷ୍ଟା ସରସ୍ୱତୀ ହେବ, ଏବଂ ପତିଭକ୍ତିରେ ସାବିତ୍ରୀ ହେବ । ଚରିତ୍ରରେ ଲକ୍ଷ୍ମୀ, ରନ୍ଧନରେ ଦ୍ରୌପଦୀ, ଆଦରରେ ସତ୍ୟଭାମା ଏବଂ ଗୃହକର୍ମରେ ଗଦାର ମା । ମୁଁ ପାନ ଖାଇବା ସମୟରେ ପାନର ଲବଙ୍ଗ ଖୋଲିଦେବ, ତମାକୁ ଖାଇବା ସମୟରେ ହୁକାରେ କଳିକା ଅଛିକି ନାହିଁ, କହିଦେବ । ଆହାର ସମୟରେ ମାଛରୁ କଣ୍ଟା ବାଛି ଦେବ, ଏବଂ ସ୍ନାନ ପରେ ଦେହ ପୋଛିଲିକି ନାହିଁ ତଦାରଖ କରିବ । ମୁଁ ଗୁହା ଖାଇବା ସମୟରେ ଦୁଆତ ଭିତରେ ଗୁମଚ ପୁରାଇ ଗୁରୁ ଅନୁସନ୍ଧାନ ନ କରେ, ଏବଂ କାଳୀ ଅନୁସନ୍ଧାନରେ ଗୁ,ର ଜପ୍ ମଧ୍ୟରେ କଲମ ନ ଦିଏ, ସେ ବିଷୟରେ ସତର୍କ ଥିବ । ପିକଦାନୀରେ ଟଙ୍କା ରଖି ବାକ୍ସ ଭିତରେ ଛେପ ନ ପକାଏ, ଦେଖିବ, ବନ୍ଧୁଙ୍କୁ ପତ୍ର ଲେଖି ନିଜ ନାମରେ ଠିକଣା ଲେଖିଲେ ସଂଶୋଧନ କରିଦେବ । ପଇସା ଦେବାକୁ ଯାଇ ଟଙ୍କା ଦେଉ-ଛିକି ନାହିଁ ଖବର ନେବ । ନୋଟରେ ପଛପଟେ ଦୋକାନ ହିସାବ ଲେଖୁ-ଛିକି ନାହିଁ ଦେଖିବ ଏବଂ ଥଟ୍ଟା କରିବା ସମୟରେ ସମୁଦୁଣୀ ନାମ ପରି-ବର୍ତ୍ତରେ ଭକ୍ତିମତୀ ପ୍ରତିବାସୀନିର ନାମ କହିଲେ ଭୁଲ ସଂଶୋଧନ କରିଦେବ ଔଷଧ ଖାଇବାକୁ ଯାଇ ଫୁଲୁରି ତେଲ ନ ଖାଏ, ଗୃହିଣୀକୁ ଡାକିବାକୁ ଯାଇ ହୋମ୍ ସାହେବଙ୍କର ମେମଙ୍କ ନାମ ଧରି ନ ଡାକେ । ଏସବୁ ବିଷୟରେ ସର୍ବଦା ସତର୍କ ଥିବ । ଏପରି କନ୍ୟା ପାଇଲେ ବିବାହ କରିବି ।

Digitized by srujanika@gmail.com

ଆପଣମାନେ ଯେ ଜଣେ ଜଣଙ୍କୁ ଭଲ ପାଉଛନ୍ତି । ଆପଣମାନଙ୍କ ମଧ୍ୟରେ ଯେହି ଅବିବାହିତା ଏବଂ ପ୍ରେମରୁ ସୁଖରେ ସୁଖବଦ୍ଧ ଥିଲେ ଖୁସିହେବି, ମୁଁ ପୁରସ୍କୃତ କରିବି ।

ତୃତୀୟ ପରିଚ୍ଛେଦ

ଶେଷରେ ଗଜଚନ୍ଦ୍ର ଦାସ ପାଖରୁ ଶୁଣିଲି ଯେ ରଜନୀ ମିଳିଛି । କିନ୍ତୁ ଗଜଚନ୍ଦ୍ର ଦାସ ଏ ଖଣ୍ଡପୁରରେ ଆମ ସଙ୍ଗରେ ବଡ଼ ଚମତ୍କାର ବ୍ୟବହାର କରିବାକୁ ଲାଗିଲେ । ରଜନୀକୁ କେଉଁଠି ପାଇଲେ, କିପରି ପାଇଲେ ତାହା କିଛି କହିଲେ ନାହିଁ । ଆମେ ଅନେକ ପଚାରିଲୁ, କିନ୍ତୁ କୌଣସି କଥା ବାହାର କରି ପାରିଲୁ ନାହିଁ । ସେ ବା କାହିଁକି ଗୃହତ୍ୟାଗ କରି ଯାଇଥିଲା, ପଚାରିଲୁ ? ତାହାବି କହିଲା ନାହିଁ । ତାର ସ୍ତ୍ରୀବି ସେପରି ସାନମା, ସ୍ତ୍ରୀ ପରି ଯେ ଲୋକର ମନରେ ପ୍ରବେଶ କରନ୍ତି, ତାହା ପାଖରୁ କୌଣସି କଥା ବାହାର କରି ପାରିଲେ ନାହିଁ । ରଜନୀ ନିଜେ ଆଉ ଘରକୁ ଆସେନା । କାହିଁକି ଯେ ଆସେନା' ତାହାବି ଜାଣି ପାରିଲି ନାହିଁ । ଶେଷରେ ରାଜଚନ୍ଦ୍ର ଓ ତାହାର ସ୍ତ୍ରୀବି ଆମ ଘରକୁ ଆସିବା ବନ୍ଦ କଲେ । ସାନମା ବିଶେଷ ଦୁଃଖିତ ହୋଇ ସେମାନଙ୍କର ଅନୁସନ୍ଧାନରେ ଲୋକ ପଠାଇଲେ । ଲୋକ ଫେରିଆସି କହିଲା, ସେମାନେ ସପରିବାର ଅନ୍ୟତ୍ର ଉଠି ଯାଇଛନ୍ତି, ସେ ଘରେ ଆଉ ନାହାନ୍ତି । କେଉଁଠିକି ଯାଇଛନ୍ତି ତାହା କିଛି ଠିକ୍ କରି ପାରିଲୁ ନାହିଁ ।

ଏହାର ମାସେ ପରେ ଜଣେ ଭଦ୍ରଲୋକ ମୋ ସହିତ ସାକ୍ଷାତ କରିବାକୁ ଆସିଥିଲେ । ସେ ଆସି ନିଜେ ଆତ୍ମ ପରିଚୟ ଦେଲେ । 'ମୋର ନିବାସ କଲିକତାରେ ନୁହେଁ, ମୋ ନାମ ଅମର ନାଥ ଘୋଷ, ମୋର ନିବାସ ଶାନ୍ତିପୁର ।'

Digitized by srujanika@gmail.com

ସେତେବେଳେ ମୁଁ ତାହା ସଙ୍ଗରେ କଥୋପକଥନରେ ନିଯୁକ୍ତ ହେଲି, କି ଉଦ୍ଦେଶ୍ୟରେ ସେ ଆସିଥିଲେ, ମୁଁ ତାଙ୍କୁ ହଠାତ୍ ପଚାରି ପାରିଲି ନାହିଁ । ସେବି ପ୍ରଥମେ କିଛି କହିଲେ ନାହିଁ । ସୁତରାଂ ସାମାଜିକ ଓ ରାଜନୈତିକ ବିଷୟ ଉପରେ ନାନା କଥାବାର୍ତ୍ତା ହେଲା, ଦେଖିଲି, ସେ କଥାବାର୍ତ୍ତାରେ ଅତ୍ୟନ୍ତ ବିଚକ୍ଷଣ । ତାଙ୍କର ବୁଦ୍ଧି ମାର୍ଜିତ, ଶିକ୍ଷା ସମ୍ପୂର୍ଣ୍ଣ ଏବଂ ଚିନ୍ତା ବହୁଦୂର ଗାମିନୀ । କଥାବାର୍ତ୍ତାରେ ଟିକେ ଅବସର ପାଇ, ସେ ମୋର ଟେବୁଲସ୍ଥିତ 'ସେକ୍ସ୍‌ପିୟର ଗେଲେରୀର' ପତ୍ର ଓଲଟାଇବାକୁ ଲାଗିଲେ । ସେତେବେଳେ ମୁଁ ଅମରନାଥଙ୍କୁ ଦେଖିବାକୁ ଲାଗିଲି । ଅମରନାଥ ଦେଖି-ବାକୁ ସୁପୁରୁଷ, ଗୌରବର୍ଣ୍ଣ, କିନ୍ତୁ ଖର୍ବ, ସ୍ଥୂଳବି ନୁହେଁ କି ଶୀର୍ଣ୍ଣବି ନୁହେଁ, ବଡ଼ ବଡ଼ ଚକ୍ଷୁ, କେଶ ଗୁଡ଼ିକ ସୂକ୍ଷ୍ମ, କୁଞ୍ଚିତ, ଯତ୍ନରଞ୍ଜିତ ବେଶ ଭୂଷା, ପରିପାଟୀରେ ଆଡ଼ମ୍ବର ନାହିଁ, କିନ୍ତୁ ପରିଷ୍କାର ପରିଚ୍ଛନ୍ନ, ତାଙ୍କର କଥା କହିବା ଭଙ୍ଗୀ ଅତି ମନୋହର । କଣ୍ଠ ଅତି ସୁମଧୁର । ଦେଖି ବୁଝିଲି ଲୋକ ଅତି ସୁଚତୁର ।

ସେକ୍ସ୍‌ପିୟର ଗେଲେରୀର ପତ୍ର ଓଲଟାଇବା ଶେଷ ହେବାରୁ ଅମର-ନାଥ ନିଜର ପ୍ରୟୋଜନର କଥା କିଛି ନ କହି, ସେହି ପୁସ୍ତକସ୍ଥିତ ଚିତ୍ର ଗୁଡ଼ିକର ସମାଲୋଚନା ଆରମ୍ଭ କଲେ । ମୋତେ ବୁଝାଇ ଦେଲେ ଯେ ଯାହା ବାକ୍ୟ ଓ କାର୍ଯ୍ୟ ଦ୍ୱାରା ଚିତ୍ରିତ ହୋଇଛି, ତାହା ଚିତ୍ର ଫଳକରେ ଚିତ୍ରିତ କରିବାକୁ ଚେଷ୍ଟା କରିବା ଧୃଷ୍ଟତା ମାତ୍ର । ସେ ଚିତ୍ର କେବେବି ସମ୍ପୂର୍ଣ୍ଣ ହୋଇ ପାରେନା । ଏବଂ ଏସବୁ ଚିତ୍ରବି ସମ୍ପୂର୍ଣ୍ଣ ନୁହେଁ । ଡେସ୍‌ଡି-ମୋନାର ଚିତ୍ର ଦେଖାଇ କହିଲେ, 'ଆପଣ ଏହି ଚିତ୍ରରେ ଧୈର୍ଯ୍ୟ, ମାଧୁର୍ଯ୍ୟ, ନମ୍ରତା, ପାଉଛନ୍ତି । କିନ୍ତୁ ଧୈର୍ଯ୍ୟର ସହିତ ସେ ସାହାସ କାହିଁକି ? ନମ୍ରତା ସାଙ୍ଗରେ ସତୀତ୍ୱର ଅହଙ୍କାର କାହିଁ ? ଜୁଲିଏଟ୍‌ର ମୂର୍ତ୍ତି ଦେଖାଇ କହିଲେ, 'ଏହା ଯୁବତୀର ମୂର୍ତ୍ତି ଅବଶ୍ୟ କିନ୍ତୁ ଏଥିରେ ଜୁଲିଏଟ୍‌ର ନବ ଯୌବନର ଅଦମନୀୟ ଗୃଞ୍ଜନ କାହିଁ ?

ଅମରନାଥ ଏହିପରି କେତେ କଥା କହିବାକୁ ଲାଗିଲେ । ସେକ୍ସ୍-ପିୟରଙ୍କ ନାୟିକାମାନଙ୍କ ଆଲୋଚନାରୁ ଶକୁନ୍ତଳା, ସୀତା, କାଦମ୍ବରୀ, ବାସବଦତ୍ତା, ରୁକ୍ମିଣୀ, ସତ୍ୟଭାମା ପ୍ରଭୃତିର ଆସି ପହଞ୍ଚିଲେ । ଅମରନାଥ ଗୋଟି ଗୋଟି କରି ସେମାନଙ୍କ ଚରିତ୍ରର ବିଶ୍ଳେଷଣ କଲେ । ପ୍ରାଚୀନ ସାହିତ୍ୟ କଥାରୁ କ୍ରମେ ପ୍ରାଚୀନ ଇତିହାସର କଥା ଆସିଲା, ତହିଁ ପ୍ରସଙ୍ଗରେ

Digitized by srujanika@gmail.com

ଡାମାଟିସ୍ ପ୍ଲୁଟାର୍କ, ଥୁକିଡିଡିସ୍ ପ୍ରଭୃତିର ଅପୂର୍ବ ସମାଲୋଚନାର ଉକ୍ତି ସମ୍ଭନୀୟ ମତର ସମର୍ଥନ କଲେ । ହକ୍‌ସିଲିରୁ ଓ୍ୱେସ୍ଲନ୍ ଓ ଡାରୱିନ୍, ଡାରଉଇନ୍‌ରୁ ବୁକ୍‌ନେସ୍ଲର୍, ମୋଲେସ୍କଟ୍‌ସ୍ଲର ପ୍ରଭୃତିର ସମାଲୋଚନା ଆସିଲା । ଅମରନାଥ ଅପୂର୍ବ ପାଣ୍ଡିତ୍ୟ ମେଘ ମୋର କର୍ଣ୍ଣ ଗହ୍ୱରେ ବର୍ଷଣ କରିବାକୁ ଲାଗିଲେ । ମୁଁ ମୁଗ୍ଧ ହୋଇ ଆସଲ କଥା ଭୁଲିଗଲି ।

ବହୁତ ବେଳ ହୋଇ ଗଲାଣି ଦେଖି, ଅମରନାଥ କହିଲେ, 'ମହାଶୟଙ୍କୁ ଆଜି ବିରକ୍ତ କରିବି ନାହିଁ । ଯେଉଁଥି ପାଇଁ ଆସିଥିଲି, ତାହା ସଂକ୍ଷେପରେ କହୁନାହିଁ । ଗଜେନ୍ଦ୍ର ଦାସ, ଯେ ଆପଣଙ୍କୁ ଘୂଷ ଦେଉଥିଲା, ତାର ଗୋଟିଏ କନ୍ୟା ଅଛି ?'

ମୁଁ କହିଲି—ଅଛି ବୋଧହୁଏ ।

ଅମରନାଥ ଲଜ୍ଜିତ ହସି କହିଲେ—'ବୋଧହୁଏ ନୁହେଁ । ସେ ଅଛି । ମୁଁ ତାକୁ ବିବାହ କରିବାକୁ ଚାହେଁ ।'

ମୁଁ ଅବାକ୍ ହେଲି । ଅମରନାଥ କହିବାକୁ ଲାଗିଲେ, 'ମୁଁ ଗଜଚନ୍ଦ୍ର ନିକଟରେ ଏହିକଥା କହିବାକୁ ଯାଇଥିଲି, ତାଙ୍କୁ କହିଛି । ବର୍ତ୍ତମାନ ଆପଣମାନଙ୍କ ସାଙ୍ଗରେ ଗୋଟାଏ କଥା ଅଛି । ଯେଉଁ କଥା କହିବି ତାହା ଆପଣଙ୍କ ପିତାଙ୍କ ନିକଟରେ କହିବା ଉଚିତ । କାହିଁକିନା, ସେ କର୍ତ୍ତା । କିନ୍ତୁ ମୁଁ ଯାହା କହିବି, ସେଥିରେ ଆପଣମାନଙ୍କର ରାଜି କରିବା କଥା । ଆପଣ ସର୍ବାପେକ୍ଷା ସ୍ଥିର ସ୍ୱଭାବ ଏବଂ ଧର୍ମଜ୍ଞ । ସେଥିପାଇଁ ଆପଣଙ୍କୁ କହୁଛି ।'

ମୁଁ କହିଲି, କିକଥା ମହାଶୟ ।'

ଅମର — ରଜନୀର କିଛି ସମ୍ପତ୍ତି ଅଛି । ମୁଁ—ସେ କିଣ ? ସେ ସେ ଗଜଚନ୍ଦ୍ରର କନ୍ୟା ।

ଅମର—ଗଜଚନ୍ଦ୍ରର ପାଳିତା କନ୍ୟା ମାତ୍ର ।

ମୁଁ — ତେବେ ସେ କାହାର କନ୍ୟା ? କେଉଁଠି ସମ୍ପତ୍ତି ପାଇଲା ? ଏତେଦିନ ଶୁଣିଲୁଁ ନାହିଁ କିପରି ?

ଅମର—ଆପଣମାନେ ଯାହା ଭୋଗ କରୁଛନ୍ତି ତାହା ରଜନୀର । ରଜନୀ ମନୋହର ଦାସଙ୍କର ଭ୍ରାତୃକନ୍ୟା ।

ଥରେ, ପ୍ରଥମେ ଚମକି ଉଠିଲି । ତାପରେ ବୁଝିଲି ଯେ କୌଣସି ଜାଲିଆତି ଜୁଆଚୋରର ହାତରେ ପଡ଼ିଛି । ଉପହାସ କରି କହିଲି,

Digitized by srujanika@gmail.com

‘ମହାଶୟଙ୍କ ନମ୍ର ଲୋକ ମନେ ହେଉଛନ୍ତି । ମୋର ଅନେକ କାମ ଅଛି । ବର୍ତ୍ତମାନ ଆପଣଙ୍କ ସାଙ୍ଗରେ ରହସ୍ୟ କରିବାକୁ ମୋର ଅବସର ନାହିଁ । ଆପଣ ଘରକୁ ଯାଆନ୍ତୁ ।’

ଅମରନାଥ କହିଲା, ‘ତେବେ ଓକିଲ ମୁହଁରେ ସମ୍ବାଦ ଶୁଣିବେ ।’

• ଚତୁର୍ଥ ପରିଚ୍ଛେଦ

ଏଆଡେ଼ ବିଷ୍ଣୁରାମ ବାବୁ ସମ୍ବାଦ ପଠାଇ ଦେଲେ ଯେ ମନୋହର ଦାସର ଉତ୍ତରାଧିକାରୀ ଉପସ୍ଥିତ ହୋଇଛି—ସମ୍ପତ୍ତି ଛାଡ଼ିଦେବାକୁ ପଡ଼ିବ । ଅମରନାଥ ତେବେ ଜୁଆଚୋର, ଜାଲକାରୀ ନୁହେଁ ।

କିଏ ଉତ୍ତରାଧିକାରୀ, ତାହା ବିଷ୍ଣୁରାମ ବାବୁ ପ୍ରଥମେ କିଛି କହି ନାହାନ୍ତି । କିନ୍ତୁ ଅମରନାଥର କଥା ସ୍ମରଣ ହେଲା, ବୋଧହୁଏ ରଜନୀ ଉତ୍ତରାଧିକାରୀ । ଯେଉଁ ବ୍ୟକ୍ତି ଦାବିଦାର, ସେ ଯେ ମନୋହର ଦାସର ଯଥାର୍ଥ ଉତ୍ତରାଧିକାରୀ, ତଦ୍ ବିଷୟରେ ନିଶ୍ଚିତତା ଅଛି କି ନାହିଁ, ଏହା ଜାଣିବା ପାଇଁ ବିଷ୍ଣୁରାମ ବାବୁଙ୍କ ପାଖକୁ ଗଲି । ମୁଁ କହିଲି, ‘ମହାଶୟ, ପୂର୍ବରୁ କହିଛନ୍ତି ଯେ ମନୋହର ଦାସ ସପରିବାର ପାଣିରେ ବୁଡ଼ି ମରିଛନ୍ତି । ତାହାର ପ୍ରମାଣ କି ଅଛି ? ତେବେ ତାହାର ପୁଣି ଉତ୍ତରାଧିକାରୀ କେଉଁଠୁ ଆସିଲା ?’

ବିଷ୍ଣୁରାମ ବାବୁ କହିଲେ, ହରେକୃଷ୍ଣ ଦାସ ନାମକ ତାହାଙ୍କର ଜଣେ ଭାଇ ଥିଲେ, ଜାଣନ୍ତି ବୋଧହୁଏ ।’

ମୁଁ—ତାତ ଜାଣେ । କିନ୍ତୁ ସେବିତ ମରିଛନ୍ତି ।

ବିଷ୍ଣୁ—ପୂର୍ବେ ତାହା ମନେକରି ଆପଣମାନଙ୍କୁ ସମ୍ପତ୍ତି ଛାଡ଼ି ଦେଇଥିଲି । କିନ୍ତୁ ବର୍ତ୍ତମାନ ଜାଣୁଛି ଯେ ତାଙ୍କର ଗୋଟିଏ କନ୍ୟା ଅଛି ।

Digitized by srujanika@gmail.com

ମୁଁ—ତେବେ ଏତେଦିନ ସେ କନ୍ୟାର ପ୍ରସଙ୍ଗ ଉତ୍ଥାପିତ ହେଲା-ନାହିଁ କାହିଁକି ?

ବସ୍ତୁ—ହରେକୃଷ୍ଣଙ୍କର ସ୍ତ୍ରୀ ତା ପୂର୍ବରୁ ମରିଛନ୍ତି, ସ୍ତ୍ରୀର ମୃତ୍ୟୁ ପରେ ଶିଶୁ କନ୍ୟାକୁ ପାଳନ କରିବାକୁ ଅକ୍ଷମ ହୋଇ ହରେକୃଷ୍ଣ କନ୍ୟାଟିକୁ ତାହାର ଶାଳୀକୁ ଦାନ କଲେ । ତାହାର ଶାଳୀବି କନ୍ୟା-ଟିକୁ ଆତ୍ମ କନ୍ୟା ବତ୍ ପ୍ରତି ପାଳନ କଲେ । ଏବଂ ନିଜର ବୋଲି ପରିଚୟ ଦେଲେ । ହରେକୃଷ୍ଣଙ୍କର ମୃତ୍ୟୁପରେ ତାଙ୍କର ସମ୍ପତ୍ତି ସର-କାରଙ୍କର ବୋଲି ମନେ କରିଥିଲି । କିନ୍ତୁ ବର୍ତ୍ତମାନ ହରେକୃଷ୍ଣଙ୍କର ଜଣେ ପ୍ରତିବାସୀ ମୋ ନିକଟରେ ଉପସ୍ଥିତ ହୋଇ ତାଙ୍କର କନ୍ୟା କଥା ପ୍ରକାଶ କରିଛନ୍ତି । ମୁଁ ତାଙ୍କର ପ୍ରଦତ୍ତ ସନ୍ଧାନରେ ଅନୁସରଣ କରି ଜାଣିଲି ଯେ ତାଙ୍କର କନ୍ୟା ଅଛି ।

ମୁଁ— ଯେପରି ହେଉ ଗୋଟିଏ ଝିଅ ଧରି ହରେକୃଷ୍ଣ ଦାସଙ୍କର କନ୍ୟା ବୋଲି ଧୂର୍ତ୍ତ ଲୋକ ଉପସ୍ଥିତ କରିପାରେ । କିନ୍ତୁ ସେ ଯେ ଯଥାର୍ଥ ହରେକୃଷ୍ଣ ଦାସଙ୍କର କନ୍ୟା, ତାର କିଛି ପ୍ରମାଣ ଅଛି କି ?

'ଅଛି' କହି ବସ୍ତୁରାମ ବାବୁ ମୋତେ ଗୋଟିଏ କାଗଜ ଦେଖି-ବାକୁ ଦେଲେ । କହିଲେ, ଏ ବିଷୟରେ ଯେଉଁ ଯେଉଁ ପ୍ରମାଣ ସଂଗୃହୀତ ହୋଇଛି ତାହା ସେଥିରେ ଲେଖି ରଖିଛି ।'

ମୁଁ ସେ କାଗଜ ନେଇ ପଢ଼ିବାକୁ ଲାଗିଲି । ସେଥିରୁ ଜାଣିଲି ଯେ ହରେକୃଷ୍ଣ ଦାସଙ୍କର ଷତ୍ରୁ ରାଜଚନ୍ଦ୍ର ଦାସ ଦରିଦ୍ର ବୋଲି ଘୃଣା କରୁ-ଥିଲେ ।

ପ୍ରମାଣ ଯାହା ଦେଖିଲି ତାହା ଭୟାନକ ଅଟେ । ଆମେ ଏତେଦିନ ଅନ୍ଧ ରଜନୀର ଧନରେ ଧନୀ ହୋଇ ତାଙ୍କୁ ଦରିଦ୍ର ବୋଲି ଘୃଣା କରୁଥିଲୁ ।

ବସ୍ତୁରାମ ଗୋଟିଏ ଜମାନବନ୍ଦୀର ପ୍ରକୃତ ନକଲ ମୋ ହାତରେ ଦେଇ କହିଲେ, 'ବର୍ତ୍ତମାନ ଦେଖନ୍ତୁ ଏ ଜମାନବନ୍ଦୀ କାହାର ।'

ମୁଁ ପଢ଼ି ଦେଖିଲି ଯେ ଜମାନବନ୍ଦୀର ବକ୍ତା ହରେକୃଷ୍ଣ ଦାସ । ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ସେ ଗୋଟିଏ ବାଲ୍ଲ ଶ୍ଳେଷାର ମକଦ୍ଦମାରେ ଏହି ଜମାନବନ୍ଦୀ ଦେଇଛନ୍ତି । ଜମାନବନ୍ଦୀରେ ପିତାଙ୍କର ନାମ ଓ ବାସସ୍ଥାନ ଲେଖାଥାଏ । ତାହାବି ପଢ଼ି ଦେଖିଲି । ତାହା ମନୋହର ଦାସଙ୍କର ପିତାଙ୍କର ନାମ ଓ ବାସସ୍ଥାନ ସାଙ୍ଗରେ ମିଳିଲା । ବସ୍ତୁରାମ ପଚାରିଲେ,

Digitized by srujanika@gmail.com

'ମନୋହର ଦାସଙ୍କର ଭାଇ ହରେକୃଷ୍ଣଙ୍କର ଏହି ଜମାନବନ୍ଦୀ ବୋଲି ଆପ-ଣଙ୍କର ମନେ ହେଉନାହିଁ ।'

ମୁଁ-ମନେ ହେଉଛି ।

ବନ୍ଧୁ—ଯଦି ସଂଶୟ ଥାଏ, ତେବେ ବର୍ତ୍ତମାନ ତାହା ଭଂଜନ ହେବ । ପଢ଼ି ଯାଆନ୍ତୁ ।

ପଢ଼ିବାକୁ ଲାଗିଲି ଯେ, ସେ କହୁଛି, 'ମୋର ଛମାସର ଗୋଟିଏ କନ୍ୟା ଅଛି । ସପ୍ତାହେ ହେବ ତାର ଅନ୍ନପ୍ରାସନ ହୋଇଛି । ଅନ୍ନପ୍ରାସନ ଦିନ ଅପରାହ୍ନରେ ତାହାର ବାଲି ଚୋରି ହୋଇଛି ।'

'ଏପର୍ଯ୍ୟନ୍ତ ପଢ଼ି ଦେଖିଲେ', ବନ୍ଧୁବର କହିଲେ, 'ଦେଖନ୍ତୁ, କେତେ-ଦିନର ଜମାନବନ୍ଦୀ ?' ଜମାନବନ୍ଦୀର ତାରିଖ ଦେଖିଲି ଜମାନବନ୍ଦୀ ଊନେଇଶ ବର୍ଷର ।

ବନ୍ଧୁବର କହିଲେ, 'ସେହି କନ୍ୟାର ବୟସ ବର୍ତ୍ତମାନ ହିସାବରେ କେତେ ହେବ ?'

ମୁଁ- ଊଣେଇଶ ବର୍ଷ କେଇ ମାସ—ପ୍ରାୟ କୋଡ଼ିଏ ।

ବନ୍ଧୁ- ରଜନୀର ବୟସ କେତେ ଅନୁମାନ କରନ୍ତି ?

ମୁଁ - ପ୍ରାୟ କୋଡ଼ିଏ ।

ବନ୍ଧୁ- ପଢ଼ି ଯାଆନ୍ତୁ । ହରେକୃଷ୍ଣ ପରେ ବାଳିକାର ନାମ ଉଲ୍ଲେଖ କରିଛନ୍ତି ।

ମୁଁ ପଢ଼ିବାକୁ ଲାଗିଲି । ଦେଖିଲି ଯେ, ଗୋଟିଏ ସ୍ଥାନରେ ହରେକୃଷ୍ଣ ପୁନର୍ପ୍ରାପ୍ତ ବାଲି ଦେଖି କହିଛନ୍ତି, 'ଏହି ବାଲି ମୋ କନ୍ୟା ରଜନୀର ବାଲି ।'

ଆଉ କିଛି ସଂଶୟର କଥା ରହିଲା ନାହିଁ—ତଥାପି ପଢ଼ିବାକୁ ଲାଗିଲି । ପ୍ରତିବାଦୀର ମୁକ୍ତାର ହରେକୃଷ୍ଣଙ୍କୁ ପଚାରୁଛନ୍ତି, 'ତୁମେ ଗରିବ ଲୋକ, ତୁମି କନ୍ୟାକୁ ସୁନାବାଲି କପରି ଦେଲ ?' ହରେକୃଷ୍ଣ ଉତ୍ତର ଦେଉଛି, 'ମୁଁ ଗରିବ ! କିନ୍ତୁ ମୋର ଭାଇ ମନୋହର ଦାସ ଦଶଟଙ୍କା ଉପାର୍ଜନ କରନ୍ତି । ସେ ମୋର ଝିଅକୁ ସୁନାର ଗହଣା ଗୁଡ଼ିକ ଦେଇଛନ୍ତି ।

ତେବେ ଏହି ହରେକୃଷ୍ଣ ଦାସ ଆମର ମନୋହର ଦାସଙ୍କର ଭାଇ, ତଦ୍‌ବିଷୟରେ ଆଉ ସଂଶୟର ସ୍ଥାନ ନାହିଁ ।

ପରେ ମୁକ୍ତାର ପୁନର୍ବାର ପଚାରୁଛନ୍ତି, 'ତୁମର ଭାଇ, ତୁମର ସ୍ତ୍ରୀ ବା ଆଉ କାହାକୁ ଅଳଙ୍କାର ଦେଇଛନ୍ତି ?'

Digitized by srujanika@gmail.com

ଉତ୍ତର—ନା ।

ପୁନଶ୍ଚ ପ୍ରଶ୍ନ- ତେବେ ତୁମର କନ୍ୟାକୁ ଅନ୍ନପ୍ରାସନରେ ତୁମର ଗହଣା ଦେବାର କାରଣ କଣ ?

ଉତ୍ତର- ମୋର ଝିଅଟି ଜନ୍ମାନ୍ଧ । ସେଥିପାଇଁ ମୋ ସ୍ତ୍ରୀ ସର୍ବଦା କାନ୍ଦେ । ମୋର ଭାଇ ଓ ଭାଉଜ ମେଥିରେ ଦୁଃଖୀତ ହୋଇ ଆମମାନଙ୍କ ମନଦୁଃଖ କିଛି ନିବାରଣ କରିବା ପାଇଁ ଭାବି ଅନ୍ନପ୍ରାସନ ସମୟରେ ଝିଅଟିକୁ ଏ ଗହଣା ଗୁଡ଼ିକ ଦେଇଥିଲେ ।

ଜନ୍ମାନ୍ଧ ? ତେବେ ସେ ଯେ ଏହି ରଜନୀ ସେ ବିଷୟରେ ଆଉ ସଂଶୟ କଣ ?

ମୁଁ ହତାଶ ହୋଇ ଜମାନବନ୍ଦୀ ରଖିଦେଲି । କହିଲି, 'ମୋର ଆଉ ବିଶେଷ ସନ୍ଦେହ ନାହିଁ ।'

ବିଷ୍ଣୁରାମ କହିଲେ—'ଏତେ ଅଳ୍ପ ପ୍ରମାଣରେ ଆପଣଙ୍କୁ ସନ୍ତୁଷ୍ଟ ହେବାକୁ କହୁନାହିଁ । ଆଉ ଗୋଟିଏ ଜମାନବନ୍ଦୀର ନକଲ ଦେଖନ୍ତୁ ।'

ଦ୍ୱିତୀୟ ଜମାନବନ୍ଦୀରେ ଦେଖିଲି ଯେ ସେ କଥିତ ବାଲେଶ୍ୱର ମକଦ୍ଦମା ଗୃହୀତ ହୋଇଥିଲା । ଏହି ଜମାନବନ୍ଦୀର ବକ୍ତା ଗଜଚନ୍ଦ୍ର ଦାସ । ସେ ଏକମାତ୍ର ବନ୍ଧୁ ବୋଲି ସେ ଅନ୍ନପ୍ରାସନରେ ଉପସ୍ଥିତ ଥିଲେ । ସେ ହରେକୃଷ୍ଣଙ୍କର ଶ୍ୟାଳକାପତ୍ୟ ବୋଲି ଆତ୍ମ ପରିଚୟ ଦେଇଛନ୍ତି ଏବଂ ଝିଅର ବିଷୟ ସବୁ ସପ୍ରମାଣ କରୁଛନ୍ତି ।

ବିଷ୍ଣୁରାମ କହିଲେ, 'ଉପସ୍ଥିତ ଗଜଚନ୍ଦ୍ର ଦାସ ସେହି ଗଜଚନ୍ଦ୍ର ଦାସ । ସଂଶୟ ଥିଲେ, ତାଙ୍କୁ ଡାକି ପଚାରନ୍ତୁ ।'

ମୁଁ କହିଲି—ନିଷ୍ପ୍ରୟୋଜନ ।

ବିଷ୍ଣୁରାମ ଆହୁରି କେତେ ଗୁଡ଼ିଏ ଦଲିଲ ଦେଖାଇଲେ । ସେ ଗୁଡ଼ିକର ବୃତ୍ତାନ୍ତ ସବିସ୍ତାରେ କହିବାକୁ ଗଲେ ଭଲ ଲାଗିବ ନାହିଁ । ଏହା କହିଲେ ଯଥେଷ୍ଟ ହେବ ଯେ ଏହି ରଜନୀ ଦାସୀ ଯେ ହରେକୃଷ୍ଣଙ୍କର କନ୍ୟା ସେ ବିଷୟରେ ମୋର ସଂଶୟ ରହିଲା ନାହିଁ । ସେତେବେଳେ ଦେଖିଲି, ବୃଦ୍ଧ ପିତାମାତାଙ୍କୁ ନେଇ ଅନ୍ନ ପାଇଁ କାତର ହୋଇ ବୁଲିବି ।

ବିଷ୍ଣୁରାମଙ୍କୁ କହିଲି, ମକଦ୍ଦମା କରିବା ବୃଥା । ବିଷୟ ରଜନୀ ଦାସୀର । ତାଙ୍କର ବିଷୟ ତାଙ୍କୁ ଛାଡ଼ିଦେବି । ତେବେ ମୋର ଜ୍ୟେଷ୍ଠ

Digitized by srujanika@gmail.com

ସମ୍ବାଦର ଏ ବିଷୟରେ ମୋ ସଙ୍ଗରେ ଭୂଲ୍‌ଧିକାର । ତାଙ୍କୁ ପଚାରିବାକୁ ଅପେକ୍ଷା କରି ରହିଲି ମାତ୍ର ।

ମୁଁ ପରେ ଅଦାଲତକୁ ଯାଇ, ଅସଲ ଜମାବନ୍ଦୀ ଦେଖି ଆସିଲି । ବର୍ତ୍ତମାନ ପୁରୁଣା ନଥି ଛିଣ୍ଡାଇ ଦିଅନ୍ତି । ପୂର୍ବେ ରଖୁଥିଲେ । ଅସଲ ଦେଖି ଜାଣିଲି ଯେ ନକଲରେ କୌଣସି କୃତ୍ରିମତା ନାହିଁ ।

ସଂପତ୍ତି ରଜନୀକୁ ଛାଡ଼ିଦେଲି ।

• ପଞ୍ଚମ ପରିଚ୍ଛେଦ

ରଜନୀକୁ ସମ୍ପତ୍ତି ଛାଡ଼ିଦେଲି । କିନ୍ତୁ କେହିତ ସେ ସମ୍ପତ୍ତି ଦଖଲ କଲେନାହିଁ । ରାଜଚନ୍ଦ୍ର ଦାସ ଦିନେ ଦେଖା କରିବାକୁ ଆସିଲ । ତାହାର ମୁହଁରୁ ଶୁଣିଲି, ସେ ଶିମିଳାରେ ଗୋଟିଏ ଘର କିଣି ସେଠାରେ ରଜନୀକୁ ନେଇ ଅଛନ୍ତି । ପଚାରିଲି, 'ଟଙ୍କା କେଉଁଠୁ ପାଇଲ ?' ରାଜଚନ୍ଦ୍ର କହିଲ, 'ଅମରନାଥ ଧାର ଦେଇଛନ୍ତି । ପଛରେ ସମ୍ପତ୍ତିରୁ ଶୋଧ ହେବ ।' ପଚାରିଲି, 'ତେବେ ତୁମେମାନେ ସମ୍ପତ୍ତି କାହିଁକି ଦଖଲ କରୁନାହିଁ ?' ସେ- ସେ ସବୁ କଥା ଅମରନାଥ ବାବୁ ଜାଣନ୍ତି । ଅମରନାଥ ବାବୁ କଣ ରଜନୀକୁ ବିବାହ କରିଛନ୍ତି ? ରାଜଚନ୍ଦ୍ର କହିଲ—ନା । ପରେ ରାଜଚନ୍ଦ୍ର ସାଙ୍ଗରେ କଥୋପକଥନ କରି ମୁଁ ପଚାରିଲି, 'ରାଜଚନ୍ଦ୍ର ତୁମକୁ ଏତେ-ଦିନ ଦେଖିନାହିଁ କାହିଁକି ?'

ରାଜଚନ୍ଦ୍ର କହିଲ, 'ଟିକିଏ ଲୁଚିକରି ଥିଲି ।'

ମୁଁ-କାହାର କଣ ଚୋରି କରିଥିଲ ଯେ ଲୁଚି ରହିଥିଲ ?

ରାଜ-ଚୋରି କରିବ କାହାର ? ତେବେ ଅମରନାଥ ବାବୁ କହିଛନ୍ତି ଯେ ବର୍ତ୍ତମାନ ସମ୍ପତ୍ତି ନେଇ ଗଣ୍ଡଗୋଳ ହୋଇଛି, ଟିକିଏ ଲୁଚି ରହିଲେ ଭଲ । ମଣିଷର ଚକ୍ଷୁଲଜ୍ୟା ଅଛି ତ ?

Digitized by srujanika@gmail.com

ମୁଁ- ଅର୍ଥାତ୍ ଅଧମ ପଦ କହୁଛି ପ୍ରତ୍ୟେନବାକୁ ଅନୁରୋଧ କରୁଁ, । ଅମରନାଥ ବାବୁ ବଙ୍କେନାକ ଦେଉଛନ୍ତି । ସେ ଯାହା ହେଉ, ବର୍ତ୍ତମାନ ସେ କେଉଁଠାରେ ?

ରାଜ-ଆପଣଙ୍କର ପିତା ମୋତେ ଡକାଇଛନ୍ତି ।

ମୁଁ- ମୋର ପିତା ? ସେ ତୁମର ସନ୍ଧାନ ପାଇଲେ କିପରି ?

ରାଜ- ଖୋଜି ଖୋଜି ।

ମୁଁ- ଏତେ ଖୋଜା ଖୋଜି କାହିଁକି ? ତୁମକୁ ସମ୍ପତ୍ତି ପ୍ରତ୍ୟେନବାକୁ ଅନୁରୋଧ କରିବାକୁ ନୁହେଁ ତ ?

ରାଜ- ନା ନା ତାହା କାହିଁକି ? ତା ନୁହେଁ । ଆଉ କେତେକ କଥାବାର୍ତ୍ତା ପାଇଁ । ବର୍ତ୍ତମାନ ରଜନୀର କିଛି ସମ୍ପତ୍ତି ହୋଇଛି ଶୁଣି ଅନେକ ସମ୍ବନ୍ଧ ଆସୁଛି । କେଣୁ କେଉଁଠି ଠିକ୍ କରିବ ଆପଣମାନଙ୍କୁ ପଚାରିବାକୁ ଆସିଛି ।

ମୁଁ- କାହିଁକି ? ଅମରନାଥ ବାବୁ ସାଙ୍ଗରେ ତ ସମ୍ବନ୍ଧ ହୋଇଥିଲା । ସେ ଏତେ ଚେଷ୍ଟା କରି ରଜନୀର ସମ୍ପତ୍ତି ଉଦ୍ଧାର କଲେ ତାଙ୍କୁ ଛାଡ଼ି କାହାକୁ ବିବାହ ଦେବେ ?

ରାଜ- ଯଦି ତାଙ୍କ ଅପେକ୍ଷା ଭଲ ପାତ୍ର ପାଏ ?

ମୁଁ- ଅମରନାଥ ଅପେକ୍ଷା ଭଲ ପାତ୍ର କେଉଁଠି ପାଇବ ?

ରାଜ- ମନେ କରନ୍ତୁ, ଆପଣ ଯେମିତି, ଏପରି ପାତ୍ର ଯଦି ପାଏଁ ?

ମୁଁ ଟିକେ ଚମକି ପଡ଼ିଲି । କହିଲି, 'ତାହେଲେ ଅମରନାଥ ଅପେକ୍ଷା ଭଲ ପାତ୍ର ହେଲାନାହିଁ । କିନ୍ତୁ ଥଟ୍ଟା କଥା ଛାଡ଼ିଦିଅ । ତୁମେ କଣ ମୋ ସହିତ ରଜନୀର ସମ୍ବନ୍ଧ କରିବାକୁ ଆସିଛ ?'

ରାଜଚନ୍ଦ୍ର ଟିକେ କୁଣ୍ଠିତ ହେଲା । କହିଲା, 'ତାହା ଠିକ୍ । ଏ ସମ୍ବନ୍ଧ କରିବାକୁ ତୁମର ପିତା ମୋତେ ଡକାଇଛନ୍ତି ।'

ଶୁଣି ଆକାଶରୁ ପଡ଼ିଲି । ସମ୍ପୂର୍ଣ୍ଣରେ ଦରିଦ୍ର ରାଷସକୁ ଦେଖି ଝୁଡ ହୋଇ ପିତା ଯେ ଏହି ସମ୍ବନ୍ଧ କରୁଛନ୍ତି, ତାହା ବୁଝି ପାରିଲି । ରଜନୀକୁ ମୁଁ ବିବାହ କଲେ ଘରର ସମ୍ପତ୍ତି ଘରେ ରହିବ, ମୋତେ ଅନ୍ଧ ପୁଷ୍ପରାଣୀ ନିକଟରେ ବିକି କରି ପିତା ବିନିମୟ ମୂଲ୍ୟ ସ୍ୱରୂପ ହୃତ ସମ୍ପତ୍ତି ପୁନଃପ୍ରାପ୍ତ ହେବେ । ଶୁଣି ହାଡ଼ ଜଳିଗଲା ।

Digitized by srujanika@gmail.com

ରାଜଚନ୍ଦ୍ରଙ୍କୁ କହିଲି, 'ତୁମେ ବର୍ଦ୍ଧମାନ ଯାଅ । ପିତାଙ୍କ ମନରେ ମୋର ନେଇ କଥା ହେବ ।' ମୋର ରାଗ ଦେଖି ରାଜଚନ୍ଦ୍ର ପିତାଙ୍କ ନିକଟକୁ ଗଲେ । ସେ କଣ କହିଲେ କହି ପାରିବିନି । ପିତା ତାଙ୍କୁ ବିଦାୟ ଦେଇ ମୋତେ ଡକାଇଲେ ।

ସେ ମୋତେ ନାନା ପ୍ରକାର ଅନୁରୋଧ କଲେ । ରଜନୀଙ୍କୁ ବିବାହ କରିବାକୁ ହେବ, ନଚେତ୍ ସମାଜ ବାହାରେ ମରିଯିବି, ଖାଇବି କଣ ? ତାଙ୍କର ଦୁଃଖ ଓ କାତରତା ଦେଖି ମୋର ଦୁଃଖ ହେଲାନାହିଁ । ଭାରି ରାଗ ହେଲା । ମୁଁ ରାଗିକରି ଚାଲିଗଲି ।

ପିତାଙ୍କ ନିକଟରୁ ଯାଇ ମାଆଙ୍କ ହାବୁଡ଼ରେ ପଡ଼ିଲି । ପିତାଙ୍କ ପାଖରେ ରାଗିଲି, କିନ୍ତୁ ମାଆଙ୍କ ପାଖରେ ରାଗି ପାରିଲି ନାହିଁ—ତାଙ୍କର ଆଖିର ପାଣି ଅସହ୍ୟ ହେଲା । ସେଠାରୁ ପଳାଇଲି । କିନ୍ତୁ ମୋର ପ୍ରତିଜ୍ଞା ଅଟଳ ରହିଲା । ଯେଉଁ ରଜନୀଙ୍କୁ ଦୟା କରି ଗୋପାଳ ସାଙ୍ଗରେ ବିବାହ ଦେବାର ଉଦ୍ୟୋଗ କରୁଥିଲି ଆଜି ତାର ଟଙ୍କା ଲୋଭରେ ତାଙ୍କୁ ସ୍ୱୟଂ ବିବାହ କରିବି ?

ବିପଦରେ ପଡ଼ି ମନେ କଲି ସାନମାଆଙ୍କର ସାହାଯ୍ୟ ନେବି । ଘର ମଧ୍ୟରେ ସାନମାହିଁ ବୁଦ୍ଧିମତୀ । ସାନମାଙ୍କ ପାଖକୁ ଗଲି ।

'ସାନମା ମୋତେ କଣ ରଜନୀଙ୍କୁ ବିବାହ କରିବାକୁ ପଡ଼ିବ ? ମୁଁ କଣ ଅପରାଧ କରିଛି ?'

ସାନମା ଚୁପ୍ ରହିଲେ ।

ମୁଁ- ତୁମେ କଣ ସେହି ପରାମର୍ଶରେ ?

ସାନମା- ବାପା, ରଜନୀତ ସତ୍‌କାୟସ୍ଥର ଝିଅ ।

ମୁଁ - ହେଲେବି ।

ସାନମା- ମୁଁ ଜାଣେ ସତ୍ ଚରିତ୍ରା ।

ମୁଁ- ତାହାବି ସ୍ୱୀକାର କରୁଛି ।

ସାନମା- ସେ ପରମା ସୁନ୍ଦରୀ ।

ମୁଁ-ପଦ୍ମଚକ୍ଷୁ ।

ସାନମା-- ବାପା, ଯଦି ପରମ ଚକ୍ଷୁ ଖୋଜିବ, ତେବେ ତୁମକୁ ଆଉ ଗୋଟାଏ ବିବାହ କରିବାକୁ କେତେ ସମୟ ?

Digitized by srujanika@gmail.com

ମୁଁ- ସେ କଣ ମା ? ରଜନୀର ଟଙ୍କା ପାଇଁ ରଜନୀକୁ ବିବାହ କରି ତାର ସମ୍ପତ୍ତି ନେଇ ତାପରେ ତାକୁ ଠେଲି ପକାଇ ଦେଇ ଆଉ ଜଣଙ୍କୁ ବିବାହ କରିବା କପଟ କାମ ହେବ ?

ସାନମା- ଠେଲି ପକାଇବ କାହିଁକି ? ତୁମର ବଡ଼ମାଆ କଣ ଠେଲି ହୋଇଛନ୍ତି ?

ଏକଥାର ଉତ୍ତର ସାନମା ପାଖରେ କଣ ଥାଇ ପାରେନା । ସେ ମୋର ପିତାଙ୍କର ଦ୍ୱିତୀୟ ପକ୍ଷର ବନିତା । ବହୁ ବିବାହର ଦୋଷରେ କଥା ତାଙ୍କ ସାମନାରେ କହିବି କପରି ? ମୋ କଥା ନ କହି କହିଲି, ମୁଁ ଏ ବିବାହ କରିବି ନାହିଁ । ତୁମେ ମୋତେ କ୍ଷମା କର । ତୁମେ ମନା କରିଦିଅ ।

ସାନମା- ମୁଁ ନ ବୁଝେ ଏପରି ନୁହେଁ । କିନ୍ତୁ ବିବାହ ନ କଲେ ଆମେ ସପରିବାର ଅନ୍ନାଭାବରେ ମରିବୁ । ମୁଁ ସବୁ କଷ୍ଟ ସହ୍ୟ କରି-ପାରେ, କିନ୍ତୁ ତୁମମାନଙ୍କର ଅନ୍ନକଷ୍ଟ ମୁଁ ଆଖିରେ ଦେଖି ପାରିବି ନାହିଁ । ତୁମର ଶରୀର ବର୍ଦ୍ଧିତ ପରମାୟୁ ହେଉ, ତୁମେ ଏଥିରେ ଅମତ କରନାହିଁ ।

ମୁଁ- ଟଙ୍କା କଣ ଏତେ ବଡ଼ ?

ସାନମା- ତୁମ ମୋ ପାଖରେ ନୁହେଁ । କିନ୍ତୁ ଯେଉଁମାନେ ତୁମର ମୋର ସର୍ବସ୍ୱ ସେମାନଙ୍କ ପାଖରେ । ବରଂ ତୁମ ମୋ ପାଖରେ ବି । ଦେଖ, ତୁମ ପାଇଁ ଆମେ ତିନିଜଣ ପ୍ରାଣ ଦେଇପାରୁ । ତୁମେ ଆମମାନଙ୍କ ପାଇଁ ଗୋଟିଏ ଅନ୍ଧ କନ୍ୟା ବିବାହ କରି ପାରିବ ନାହିଁ ?

ସାନମା ଦମ୍ଭ କରି କହିଲେ, 'ତୁମେ ଯାହା କୁହନା କାହିଁକି, ମୁଁ ଯଦି କାୟସ୍ଥର ଝିଅ ହୁଏ, ତାହେଲେ ଏ ବିବାହ ହେବ, ହେବ ।'

ମୁଁ ହସିକରି କହିଲି, 'ତେବେ ବୋଧହୁଏ ତୁମେ ଗଉଡ଼ର ଝିଅ । ମୋତେ ଏ ବିବାହ ଦେଇ ପାରିବ ନାହିଁ ।

ସାନମା- ନା ବାବା, ମୁଁ କାୟସ୍ଥର ଝିଅ ।

ସାନମା ଭାରି ଦୁଷ୍ଟ । ମୋତେ ବାବା କହି ଗାଳି ଫେରାଇ ଦେଲେ ।

Digitized by srujanika@gmail.com

• ଷଷ୍ଠ ପରିଚ୍ଛେଦ

ଆମ ଘରେ ଜଣେ ସନ୍ନ୍ୟାସୀ ଆସି ମଝିରେ ମଝିରେ ରହନ୍ତି । କେହି ସନ୍ନ୍ୟାସୀ କହନ୍ତି, କେହି ବ୍ରହ୍ମଚାରୀ, କେହି ଦଣ୍ଡୀ, କେହି ଅବଧୂତ । ପରିଧାନରେ ଗୈରିକ ବାସ, କଣ୍ଠରେ ରୁଦ୍ରାକ୍ଷ ମାଳ, ମସ୍ତକରେ ରୁକ୍ଷ କେଶ, ଜଟା ନୁହେଁ, ରକ୍ତ ଚନ୍ଦନର ସାନ ଟୋପା, ଏହାଙ୍କ ଦେହ ଧୂଳି ଧୂସରିତ ନୁହେଁ । ସନ୍ନ୍ୟାସୀ ଜାତି ମଧ୍ୟରେ ଏ ଟିକିଏ ବାବୁ । କଠାଉ ଚନ୍ଦନ କାଠର, ସେଥିରେ ହାତୀ ଦାନ୍ତର ଖିଲ, । ସେ ଯାହା ହୁଅନ୍ତୁ, ବାଳକମାନେ ତାଙ୍କୁ ସନ୍ନ୍ୟାସୀ ମହାଶୟ କହନ୍ତି, ମୁଁ ବି ତାଙ୍କୁ ସେଇଆ କହିବି ।

ପିତା ତାଙ୍କୁ କେଉଁଠୁ ଆଣିଥିଲେ । ଅନୁଭବରେ ବୁଝିଲି, ପିତାଙ୍କର ମନେମନେ ବିଶ୍ୱାସ ଥିଲ, ସନ୍ନ୍ୟାସୀ ନାନାବିଧ ଔଷଧ ଜାଣେ ଏବଂ ତାନ୍ତ୍ରିକ ଯାଗଯଜ୍ଞରେ ସୁଦକ୍ଷ । ବିମାତା ବନ୍ଧ୍ୟା । ପିତାଙ୍କ ଅନୁକମ୍ପାରେ ସନ୍ନ୍ୟାସୀ ଉପରର ଦୁଇଟି ବୈଠକଖାନା ଦଖଲ କରିଥିଲ । ଏଥିପାଇଁ ମୁଁ ଟିକେ ବିରକ୍ତ ହୋଇଥିଲ । ଦିନକର ସନ୍ଧ୍ୟା ସମୟରେ ସୂର୍ଯ୍ୟ ଆଡ଼କୁ ମୁହଁ କରି ସାରଙ୍ଗ ରାଗିଣୀରେ ଆର୍ଯ୍ୟା ଛନ୍ଦରେ ସ୍ତୋତ୍ର ପାଠ କରନ୍ତି, ଭଣ୍ଡାମୀ ଆଉ ମୋର ସହ୍ୟ ହେଲନାହିଁ । ମୁଁ ତାର ଅର୍ଦ୍ଧଚନ୍ଦ୍ରର ବ୍ୟବସ୍ଥା କରିବା ପାଇଁ ତାହା ନିକଟକୁ ଗଲ । କହିଲି, 'ସନ୍ନ୍ୟାସୀ ଠାକୁର, ଘୃତ ଉପରେ ମୁଣ୍ଡରଗଣ୍ଡି କଣ ବକୁଛ ?'

ସନ୍ନ୍ୟାସୀ ହିନ୍ଦୁସ୍ଥାନୀ । କିନ୍ତୁ ଆମ ସଙ୍ଗରେ ଯେଉଁ ଭାଷାରେ କଥା କହେ ସେଥିରୁ ଚୌଦଣା ସଂସ୍କୃତ, ଅଣାଏ ହିନ୍ଦୀ, ଅଣାଏ ବଙ୍ଗଳା, ମୁଁ ବଙ୍ଗଳାରେ କହୁଛି ।

Digitized by srujanika@gmail.com

ସନ୍ନ୍ୟାସୀ ଉତ୍ତର ଦେଲେ, 'କାହିଁକି ? କଣ ବେଦ ଆପଣ କଣ ଜାଣିନ୍ତି ନାହିଁ ?'

ମୁଁ- ବେଦମନ୍ତ୍ର ।

ସନ୍ନ୍ୟାସୀ- ହେଲେ ହୋଇପାରେ ।

ମୁଁ- ମନ୍ତ୍ର କଣ ଭୁଲ ?

ସନ୍ନ୍ୟାସୀ- କିଛି ନୁହେଁ ।

ଉତ୍ତର ଠିକ ସନ୍ନ୍ୟାସୀଙ୍କର କିନ୍ତୁ ମୁଁ ଏ ଠିକ ପ୍ରତ୍ୟାଶା କରିନାହିଁ । ମୋତେ ବେଳେ ପଚାରିଲି, ତେବେ ପଢ଼ନ୍ତି କାହିଁକି ?'

ସନ୍ନ୍ୟାସୀ- କାହିଁକି ଶୁଣିବାକୁ କଣ ଇଚ୍ଛା କର ?

ମୁଁ- ନା, ଶୁଣିବାକୁ ମନ ନୁହେଁ । ବରଂ ଆପଣଙ୍କର ସୁବିଧା । ଯେବେ ଯଦି କିଛି ଫଳ ନାହିଁ, ତେବେ ପଢ଼ନ୍ତି କାହିଁକି ?

ସନ୍ନ୍ୟାସୀ- ଯେଉଁଠି ଏଥିରେ କାହାରିବି କୌଣସି ଅନିଷ୍ଟ ନାହିଁ, ସେଠାରେ ପଢ଼ିବାରେ କ୍ଷତି କଣ ?

ମୁଁ ତର୍କ କରିବାକୁ ଆସିଥିଲି । କିନ୍ତୁ ଦେଖିଲି ଯେ ଠିକେ ହାତି-ଗାଡ଼ି- ସୂତରାଂ ମୋତେ ଗୁପି ଧରିବାକୁ ହେଲା । କହିଲି, 'କ୍ଷତି ନାହିଁ । କିନ୍ତୁ ନିଷ୍ଫଳରେ କେହି କୌଣସି କାର୍ଯ୍ୟ କରେନା- ଯଦି ବେଦଗାନ ନିଷ୍ଫଳ, ତେବେ ଆପଣ ବେଦଗାନ କରନ୍ତି କାହିଁକି ?

ସନ୍ନ୍ୟାସୀ- ଆପଣ ବଡ଼ ପଣ୍ଡିତ । ଆପଣ କୁହନ୍ତୁ ଦେଖି ବୃକ୍ଷ ଉପରେ କୋକିଳ ଗୀତ ବୋଲେ କାହିଁକି ?

ମୁସ୍କିଲରେ ପଡ଼ିଲି । ଏହାର ଦୁଇଟି ଉତ୍ତର ଅଛି । ଗୋଟିଏ- 'ଏଥିରେ କୋକିଳର ସୁଖ ।' ଦ୍ୱିତୀୟରେ ସ୍ତ୍ରୀ କୋକିଳକୁ ମୋହିତ କରିବା ପାଇଁ କେଉଁଟି କହିବ ? ପ୍ରଥମଟି ଆଗେ କହିଲି—'ଗୀତ ବୋଲି କୋକିଳର ସୁଖ ।'

ସନ୍ନ୍ୟାସୀ- ବୋଲିବାରେ ମୋର ସୁଖ ।

ମୁଁ- ତେବେ ଟପ୍ପା, ଖ୍ୟାଲ ସବୁ ଥାଉ ଥାଉ ବେଦଗାନ କରନ୍ତି କାହିଁକି ?

ସନ୍ନ୍ୟାସୀ- କେଉଁ କଥା ଗୁଡ଼ିକ ସୁଖକର, ସାମାନ୍ୟ ଗଣିକା ଗଣଙ୍କର କଦର୍ଯ୍ୟ ଚରିତ୍ରର ଗୁଣଗାନ ସୁଖକର ନା ଦେବତା ମାନଙ୍କ ଅସୀମ ମହିମା ଗାନ ସୁଖକର ?

ହାରିଯାଇ ବିଷୟରୁ ଉତ୍ତରକୁ ଗଲି । କହିଲି, 'କୋକିଳ ବୋଲେ କୋକିଳ ପତ୍ନୀକୁ ମୋହିତ କରିବା ପାଇଁ । ମୋହନାର୍ଥ ଯେଉଁ ଶାରୀରିକ ସ୍ଫୁର୍ତ୍ତି, ସେଥିରେ ଜୀବର ସୁଖ, କଣ୍ଠସ୍ୱରର ସ୍ଫୁର୍ତ୍ତି, ସେହି ଶାରୀରିକ ସ୍ଫୁର୍ତ୍ତିର ଅନ୍ତର୍ଗତ । ଆପଣ କାହାକୁ ମୁଗ୍ଧ କରିବାକୁ ଚାହାନ୍ତି ?'

ସନ୍ନ୍ୟାସୀ ହସି ହସି କହିଲେ, 'ମୋର ନିଜର ମନକୁ । ମନ ଆତ୍ମାର ଅନୁରାଗୀ ନୁହେଁ, ଆତ୍ମାର ହିତକାରୀ ନୁହେଁ । ତାହାକୁ ବଶୀଭୂତ କରିବା ପାଇଁ ବୋଲେ ।'

ମୁଁ- ଆପଣମାନେ ଦାର୍ଶନିକ ! ମନ ଏବଂ ଆତ୍ମା ପୃଥକ୍ ବୋଲି ମାନନ୍ତି । କିନ୍ତୁ ମନ ଓ ଆତ୍ମା ଯେ ପୃଥକ ପୃଥକ ତାହା ମୁଁ ମାନି ପାରେନାହିଁ । ମନର କ୍ରିୟା ଦେଖିପାରେ । ଇଚ୍ଛା, ପ୍ରବୃତ୍ତି ଆଦି ମୋର ମନରେ । ସୁଖ ମୋର ମନରେ । ଦୁଃଖ ମୋର ମନରେ, ତେବେ ପୁଣି ମୋର ମନର ଅତିରିକ୍ତ ଆତ୍ମା, କାହିଁକି ମାନିବି ? ଯାହାର କୌଣସି ଚିହ୍ନ ଦେଖୁନାହିଁ, ତାକୁ କାହିଁକି ମାନିବି ?'

ସନ୍ନ୍ୟାସୀ- ତେବେ କହୁନା କାହିଁକି ମନ ଓ ଶରୀର ଏକ । ଶରୀର ଓ ମନର ପ୍ରଭେଦ କାହିଁକି ମାନିବ ? ଯାହା କିଛି କାର୍ଯ୍ୟ କରୁଛ, ସବୁହିଁ ଶରୀରର କାର୍ଯ୍ୟ- କେଉଁଠି ମନର କାର୍ଯ୍ୟ ?

ମୁଁ- ଚିନ୍ତା, ପ୍ରବୃତ୍ତି, ଭୋଗ ଆଦି !

ସନ୍ନ୍ୟାସୀ- କିପରି ଜାଣିଲ ଯେ ସେସବୁ ଶାରୀରିକ କ୍ରିୟା ନୁହେଁ ।

ମୁଁ- ତାହା ଅବଶ୍ୟ ସତ । ମନ ଶରୀର କ୍ରିୟା ମାତ୍ର ।

ସନ୍ନ୍ୟାସୀ- ଭଲ ଭଲ । ତେବେ ଆଉ ଟିକିଏ ଆସ । କୁହ ଶରୀର ପଞ୍ଚଭୂତର କ୍ରିୟା ମାତ୍ର । ଶୁଣିଛି ତୁମ୍ଭେମାନେ ପଞ୍ଚଭୂତ ମାନନାହିଁ- ତୁମ୍ଭେମାନେ ବହୁଭୂତବାଦୀ, ତା ହେଉ- କହୁନା କାହିଁକି ଯେ କ୍ଷିତି ଆଦି ବା ଅନ୍ୟ ଭୂତ ଗଣ ଶରୀର ରୂପ ଧାରଣ କରି ସବୁ କରୁଛନ୍ତି । ଏଇ ଯେ ତୁମେ ମୋ ସାଙ୍ଗରେ କଥା କହୁଛ-ମୁଁ କହେଯେ କେବଳ କ୍ଷିତି ଆଦି ମୋର ସମ୍ମୁଖରେ ଛିଡ଼ା ଶବ୍ଦ କରୁଛନ୍ତି, ଶଚୀନ୍ଦ୍ରନାଥ ନୁହେଁ । ମନ ଓ ଶରୀରାଦିର କଳ୍ପନାର ପ୍ରୟୋଜନ କଣ ? କ୍ଷିତି ଆଦି ଭିନ୍ନ ଶଚୀନ୍ଦ୍ରନାଥର ଅସ୍ତିତ୍ୱ ମାନେନା ।

ହାରିଯାଇ ଭକ୍ତି ଭାବରେ ସେ ସନ୍ନ୍ୟାସୀଙ୍କୁ ପ୍ରଣାମ କରି ଉଠିଗଲି ! କିନ୍ତୁ ସେହି ଦିନରୁ ସନ୍ନ୍ୟାସୀ ସାଙ୍ଗରେ ଟିକିଏ ସମ୍ପ୍ରୀତି ହେଲି । ସର୍ବଦା

Digitized by srujanika@gmail.com

ତାଙ୍କ ପାଖରେ ଆସି ବସେ ଏବଂ ଶାସ୍ତ୍ରୀୟ ଆଲାପ କରେ । ଦେଖିଲି ସନ୍ନ୍ୟାସୀର ଅନେକ ପ୍ରକାର ଭଣ୍ଡାମୀ ଅଛି । ସନ୍ନ୍ୟାସୀ ଔଷଧ ବିତରଣ କରନ୍ତି, ସନ୍ନ୍ୟାସୀ ହାତ ଦେଖି ଗଣନା କରି ଭବିଷ୍ୟତ କୁହନ୍ତି, ସନ୍ନ୍ୟାସୀ ଯାଗ ହୋମାଦି ମଧ୍ୟ ମଝିରେ ମଝିରେ କରେ । ନଳ ଗୁଳନା କରେ, ଘେର କାଟିଦିଏ, ଆହୁରି କେତେ ଭଣ୍ଡାମୀ କରେ । ଦିନେ ମୋର ଅସହ୍ୟ ହେଲା । ତାଙ୍କୁ ଡାକି ମୁଁ କହିଲି, 'ଆପଣ ମହାମହୋପାଧ୍ୟାୟ ପଣ୍ଡିତ, ଆପଣଙ୍କର ଏସବୁ ଭଣ୍ଡାମୀ କାହିଁକି ?'

ସନ୍ନ୍ୟାସୀ - କେଉଁଟା ଭଣ୍ଡାମି ?

ମୁଁ - ନଳ ଗୁଳନା, ହାତ ଗଣନା ପ୍ରଭୃତି ।

ସନ୍ନ୍ୟାସୀ- କେତେ ମୂର୍ଖଙ୍କ ଅନୁଷ୍ଠିତ ଅବଶ୍ୟ, କିନ୍ତୁ ତଥାପି କର୍ତ୍ତବ୍ୟ ।

ମୁଁ - ଯାହା ଅନୁଷ୍ଠିତ ବୋଲି ଜାଣନ୍ତି, ତାହାଦ୍ୱାରା ଲୋକମାନଙ୍କୁ ପ୍ରତାରଣା କାହିଁକି କରନ୍ତି ?

ସନ୍ନ୍ୟାସୀ- ତୁମ୍ଭେମାନେ ମଡା କାଟ କାହିଁକି ?

ମୁଁ - ଶିକ୍ଷାର୍ଥେ ।

ସନ୍ନ୍ୟାସୀ- ଯେଉଁମାନେ ଶିକ୍ଷିତ, ସେମାନେ କାଟନ୍ତି କାହିଁକି ?

ମୁଁ - ତତ୍ତ୍ୱାନୁସନ୍ଧାନ ପାଇଁ ।

ସନ୍ନ୍ୟାସୀ- ଆମେବି ତତ୍ତ୍ୱାନୁସନ୍ଧାନ ପାଇଁ ଏସବୁ କରୁଁ । ଶୁଣିଛି ବିଲାତି ପଣ୍ଡିତମାନଙ୍କ ମଧ୍ୟରେ ଅନେକ କହନ୍ତି, ଲୋକ ମୁଣ୍ଡର ଗଠନ ଦେଖି ତାହାର ଚରିତ୍ରର କଥା କୁହାଯାଏ । ଯଦି ମୁଣ୍ଡର ଗଠନରେ ଚରିତ୍ର କୁହାଯାଏ, ତେବେ ହାତର ରେଖା ଦେଖିବା କାହିଁକି ଭାଗ୍ୟ ନ କୁହାହେବ ? ଏହା ମାନେ ଯେ ହାତର ରେଖା ଦେଖି କେହି ଏପର୍ଯ୍ୟନ୍ତ ଠିକ୍ କହି ପାରି ନାହାନ୍ତି । ଏହାର କାରଣ ଏହା ହୋଇ ପାରେ ଯେ ଏହାର ପ୍ରକୃତ ସଙ୍କେତ ଅଦ୍ୟାପି ମିଳିନାହିଁ । କିନ୍ତୁ କ୍ରମେ କ୍ରମେ ହାତ ଦେଖୁଁ ଦେଖୁଁ ପ୍ରକୃତ ସଙ୍କେତ ମିଳି ଯାଇପାରେ । ଏଥିପାଇଁ ହାତ ପାଇଲେ ଦେଖେ ।

ମୁଁ - ଆଉ ନଳ ଗୁଳନା ।

ସନ୍ନ୍ୟାସୀ- ତୁମ୍ଭେମାନେ ଲୁହାତାରରେ ପୃଥିବୀମୟ ଲିପି ଚଳାଇ ପାର, ଆମେ କଣ ନଳଟି ଚଳାଇ ପାରୁନା । ତୁମ୍ଭମାନଙ୍କର ଗୋଟିଏ ଭ୍ରମ ଅଛି । ତୁମ୍ଭେମାନେ ମନେ କର ଯେ ଯାହା ଇଂରେଜମାନେ ଜାଣନ୍ତି ତାହାହିଁ ସତ୍ୟ, ଯାହା ଇଂରେଜ ଜାଣେନା ତାହା ଅସତ୍ୟ,

Digitized by srujanika@gmail.com

ଯାହା ମନୁଷ୍ୟ ଜ୍ଞାନର ଅଜ୍ଞାତ, ତାହା ଅସତ୍ୟ । ବସ୍ତୁତଃ ତାହା ନୁହେଁ । ଜ୍ଞାନ ଅନନ୍ତ । କିଛି ତୁମେ ଜାଣ, କିଛି ମୁଁ ଜାଣେ-କିଛି ଅନ୍ୟମାନେ ଜାଣନ୍ତି, କିନ୍ତୁ କେହି କହି ପାରିବ ନାହିଁ ଯେ ମୁଁ ସବୁ ଜାଣେ-ଆଉ କେହି ମୋର ଜ୍ଞାନର ଅତିରିକ୍ତ କିଛି ଜାଣେନା । କିଛି ଇଂରେଜ ଜାଣେ, କିଛି ଆମର ପୂର୍ବ ପୁରୁଷମାନେ ଜାଣିଥିଲେ । ଇଂରେଜମାନେ ଯାହା ଜାଣନ୍ତି, ଋଷିମାନେ ତାହା ଜାଣି ନ ଥିଲେ । ଋଷିମାନେ ଯାହା ଜାଣି-ଥିଲେ, ଇଂରେଜମାନେ ଏ ପର୍ଯ୍ୟନ୍ତ ତାହା ଜାଣି ପାରି ନାହାନ୍ତି । ସେ ସବୁ ଆର୍ଯ୍ୟ ବିଦ୍ୟା ପ୍ରାୟ ଲୁପ୍ତ ହୋଇଛି । ଆମେ କେହି କେହି ଗୋଟିଏ ଦୁଇଟି ବିଦ୍ୟା ଜାଣୁ, ଯତ୍ନରେ ଗୋପନ ରଖୁ, କାହାକୁ ଶିଖାଉନା ।

ମୁଁ ହସିଲି । ସନ୍ନ୍ୟାସି କହିଲେ, 'ତୁମେ ବିଶ୍ୱାସ କରୁନା । କିନ୍ତୁ ପ୍ରତ୍ୟକ୍ଷରେ ଦେଖିବାକୁ ଚାହଁ ?'

ମୁଁ କହିଲି ଦେଖିଲେ ବୁଝି ପାରିବି ।

ସନ୍ନ୍ୟାସି କହିଲେ, ପରେ ଦେଖାଇବି । ବର୍ତ୍ତମାନ ତୁମ ସହିତ ମୋର ଗୋଟିଏ କଥା ଅଛି । ମୋ ସଙ୍ଗରେ ତୁମର ଘନିଷ୍ଠତା ଦେଖି ତୁମ ପିତା ମୋତେ ଅନୁରୋଧ କରନ୍ତି ଯେ ତୁମକୁ ବିବାହ କରିବା ପାଇଁ ସମ୍ମତ କରାଇବି ।

ମୁଁ ହସି ହସି କହିଲି, ସମ୍ମତ କରାଇବାକୁ ହେବନାହିଁ । ମୁଁ ବିବାହ କରିବାକୁ ପ୍ରସ୍ତୁତ । କିନ୍ତୁ—

ସ- କିନ୍ତୁ କଣ ?

ମୁଁ- କନ୍ୟା କାହିଁ ? ଗୋଟିଏ ଅନ୍ଧ କନ୍ୟା ଅଛି । ତାକୁ ବିବାହ କରିବ ନାହିଁ ।

ସ- ଏ ବଙ୍ଗଳା ଦେଶରେ କଣ ତୁମ ଯୋଗ୍ୟ କନ୍ୟା ନାହିଁ ?

ମୁଁ- ହଜାର ହଜାର ଅଛନ୍ତି । କିନ୍ତୁ ବାଛି ନେବି କପରି ? ଏହି ଶତ ସହସ୍ର କନ୍ୟା ମଧ୍ୟରେ କିଏ ମୋତେ ଚିରଦିନ ଭଲ ପାଇବ, ତାହା କପରି ବୁଝିବି ?

ସ- ମୋର ଗୋଟିଏ ବିଦ୍ୟା ଅଛି । ଯଦି ପୃଥିବୀରେ ଏପରି କେହି ଥାଏ ଯେ ତୁମକୁ ମର୍ମାନ୍ତିକ ଭଲ ପାଏ, ତେବେ ତାକୁ ସ୍ୱପ୍ନରେ ଦେଖାଇ ପାରେ । କିନ୍ତୁ ଯେ ତୁମକୁ ବର୍ତ୍ତମାନ ଭଲ ପାଏନାହିଁ, ଭବିଷ୍ୟତରେ ଭଲ ପାଇପାରେ ତାହା ମୋ ବିଦ୍ୟାର ଅଜ୍ଞାତ ।

Digitized by srujanika@gmail.com

ମୁଁ- ଏ ବିଦ୍ୟା ଆବଶ୍ୟକ ବିଦ୍ୟା ନୁହେଁ । ଯେ ଯାହାକୁ ଭଲ ପାଏ, ସେ ତାକୁ ତାଙ୍କ ପ୍ରଣୟିଣୀ ବୋଲି ଜାଣେ ।

ସ- କିଏ କହିଲା ? ଅଜ୍ଞାତ ପ୍ରଣୟହିଁ ପୃଥିବୀରେ ଅଧିକ । ତୁମକୁ କିଏ ଭଲ ପାଏ ତୁମେ କ'ଣ ତାକୁ ଜାଣ ?

ମୁଁ- ଆତ୍ମୀୟ ସ୍ୱଜନ ଭିନ୍ନ କେହି ଯେ ମୋତେ ବିଶେଷ ଭଲ ପାଏ, ଏପରି ଜାଣେନା ।

ସନ୍ନ୍ୟାସୀ- ତୁମେ ଆମର ବିଦ୍ୟା କିଛି ଦେଖିବାକୁ ଚାହୁଁଥିଲ । ଆଜି ଗୋଟି ଦେଖ ।

ମୁଁ- କ୍ଷତି କଣ ?

ସନ୍ନ୍ୟାସୀ- ତେବେ ଶୟନ ସମୟରେ ମୋତେ ଶୋଇବା ଘରକୁ ଡାକିବ ।

ମୋର ଶଯ୍ୟାଗୃହ ଡାଣ୍ଡଘରେ । ମୁଁ ଶୟନ ସମୟରେ ସନ୍ନ୍ୟାସୀଙ୍କୁ ଡକାଇଲି । ସନ୍ନ୍ୟାସୀ ଆସି ମୋତେ ଶୋଇବାକୁ କହିଲେ । ମୁଁ ଶୋଇବାରୁ, ସେ କହିଲେ, 'ଯେତେ ସମୟ ମୁଁ ପାରେ ଥିବ, ଆଖି ଖୋଲିବ ନାହିଁ । ମୁଁ ଗଲାପରେ ଯଦି ଜାଗ୍ରତ ଥିବ, ଚାହିଁବ । ସୁତରାଂ ମୁଁ ଆଖି ବୁଜି ରହିଲି । ସନ୍ନ୍ୟାସୀ କଣ କୌଶଳ କଲେ କିଛି ଜାଣି ପାରିଲି ନାହିଁ । ସନ୍ନ୍ୟାସୀ ଯିବା ପୂର୍ବରୁ ମୁଁ ନିଦ୍ରାଭିଭୂତ ହୋଇ ପଡ଼ିଲି ।

ସନ୍ନ୍ୟାସୀ କହିଥିଲେ, ପୃଥିବୀ ମଧ୍ୟରେ ଯେଉଁ ନାୟିକା ମୋତେ ମର୍ମାନ୍ତିକ ଭଲ ପାଏ, ଆଜି ତାକୁ ମୁଁ ସ୍ୱପ୍ନରେ ଦେଖିବି । ସ୍ୱପ୍ନ ଅବଶ୍ୟ ଦେଖିଲି । କଳ କଲ୍ଲୋଳ ଗଙ୍ଗା ପ୍ରବାହ ମଧ୍ୟରେ ସୈକତ ଭୂମି । ତାହାର ପ୍ରାନ୍ତ ଭାଗରେ ଅର୍ଦ୍ଧ ଜଳମଗ୍ନା—କିଏ ?

ର ଜ ନୀ !

ପରଦିନ ପ୍ରଭାତରେ ସନ୍ନ୍ୟାସୀ ପଚାରିଲେ, 'କାହାକୁ ସ୍ୱପ୍ନରେ ଦେଖିଥିଲ?

ମୁଁ- ଅନ୍ଧ ଫୁଲବାଲୀ ।

ସନ୍ନ୍ୟାସୀ- ଅନ୍ଧ ?

ମୁ- ଜନ୍ମାନ୍ଧ ।

ସନ୍ନ୍ୟାସୀ- ଆଶ୍ଚର୍ଯ୍ୟ କିନ୍ତୁ ଯେ ହେଉ, ତାହାଠାରୁ ତୁମକୁ ଏ ପୃଥିବୀରେ ଆଉ କେହି ବେଶି ଭଲ ପାଏନାହିଁ ।

ମୁଁ ନିରବ ରହିଲି ।

Digitized by srujanika@gmail.com

ଚତୁର୍ଥ ଖଣ୍ଡ

(ସାମନ୍ତଙ୍କର କଥା)

• ପ୍ରଥମ ପରିଚ୍ଛେଦ

ଲବଙ୍ଗଲତାର କଥା

ବଡ଼ ମୁସ୍କିଲ ହେଲ । ମୁଁ ତ ସନ୍ନ୍ୟାସି ଠାକୁରଙ୍କର ହାତଗୋଡ଼ ଧରି କାନ୍ଦି କାଟି ଶଚୀନ୍ଦ୍ରଙ୍କୁ ଚିରଜନ୍ମର ବଶୀଭୂତ କରିବା ଉପାୟ କରୁଛି । ସନ୍ନ୍ୟାସୀ ତନ୍ତ୍ରସିଦ୍ଧ, ଜଗଦମ୍ବାଙ୍କ କୃପାରେ ଯାହା ମନେ କରନ୍ତି ତାହା କରି ପାରନ୍ତି । ମିତ୍ର ମହାଶୟ ଛଷଠି ବର୍ଷ ବୟସରେ ଯେ ଏ ପାମରୀର ଏତେ ବେଶି ବଶୀଭୂତ, ତାହା ମୋ ଗୁଣରେ କି ସନ୍ନ୍ୟାସୀ ଠାକୁରଙ୍କ ଗୁଣରେ ତାହା କହିବା କଷ୍ଟ । ମୁଁ ବି କାୟମନବାକ୍ୟରେ ପଡିପଦ ସେବାରେ ତ୍ରୁଟି କରେନାହିଁ । ବ୍ରହ୍ମଚାରୀ ବି ମୋ ପାଇଁ ଯାଗ, ଯଜ୍ଞ, ତନ୍ତ୍ର, ମନ୍ତ୍ର, ପ୍ରୟୋଗରେ ତ୍ରୁଟି କରନ୍ତି ନାହିଁ । ଯାହା ପାଇଁ ସେ ଯାହା କରିଛନ୍ତି, ତା ଫଳୁଛି । କମାର ବୌର ପିତ୍ତଳ ନୋଥ ସୁନା କରି ଦେଇଛନ୍ତି—ସେ ନ ପାରନ୍ତି

Digitized by srujanika@gmail.com

କଣ ? ତାଙ୍କର ମନ୍ତ୍ରୌଷଧି ଗୁଣରେ ଶଚୀନ୍ଦ୍ର ବସୁ ରଜନୀକୁ ଭଲ ପାଇବ, ରଜନୀକୁ ବିବାହ କରିବାକୁ ଚାହିଁବ, ସେଥିରେ ମୋର କୌଣସି ସନ୍ଦେହ ନାହିଁ । କିନ୍ତୁ ତଥାପି ଗଣ୍ଡଗୋଳ ଅଛି ; ଗଣ୍ଡଗୋଳ ଅମରନାଥ ସୃଷ୍ଟି କରିଛି । ବର୍ତ୍ତମାନ ଶୁଣୁଛି ଅମରନାଥ ସାଙ୍ଗରେ ରଜନୀର ବିବାହ ସ୍ଥିର ହୋଇଛି !

ରଜନୀର ମାଉସୀ, ମଉସା, ରାଜଚନ୍ଦ୍ର ଏବଂ ତାଙ୍କର ସ୍ତ୍ରୀ ଆମ ପକ୍ଷରେ । ତାହାର କାରଣ କର୍ତ୍ତା କହିଛନ୍ତି, ବିବାହ ଯଦି ହୁଏ ତେବେ ତୁମମାନଙ୍କୁ ଘଟକ ବିଦାୟ ପର କିଛି ଦେବ । କଥାଟା ଘଟକ ବିଦାୟ କିନ୍ତୁ ଟଙ୍କାଟା ପ୍ରାୟ ଦୁଇ ହଜାର—ଦଶ ହଜାର । କିନ୍ତୁ ସେମାନେ ଆମ ପକ୍ଷରେ ହେଲେବି କିଛି ହେଉନି । ଅମରନାଥ ଛାଡ଼ୁ ନାହାନ୍ତି । ସେ ନିଶ୍ଚୟ ରଜନୀକୁ ବିବାହ କରିବ, ଜିଦ୍ କରୁଛି ।

ଭଲ, ଅମରନାଥ କିଏ ? ଝିଅ ବାହା ଦେବାପାଇଁ କର୍ତ୍ତା ହେଲେ ତାର ମଉସା, ମଉସୀ-ବାପମା କହିବା ଉଚିତ—ରାଜଚନ୍ଦ୍ର ଓ ତାହାର ସ୍ତ୍ରୀ, ସେମାନେ ଯଦି ଆମ ପକ୍ଷରେ, ତେବେ ଅମରନାଥର ଜିଦ୍‌ରେ କଣ ଯାଏ ଆସେ ? ସେ ସେମାନଙ୍କୁ ସମ୍ପତ୍ତି ଆଣି ଦେଇଛି ଅବଶ୍ୟ, କିନ୍ତୁ ତାର ମେହେନତ ବାବଦ ଦୁଇ ଚାରି ହଜାର ଧରିଦେଲେ ହେବ । ମୋର ପୁଅର ବହୂ କରିବ ବୋଲି ମୁଁ ଯେଉଁ କନ୍ୟା ସହିତ ସମ୍ବନ୍ଧ କରୁଛି, ଅମରନାଥ ପୁଣି ତାକୁ ବିବାହ କରିବାକୁ ଚାହେଁ ? ଅମରନାଥର ଏହା ବଡ଼ ଆଶ୍ଚର୍ଯ୍ୟ ! ମୁଁ ଥରେ ଅମରନାଥକୁ କିଛି ଶିକ୍ଷା ଦେଇଛି । ଆଉ ଥରେ ନ ହେଲେ କିଛି ଦେବ । ମୁଁ ଯଦି କାୟସ୍ଥର ଝିଅ ହୁଏଁ, ତେବେ ଅମରନାଥ ନିକଟରୁ ଏହି ରଜନୀକୁ କାଢ଼ି ନେଇ ମୋ ପୁଅ ହାତରେ ବିବାହ ଦେବ ।

ମୁଁ ଅମରନାଥର ସବୁ ଗୁଣ ଜାଣେ । ଅମରନାଥ ଅତ୍ୟନ୍ତ ଧୂର୍ତ୍ତ—ତା ସାଙ୍ଗରେ ଯୁଦ୍ଧ କରିବାକୁ ପ୍ରବୃତ୍ତ ହେଲେ ବଡ଼ ସତର୍କ ହୋଇ କାମ କରିବାକୁ ହୁଏ । ମୁଁ ସତର୍କ ହୋଇ କାର୍ଯ୍ୟ ଆରମ୍ଭ କଲି ।

ପ୍ରଥମେ ରାଜଚନ୍ଦ୍ର ଦାସଙ୍କ ସ୍ତ୍ରୀକୁ ଡକାଇ ପଠାଇଲି । ସେ ଆସିବାରୁ ପଚାରିଲି, 'କାହିଁକି ଗୋ ମାଳୀ ବୋହୂ'—ରାଜଚନ୍ଦ୍ର ସ୍ତ୍ରୀକୁ ଆମେ ଆଜି-କାଲିବି ମାଳୀ ବୋହୂ କହୁଁ—ରାଗିଥିଲେ କହି ନ ଥାନ୍ତି, ରାଗିଥିଲେ ମାଳିବୋହୂ କହିଥାନ୍ତି—ମାଳିବୋହୂ କହିଲେ, 'କଣଗୋ ?'

Digitized by srujanika@gmail.com

ମୁଁ- ଝିଅର ବାହାଘର ଅମର ବାବୁ ସାଙ୍ଗରେ ହେବ ?

ମାଳୀବୋହୂ- ସେ କଥାତ ଏବେ ହେଉଛି ।

ମୁଁ- କାହିଁକି ହେଉଛି ? ଆମ ସାଙ୍ଗରେ କି କଥା ହୋଇଥିଲା ?

ମାଳୀବୋହୂ- କଣ କହିବି ମା—ମୁଁ ସ୍ତ୍ରୀ ଲୋକ, ଏତେ କଥା କଣ ଜାଣେ ?

ମାଇକିନାର ମୋଟା ବୁଦ୍ଧି ଦେଖି ମୋର ଭାରି ରାଗ ହେଲା—ମୁଁ କହିଲି, 'ସେ କଣ ମାଳୀବୋହୂ ସ୍ତ୍ରୀଲୋକମାନେ ଜାଣନ୍ତି ନାହିଁ ଯେ କଣ ପୁରୁଷ ଲୋକମାନେ ଜାଣନ୍ତି ? ପୁରୁଷ ମଣିଷ ପୁଣି ସଂସାର ଧର୍ମ କୁଟୁମ୍ବ କୁଟୁମ୍ବିତାର କଣ ଜାଣନ୍ତି ? ପୁରୁଷ ଲୋକ ମୁଣ୍ଡ ବୋହି ଟଙ୍କା ଆଣି-ଦେବେ—ଏଇ ପର୍ଯ୍ୟନ୍ତ—ପୁରୁଷ ଲୋକ ପୁଣି କର୍ତ୍ତା ନା କଣ ?'

ବୋଧହୁଏ ମାଇକିନାର ମୋଟା ବୁଦ୍ଧିରେ ମୋର କଥା ଗୁଡ଼ାକ ଅସଂଗତ ବୋଧ ହେଲା । ସେ ଟିକେ ହସିଲା । ମୁଁ କହିଲି, 'ତୁମ ସ୍ୱାମୀଙ୍କର ମତ କଣ ? ଅମରନାଥ ସାଙ୍ଗରେ ଝିଅର ବିବାହ ଦେବେ ?'

ମାଳୀବୋହୂ- ତାଙ୍କର ମତ ନୁହେଁ, ତେବେ ଅମରନାଥ ବାବୁଙ୍କ ପାଇଁ ରଜନୀ ସଂପତ୍ତି ପାଉଛି—ତାଙ୍କର ବାଧ୍ୟ ହେବାକୁ ପଡ଼ିବ ।

ମୁଁ- ତେବେ ଅମରନାଥ ବାବୁଙ୍କୁ ଯାଇ କୁହ ଏପର୍ଯ୍ୟନ୍ତ ରଜନୀ ସଂପତ୍ତି ପାଇନାହିଁ । ସଂପତ୍ତି ଆମର, ସଂପତ୍ତି ଆମେ ଛାଡ଼ିବୁ ନାହିଁ । ଯଦି ପାରି, ମକଦ୍ଦମା କରି ସଂପତ୍ତି ନେଇଯାଅ ।

ମାଳୀବୋହୂ- ସେ କଥା ଆଗରୁ କହିଥିଲେ ଏତେବେଳକୁ ମକଦ୍ଦମା ଆରମ୍ଭ ହୋଇ ଯାଇଥାନ୍ତା ।

ମୁଁ- ମକଦ୍ଦମା କରିବା ମୁହଁର କଥା ନୁହେଁ । ଟଙ୍କାର ଶ୍ରାଦ୍ଧ । ରାଜଚନ୍ଦ୍ର ଦାସ ଫୁଲ ବିକି କେତେ ଟଙ୍କା କରିଛି ?

ମାଳୀବୋହୂ ରାଗରେ ଗରଗର ହେଲା । ସତ କହୁଛି, ମୋର କିଛି ରାଗ ହୋଇନାହିଁ । ମାଳୀବୋହୂ ଟିକେ ରାଗ ସମ୍ଭାଳି କହିଲା, 'ଅମର ବାବୁ ମୋର ଜୋଇଁ ହେଲେ ସଂପତ୍ତି ଅମରବାବୁଙ୍କର ହେବ । ସେ ଟଙ୍କା ଦେଇ ମକଦ୍ଦମା କରି ପାରିବେ । ତାଙ୍କର ଏପରି ଶକ୍ତି ଅଛି ।'

ଏହା କହି ମାଳୀବୋହୂ ଉଠି ଯାଉଥିଲା । ମୁଁ ତାର ଲୁଗା ଧରି ବସାଇଲି । ମାଳୀବୋହୂ ହସି ହସି ବସିଲା । ମୁଁ କହିଲି, ଅମରବାବୁ ମକଦ୍ଦମା କରି ସଂପତ୍ତି ନେଲେ ମୋର ଲାଭ ?'

Digitized by srujanika@gmail.com

ମାଳୀବୋହୂ- ମୋର ଝିଅର ସୁଖ ହେବ ।

ମୁଁ- ଆଉ ମୋ ପୁଅ ସହିତ ତୁମ ଝିଅର ବିବାହ ହେଲେ କଣ ତାର ଦୁଃଖ ହେବ ?

ମାଳୀବୋହୂ- ତା କାହିଁକି ହେବ ? ତେବେ ଯେଉଁଠି ରହୁ, ମୋ ଝିଅ ସୁଖୀ ହେଲେ ହେଲା ।

ମୁଁ- ତୁମର ନିଜର କିଛି ସୁଖ ଚାହଁନା ?

ମାଳୀବୋହୂ- ଆମର ପୁଣି କି ସୁଖ ? ଝିଅର ସୁଖରେ ମୋର ସୁଖ

ମୁଁ- ମିଥ୍ୟା କଥା ।

ମାଳୀବୋହୂ ମୁରୁକି ହସି କହିଲା, 'ଅସଲ କଥା କହିବି ମା ଠାକୁରାଣୀ ? ପୋତରେ ବାହା ହେବାକୁ ଝିଅର ମତ ନାହିଁ ।

ମୁଁ- ଏ କି କଥା ? କଣ କହୁଛ ?

ମାଳୀବୋହୂ- ଟିକାର କଥା ହେଲେ କହେ କାଣୀର ପୁଣି ବାହା ହେବା କଣ ଦରକାର ?

ମୁଁ- ଆଉ ଅମରନାଥ ସାଙ୍ଗରେ ବାହାଘର କଥା ହେଲେ ?

ମାଳୀବୋହୂ- କହେ, ତାଙ୍କ ଯୋଗୁଁ ଆମର ସବୁ । ସେ ଯାହା କହିବେ ତାହା କରିବାକୁ ହେବ ।

ମୁଁ- ତାହେଲେ, ବାହାଘରରେ କନ୍ୟାର ପୁଣି ମତାମତ କଣ ? ମା ବାପାଙ୍କର ମତ ହେଲେ ହେଲା ।

ମାଳୀବୋହୂ- ରଜନୀତ ଛୋଟ ଝିଅ ନୁହେଁ । ଆଉ ମୋର ପେଟର ସନ୍ତାନବି ନୁହଁ । ଆଉ ସମ୍ପତ୍ତି ତାର, ଆମର ନୁହେଁ । ସେ ଆମକୁ ବାହାର କରିଦେଲେ ଆମେ କଣ କରି ପାରୁଁ ? ବରଂ ତାର ମତ ଅନୁସାରେ ଆମକୁ ଏବେ ଚଳି ଯିବାକୁ ହେଉଛି ।

ମୁଁ- ଭବଚନ୍ତ ପଚାରିଲି, 'ରଜନୀ ସାଙ୍ଗରେ ଅମରନାଥର ଦେଖା-ଦେଖି ହୁଏକି ?'

ମାଳୀବୋହୂ- ଅମରବାବୁ ଦେଖା କରନ୍ତି ନାହିଁ ।

ମୁଁ- ମୋ ସାଙ୍ଗରେ ରଜନୀର ଥରେ ଦେଖା ହେବନାହିଁ ?

ମାଳୀବୋହୂ- ମୋର ବି ସେଇ ଇଚ୍ଛା । ଆପଣ ଯଦି ବୁଝାଇ ସୁଝାଇ ତାର ମତ କରି ପାରନ୍ତି । ଆପଣଙ୍କୁ ରଜନୀ ବିଶେଷ ଶ୍ରଦ୍ଧା ଭକ୍ତି କରେ ।

Digitized by srujanika@gmail.com

ମୁଁ- ତାହେଲେ ଚେଷ୍ଟା କରି ଦେଖିବି । କିନ୍ତୁ ରଜନୀର କପରି ଦେଖା ଯାଇବ ? କାଲି ତାକୁ ଆମ ଘରକୁ ଥରେ ପଠାଇ ଦେଇ ପାରିବ ?

ମାଳୀବୋହୂ- ତାକୁ କଣ ଆସିବାକୁ ମନା ? ସେତ ଏ ଘରେ ଖାଇ ମଣିଷ । କିନ୍ତୁ ଯାହାର ବାହାଘର ସମ୍ବନ୍ଧ ହେଉଛି, ତାର କଣ ଶାଶୁ ଘରକୁ ଏପରି ଅଦିନରେ, ଅକ୍ଷଣରେ ବାହାଘର ପୂର୍ବରୁ ଆସିବା ଉଚିତ ?

ମର୍ ଯୋଡ଼ାମୁଣ୍ଡଁ । କଣ କରିବି ? ମୁଁ ଅନ୍ୟ ଉପାୟ ନ ଦେଖି କହିଲି, 'ଆଚ୍ଛା ରଜନୀ ନ ଆସି ପାରିଲେ ମୁଁ କଣ ଥରେ ତୁମ ଘରକୁ ଯାଇପାରେ କି ?'

ମାଳୀବୋହୂ- ମେ କଣ ? ଆମର କଣ ଏପରି ଭାଗ୍ୟ ହେବ ଯେ ଆପଣଙ୍କର ଗୋଡ଼ଧୂଳି ଆମ ଘରେ ପଡ଼ିବ ?

ମୁଁ- ବନ୍ଧୁ ବାନ୍ଧିଲେ ମୁଁ କଣ ଅନେକଙ୍କର ପଡ଼ିବ । ତୁମେ ଆଜି ମୋତେ ନିମନ୍ତ୍ରଣ କରି ଯାଅ ।

ମାଳୀବୋହୂ- କିନ୍ତୁ ଆମ ଘରକୁ ଆପଣଙ୍କୁ ପଠାଇବାକୁ କର୍ତ୍ତାଙ୍କର ମତ ହେବ କାହିଁକି ?

ମୁଁ- ପୁରୁଷ ମଣିଷର ପୁଣି ମତାମତ କଣ ? ସ୍ତ୍ରୀ ଲୋକର ଯାହା ମତ, ପୁରୁଷରବି ସେଇ ମତ ।

ମାଳୀବୋହୂ ହାତ ଯୋଡ଼ି ନିମନ୍ତ୍ରଣ କରି ହସି ହସି ବିଦାୟ ଗ୍ରହଣ କଲା ।

• ଦ୍ୱିତୀୟ ପରିଚ୍ଛେଦ

(ଅମରନାଥର କଥା)

ରଜନୀର ସମ୍ପତ୍ତିର ଉଦ୍ଧାର ପାଇଁ ମୋର ଏତେ କଷ୍ଟ ହୋଇଛି । ମିତ୍ରମାନେବି ନିର୍ବିବାଦରେ ବିଷୟ ଛାଡ଼ି ଦେଇଛନ୍ତି । ତଥାପି ସମ୍ପତ୍ତି

Digitized by srujanika@gmail.com

ଦଖଲ ହୋଇନାହିଁ । ଏହା ଶୁଣି ଅନେକେ ଆଶ୍ଚର୍ଯ୍ୟ ହୋଇ ପାରନ୍ତି । ସେଥିରେ ମୁଁ ବି ବିସ୍ମିତ । ସମ୍ପତ୍ତି ମୋର ନୁହେଁ, ମୁଁ ଦଖଲ ନେବାରେ ଲୋଭି ନୁହେଁ । ସମ୍ପତ୍ତି ରଜନୀର ସେ ଦଖଲ ନ ନେଲେ କିଏ କଣ କରିପାରେ ? କିନ୍ତୁ କୌଣସି ମତେ ଦଖଲ ନେବାକୁ ରାଜି ନୁହେଁ । କହେ—ଆଜି ନୁହେଁ, ଆଉ ଦୁଇଦିନ ଯାଉ । ପରେ ଦଖଲ କରିବି ନିଶ୍ଚୟ । ଦଖଲ ନ ହେଉ—କିନ୍ତୁ ଦରିଦ୍ର କନ୍ୟାର ଐଶ୍ୱର୍ଯ୍ୟରେ ଏତେ ଅନାସ୍ଥା କାହିଁକି, ମୁଁ ଅନେକ ଭାବିଚିନ୍ତି କିଛି ସ୍ଥିର କରି ପାରୁନାହିଁ । ରାଜଚନ୍ଦ୍ର ଏବଂ ରାଜଚନ୍ଦ୍ରର ସ୍ତ୍ରୀ ଏ ବିଷୟରେ ଅନୁରୋଧ କରିଛନ୍ତି । କିନ୍ତୁ ରଜନୀ ବର୍ତ୍ତମାନ ସମ୍ପତ୍ତି ଦଖଲ ନେବାକୁ ଚାହୁଁନାହିଁ । ଏହାର ମର୍ମ କଣ ? କାହାପାଇଁ ଏତେ ପରିଶ୍ରମ କଲି ?

ଏ ବିଷୟରେ ଯାହା ହେବ, ଗୋଟାଏ ଚୂଡ଼ାନ୍ତ ସ୍ଥିର କରିବା ପାଇଁ ମୁଁ ରଜନୀ ସହିତ ସାକ୍ଷାତ କରିବାକୁ ଗଲି । ରଜନୀ ପାଖରେ ମୋର ବାହାଘର କଥା ହେବା ଦିନରୁ ମୁଁ ରଜନୀ ସହିତ ସାକ୍ଷାତ କରିବାକୁ ଯାଇନାହିଁ । କାହିଁକିନା ମୋତେ ଦେଖିଲେ ରଜନୀ ଟିକେ ଲଜ୍ଜିତ ହୁଏ । କିନ୍ତୁ ଆଜି ନ ଗଲେ ନୁହେଁ ବୋଲି ରଜନୀ ପାଖକୁ ଗଲି । ସେ ଘରକୁ ମୋର ଅବାରିତ ଦ୍ୱାର । ମୁଁ ରଜନୀ ସନ୍ଧାନରେ ତାର ଘରକୁ ଯାଇ ତାକୁ ଦେଖିଲି ନାହିଁ । ଫେରି ଆସୁଛି ଏପରି ସମୟରେ ଦେଖିବାକୁ ପାଇଲି ରଜନୀ ଆଉ ଜଣେ ସ୍ତ୍ରୀ ଲୋକ ସାଙ୍ଗରେ ଉପରକୁ ଉଠୁଛି । ସେ ସ୍ତ୍ରୀ ଲୋକକୁ ଦେଖି ଚିହ୍ନିଲି—ଅନେକ ଦିନରୁ ଦେଖି ନ ଥିଲି, ଚିହ୍ନିଲି ଯେ ସେ ଗଜେନ୍ଦ୍ର ଗାମିନୀ ଲଳିତ ଲବଙ୍ଗଲତା ।

ରଜନୀ ଇଚ୍ଛା ପୂର୍ବକ ଜୀର୍ଣ୍ଣ ବସ୍ତ୍ର ପିନ୍ଧିଥିଲ । ଲଜ୍ୟାରେ ସେ ଲବ-ଙ୍ଗଲତା ସହିତ ଭଲ କରି କଥା କହୁ ନ ଥିଲ । ଲବଙ୍ଗଲତା ହସରେ ଉଚ୍ଛୁଳି ପଡୁଥିଲ—ରାଗ ବା ବିଦ୍ୱେଷର କିଛି ମାତ୍ର ଲକ୍ଷଣ ଦେଖା ଗଲ-ନାହିଁ ।

ସେ ହାସ ଅନେକ ଦିନରୁ ଶୁଣି ନ ଥିଲି । ସେ ହସ ସେହିପରି ଥିଲ—ପୂର୍ଣ୍ଣିମାର ସମୁଦ୍ରରେ କ୍ଷୁଦ୍ର ତରଙ୍ଗ ପରି, ସମ୍ପୁଷ୍ଟ ବସନ୍ତ ଲତାର ଆନ୍ଦୋଳନ ପରି । ସେଥିରୁ ସୁଖ ଭାଙ୍ଗି ଭାଙ୍ଗି ଝରି ପଡୁଥିଲ ।

ମୁଁ ଅବାକ୍ ହୋଇ, ନିସ୍ପନ୍ଦ ଶରୀରରେ ଏହି ବିଚିତ୍ର ଚରିତ୍ରା ରମଣୀର ମାନସିକ ଶକ୍ତିର ଆଲୋଚନା କରୁଥିଲି । ଲଳିତ ଲବଙ୍ଗଲତା

Digitized by srujanika@gmail.com

କୌଣସି କୌଣସିମତେ ଭୁଲିହେଲା ନାହିଁ । ମହାନ୍ ଐଶ୍ୱର୍ଯ୍ୟର ତାବଧ୍ୟରେ ମହତ୍ତ୍ୱ—ତଥାପି ସେହି ସୁଖମୟ ହସ, ଯେଉଁ ରଜନୀ ଯେଗୁ ଏହି ଘୋର ବିପଦ ଘୋଟିଛି, ତାର ଘରକୁ ଆସିଛି, ତାର ସାଙ୍ଗରେ ଆଳାପ କରୁଛି, ତଥାପି ସେହି ସୁଖମୟ ହସ, ମୋ ସମ୍ମୁଖରେ—ତଥାପି ସେହି ସୁଖମୟ ହସ । ଅଥଚ ମୁଁ ଜାଣେ ଲବଙ୍ଗ କୌଣସି କଥା ଭୁଲିନାହିଁ ।

ମୁଁ ଧୀରେ ପାଖ ଘରକୁ ଗଲି । ଲବଙ୍ଗଲତା ପ୍ରଥମେ ସେହି ଘରେ ପ୍ରବେଶ କଲା । ନିଃଶଙ୍କ ଚିତ୍ତରେ ଆଜ୍ଞା ଦାୟିନୀ ରାଜାରାଜେଶ୍ୱରୀ ପରି ରଜନୀକୁ କହିଲା, 'ରଜନୀ, ତୁ ବର୍ତ୍ତମାନ ଅନ୍ୟ କୋଉଁଠିକି ଯା । ତୋର ବର ସାଙ୍ଗରେ ମୋର ଗୋପନରେ କିଛି କଥା ଅଛି । ଭୟ ନାହିଁ । ତୋର ବର ସୁନ୍ଦର ହେଲେବି ମୋର ବୃଦ୍ଧ ସ୍ୱାମୀ ଅପେକ୍ଷା ସୁନ୍ଦର ନୁହଁ । । ରଜନୀ ଅପ୍ରତିଭ ହୋଇ କଣ ଭାବି ଭାବି ଚାଲିଗଲା ।

ଲଳିତ ଲବଙ୍ଗଲତା ଭ୍ରୂକୁଟୀ କୁଟୀଳ କରି ସେହି ମଧୁର ହସ ହସି ଇନ୍ଦ୍ରାଣୀ ପରି ମୋ ସମ୍ମୁଖରେ ଛିଡ଼ା ହେଲା । ଥରେ କେହି ଅମରନାଥକୁ ଆତ୍ମ-ବିସ୍ମୃତ ଦେଖି ନାହାନ୍ତି । କିନ୍ତୁ ଆତ୍ମ-ବିସ୍ମୃତ ହେଲି । ସେଠବେ ଲଳିତ ଲବଙ୍ଗଲତା—ଏଥର ଲଳିତ ଲବଙ୍ଗଲତା ।

ଲବଙ୍ଗ ହସିକରି କହିଲା' 'ମୋର ମୁହଁକୁ ଚାହିଁ କଣ ଦେଖୁଛ ? ତୁମର ଅର୍ଜିତ ଐଶ୍ୱର୍ଯ୍ୟ କାଢି ନେବାକୁ ଆସିଛି କି ନା ? ମନେକଲେ ତାହା ପାରିବି ।'

ମୁଁ କହିଲି, 'ତୁମେ ସବୁ ପାର । କିନ୍ତୁ ସେଇଟା ପାରିବ ନାହିଁ । ପାରିଲେ କେବେବି ରଜନୀର ସମ୍ପତ୍ତି ନେଇ ବର୍ତ୍ତମାନ ସ୍ୱହସ୍ତରେ ବନ୍ଧ ସଉତୁଣୀକୁ ଖୋଇବାର ବନ୍ଦୋବସ୍ତ କରନ୍ତ ନାହିଁ ।

ଲବଙ୍ଗ ଉଚ୍ଚ ହସ ହସି କହିଲା, 'ସେଇଟା ବୋଧହୁଏ ଭାରି କଷ୍ଟ ହେବ ମନେହୁଏ ? ସଉତୁଣୀକୁ ବାନ୍ଧି ଦେବାକୁ ହୁଏ ଭାରି ଦୁଃଖର କଥା ଅବଶ୍ୟ, କିନ୍ତୁ ଗୋଟାଏ ପହରିବାଲାକୁ ଡାକି ତୁମକୁ ଧରାଇ ଦେଲେ ବର୍ତ୍ତମାନ ପୁଣି ପାଞ୍ଚଟା ସାହୁଣୀ ରଖି ପାରିବ ।'

ମୁଁ କହିଲି, 'ସମ୍ପତ୍ତି ରଜନୀର । ମୋତେ ଧରାଇ ଦେଲେ କଣ ହେବ ? ଯାହାର ସମ୍ପତ୍ତି ସେ ଭୋଗ କରିବ ।'

ଲବଙ୍ଗ- ତୁମେ କେବେବି ସ୍ତ୍ରୀ ଲୋକଙ୍କୁ ଚିହ୍ନି ପାରିଲ ନାହିଁ । ଯାହାକୁ ଭଲ ପାଏ ତାକୁ ରକ୍ଷା କରିବା ପାଇଁ ରଜନୀ ବର୍ତ୍ତମାନ ସମ୍ପତ୍ତି

Digitized by srujanika@gmail.com

ଘୁଞ୍ଚିଦେବ ।

ମୁଁ- ଅର୍ଥାତ୍ ମୋତେ ରକ୍ଷା କରିବା ପାଇଁ ସମ୍ମତିଟା ତୁମକୁ ଘୁମ୍ ଦେବ ।

ଲବଙ୍ଗ- ସେଇଆ ।

ମୁଁ- ତେବେ ମୋ ଏତେଦିନ ଘୁମ୍ ଘୁଞ୍ଚିନାହିଁ । ଆମର ବିବାହ ହୋଇନାହିଁ ବୋଲି । ବିବାହ ହେଲେ ମୋ ଘୁମ୍ ଘୁଞ୍ଚିବ ।

ଲବଙ୍ଗ- ତୁମପରି ଚୋର ଲୋକ କପଟ ବୁଝିବ ? ଚୋରମାନେ ବୁଝି ପାରନ୍ତି ନାହିଁ ଯେ ଚୋରି ଦ୍ରବ୍ୟ ଅସ୍ଥାୟୀ । ରଜମାର ସମ୍ପତ୍ତି ରଖି ପାରି- ଲେବି ମୁଁ ରଖିବି କାହିଁକି ?

ମୁଁ କହିଲି, 'ତୁମେ ଯଦି ଏପରି ନ ହେବ, ତେବେ ମୋର ମୋ ମରଣ କୁବୁଦ୍ଧି ଘଟିବ କାହିଁକି ? ଯଦି ମୋର ଏତେ ଅପରାଧ ମାର୍ଜନା କରିଛ, ଏତେ ଅନୁଗ୍ରହ କରିଛ, ତେବେ ଆଉ ଗୋଟିଏ ଭିକ୍ଷା ଅଛି ! ଯାହା ଜାଣ, ତାହା ଯଦି ଅନ୍ୟ ପାଖରେ ନ କହିଛ ତେବେ ରଜମା ପାଖରେବି କହନାହିଁ ।

ପଣ୍ଡିତା ଲବଙ୍ଗଲତା ହସିଲା । ତାହାର ହସର ମର୍ମ ମୁଁ କେବେ ବୁଝିପାରେନା । ଲବଙ୍ଗ ରାଗିଯାଇଥିଲା ଁ କିନ୍ତୁ ହସରେ ସବୁରାଗ ଭାସିଗଲା । ଯେପରି ପାଣି ଉପରୁ ମେଘର ଛାୟା ହଟିଗଲା । ତାହା ଉପରେ ମେଘମାନଙ୍କୁ ଚନ୍ଦ୍ର ପରି ଜଳିବାକୁ ଲାଗିଲା । ମୁଁ ଲବଙ୍ଗଲତାର ମର୍ମ ଆଦୌ ବୁଝିପାରିଲି ନାହିଁ ।

ହସି ହସି ଲବଙ୍ଗ କହିଲା, 'ତେବେ ମୁଁ ରଜମା ପାଖକୁ ଯାଏଁ ।'
'ଯାଅ'

ଲଳିତ ଲବଙ୍ଗଲତା ଲଳିତ ଲବଙ୍ଗଲତା ପରି ଝୁଲି ଝୁଲି ଗଲା । କ୍ଷଣକ ପରେ ମୋତେ ଡାକି ପଠାଇଲା । ଯାଇ ଦେଖିଲି ଲବଙ୍ଗଲତା ଛିଡ଼ା ହୋଇଛି । ରଜମା ତାର ଗୋଡରେ ହାତ ଦେଇ କାନ୍ଦୁଛି । ମୁଁ ଯିବାରୁ ଲବଙ୍ଗଲତା କହିଲା, 'ଶୁଣ, ତୁମର ଭଗ୍ନୀ ସ୍ତ୍ରୀ କଣ କହୁଛି । ତୁମର ସମ୍ମୁଖରେ ନ ହେଲେ ଏପରି କଥା ମୁଁ କାନରେ ଶୁଣିବି ନାହିଁ ।'

ମୁଁ ବିସ୍ମିତ ହୋଇ ପଚାରିଲି-କଣ ?

ଲବଙ୍ଗଲତା ରଜନୀଙ୍କୁ କହିଲ, 'କୁହ, ତୁମର ବର ଆସିଛନ୍ତି ।

ରଜନୀ ସକାତରତାରେ ଅଶ୍ରୁପୂର୍ଣ୍ଣ ଲୋଚନରେ ଲଳିତ ଲବଙ୍ଗର ଚରଣ ସ୍ପର୍ଶ କରି କହିଲା, 'ମୋର ଏହି ଭିକ୍ଷା, ମୋର ଯାହା କିଛି ସମ୍ପତ୍ତି ଅଛି, ଏହି ବାବୁଙ୍କ ଦୟାରୁ ସେ ସମ୍ପତ୍ତି ଉଦ୍ଧାର ହୋଇଛି । ମୁଁ ଲେଖା ଲେଖି କରି ଆପଣଙ୍କୁ ଦାନ କରିବି । ଆପଣ ଗ୍ରହଣ କରିବେ ନାହିଁ ?'

ଆହ୍ଲାଦରେ ମୋର ସର୍ବାନ୍ତଃକରଣ ପ୍ଲାବିତ ହେଲା । ମୁଁ ରଜନୀ ପାଇଁ ଯେଉଁ ଯତ୍ନ କରିଥିଲି, ଯେଉଁ କ୍ଲେଶ ସ୍ୱୀକାର କରିଥିଲି, ତାହା ସାର୍ଥକ ବୋଧ ହେଲା । ମୁଁ ପୂର୍ବରୁ ବୁଝିଥିଲି, ବର୍ତ୍ତମାନ ଆହୁରି ଭଲ ଭାବେ ବୁଝିଲି ଯେ ରମଣୀ କୁଳରେ ଅନ୍ଧ ରଜନୀ ଅଦ୍ୱିତୀୟା । ଲବଙ୍ଗଲତାର ଉଜ୍ଜ୍ୱଳ ଜ୍ୟୋତି ତାହା ପାଖରେ ମ୍ଳାନ ହେଲା । ମୁଁ ଏହା ପୂର୍ବରୁ ରଜନୀର ଅନ୍ଧ ନୟନରେ ଆତ୍ମ ସମର୍ପଣ କରିଥିଲି ଆଜି- ତାହା ପାଖରେ ବିନା ମୂଲ୍ୟରେ ବିକ୍ରିତ ହେଲି । ଏହି ଅମୂଲ୍ୟ ରତ୍ନରେ ମୋର ଅନ୍ଧକାର ପୁରୀ ଉଦ୍ଭାସିତ କରି ଏ ଜୀବନ ସୁଖରେ କଟାଇବି, ବିଧାତା ମୋର ସେଦିନ କରିବେ ନାହିଁ ?

• ତୃତୀୟ ପରିଚ୍ଛେଦ

(ଲବଙ୍ଗଲତାର କଥା)

ମୁଁ ମନେ କରିଥିଲି, ରଜନୀର ଏହି ବିସ୍ମୟକର କଥା ଶୁଣି ଅମରନାଥ ନିଆଁରେ ସେକା ହୋଇଥିବା କଦଳୀ ପତ୍ର ପରି ଶୁଖିଯିବ । କାହିଁ ତାହାର କିଛି ଦେଖିଲି ନାହିଁ । ତାହାର ମୁହଁ ନ ଶୁଖି ବରଂ ପ୍ରଫୁଲ୍ଲ ହେଲା । ବିସ୍ମିତ ହତବୁଦ୍ଧି ଯାହା ହବାର ମୁଁ ହେଲି ।

ମୁଁ ପ୍ରଥମେ ଥଟ୍ଟା ମନେ କଲି । କିନ୍ତୁ ରଜନୀର କାତରତା, ଅଶ୍ରୁପାତ ଏବଂ ଦୃଢତା ଦେଖି ନିଶ୍ଚିତ ବିଶ୍ୱାସ ଜନ୍ମିଲା । ଯେ ରଜନୀ ଆନ୍ତ-

Digitized by srujanika@gmail.com

ଠିକ କହୁଛି । ମୁଁ କହିଲି, 'ରଜନୀ, କାୟସ୍ଥ କୁଳରେ ତୁମେ ଧନ୍ୟା । ତୁମ ପରି କେହି ନାହାନ୍ତି । କିନ୍ତୁ ମୁଁ ତୁମର ଦାନ ଗ୍ରହଣ କରିବି ନାହିଁ ।'

ରଜନୀ କହିଲି, 'ଗ୍ରହଣ ନ କଲେ ମୁଁ ଏହା ବଣ୍ଟି ଦେବି ।'

ମୁଁ- ଅମରନାଥ ବାବୁ କଏ ?

ରଜନୀ- ଆପଣ ତାଙ୍କୁ ଭଲ ଭାବରେ ଚିହ୍ନନ୍ତି ନାହିଁ ! ମୁଁ ଦେଲେବି ସେ ନେବେ ନାହିଁ । ନେବାପାଇଁ ଅନ୍ୟ ଲୋକ ଅଛି ।

ମୁଁ- ଅମରନାଥ ବାବୁ କଣ କହୁଛନ୍ତି ?

ଅମରନାଥ- ମୋ ସଙ୍ଗରେ କିଛି କଥା ହେଉନି, ମୁଁ କଣ କହିବି ?

ମୁଁ ବଡ ମୁସ୍କିଲରେ ପଡ଼ିଲି । ରଜନୀ ଯେ ସମ୍ପତ୍ତି ତ୍ୟାଗ କରୁଛି ସେଥିରେ ବିସ୍ମିତ, ପୁଣି ଅମରନାଥ ଯେ ସମ୍ପତ୍ତି ଉଦ୍ଧାର ପାଇଁ ଏତେ କରିଥିଲି, ଯେ ସମ୍ପତ୍ତି ହାତଛଡ଼ା ହେଉଛି ଦେଖି ସେ ଏତେ ପ୍ରଫୁଲ୍ଲ, କଥାଟା କଣ ?

ମୁଁ ଅମରନାଥଙ୍କୁ କହିଲି ଯେ ଯଦି ସ୍ଥାନାନ୍ତରକୁ ଯାଅ ତେବେ ମୁଁ ରଜନୀ ସଙ୍ଗରେ ସବୁ କଥା ମୁହଁ ଫିଟାଇ କହିବି । ଅମରନାଥ ଧୀରେ ଧୀରେ ଚାଲିଗଲେ । ମୁଁ ସେତେବେଳେ ରଜନୀକୁ କହିଲି, 'ପ୍ରକୃତରେ ତୁମେ ସମ୍ପତ୍ତି ବଣ୍ଟି ଦେବ ?'

ରଜନୀ- ପ୍ରକୃତ ମୁଁ ଗଙ୍ଗାଜଳ ନେଇ ଶପଥ କରି କହୁଛି ।'

ମୁଁ -ମୁଁ ତୁମର ଦାନ ନେବି, ତୁମେ ଯଦି ମୋର କିଛି ଦାନ ନେବ ।

ରଜନୀ- ଅନେକ ନେଇଛି ।

ମୁଁ- ଆଉ କିଛି ନେବାକୁ ହେବ ।

ରଜନୀ - ଖଣ୍ଡେ ପ୍ରସାଦୀ ଲୁଗା ଦେବେ ?

ମୁଁ- ତାହା ନୁହେଁ । ମୁଁ ଯାହା ଦେବି ନେବାକୁ ହେବ ।

ରଜନୀ - କଣ ଦେବେ ?

ମୁଁ- ଶଚୀନ୍ଦ୍ର ବୋଲି ଗୋଟିଏ କୁକୁର ଅଛି ।ମୁଁ ତୁମକୁ ଶଚୀନ୍ଦ୍ରକୁ ଦାନ କରିବି । ସ୍ୱାମୀ ରୂପରେ ତାଙ୍କୁ ଗ୍ରହଣ କରିବ । ତୁମେ ଯଦି ତାଙ୍କୁ ଗ୍ରହଣ କରିବ, ତେବେ ମୁଁ ତୁମର ସମ୍ପତ୍ତି ଗ୍ରହଣ କରିବି ।

ରଜନୀ ଛିଡ଼ା ହୋଇଥିଲି । ଧୀରେ ଧୀରେ ବସି ପଡ଼ି ଅନ୍ଧ ନୟନ ମୁଦି ଦେଲି । ତାହାପରେ ତାହାର ମୁଦ୍ରିତ ନୟନରୁ ଅବିରତ ଜଳଧାର

Digitized by srujanika@gmail.com

ପଡ଼ିବାକୁ ଲାଗିଲା । ଆଖିରୁ ପାଣି ଆଉ ସରୁନାହିଁ । ମୁଁ ଭାରି ବିପଦରେ ପଡ଼ିଲି । ରଜନୀ କଥା କହୁନି, କେବଳ କାନ୍ଦୁଛି ?'

ମୁଁ ପଚାରିଲି, କଣ ରଜନୀ ଏତେ କାନ୍ଦୁଛ କାହିଁକି

ରଜନୀ କାନ୍ଦି କାନ୍ଦି କହିଲା, 'ସେଦିନ ଗଙ୍ଗାଜଳରେ ମୁଁ ବୁଡ଼ି ମରିବାକୁ ଯାଇଥିଲି - ବୁଡ଼ିଥିଲି ଲୋକମାନେ ଧରି ଉଠାଇଲେ, ତାହା ଶଚୀନ୍ଦ୍ରଙ୍କ ପାଇଁ । ତୁମେ ଯଦି କହନ୍ତ, ତୁମେ ଅନ୍ଧ, ତୁମର ଆଖି ଫୁଟାଇ ଦେବ- ମୁଁ ତାହା ନ ଚାହିଁ ଶଚୀନ୍ଦ୍ରଙ୍କୁ ଚାହାନ୍ତି । ଶଚୀନ୍ଦ୍ର ଅପେକ୍ଷା ଏ ଜଗତରେ ଆଉ କିଛି ନାହିଁ । ମୁଁ ତାଙ୍କ ପାଖରେ - ଦେବତାଙ୍କ ପାଖରେ ଫୁଲର କଢ଼ ମାତ୍ର । ଶ୍ରୀଚରଣରେ ସ୍ଥାନ ପାଇଲେହିଁ ସାର୍ଥକ । ଅନ୍ଧର ଦୁଃଖ କଥା ଶୁଣିବକି ?

ମୁଁ ରଜନୀର କାତରତା ଦେଖି କାତର ହୋଇ କହିଲି, 'ଶୁଣିବି' ।

ସେତେବେଳେ ରଜନୀ କାନ୍ଦି କାନ୍ଦି ହୃଦୟ ଖୋଲି ମୋ ପାଖରେ ସବୁକଥା କହିଲା । ଶଚୀନ୍ଦ୍ରର କଣ୍ଠ, ଶଚୀନ୍ଦ୍ରର ସ୍ପର୍ଶ, ଅନ୍ଧର ରୂପୋନ୍ମାଦ, ତାହାର ପଳାୟନ, ନିମଜ୍ଜନ, ଉଦ୍ଧାର ସବୁ କହିଲା । କହି ସାରି କହିଲା, 'ଠାକୁରାଣୀ, ତୁମ୍ଭମାନଙ୍କର ଆଖି ଅଛି - ଆଖି ଥିଲେ ଏତେ ଭଲ ପାଇ ହୁଏକି ?'

ମନେ ମନେ କହିଲି, 'କାଣୀ, ତୁ ଭଲ ପାଇବାର କଣ ଜାଣୁ ? ତୁମେ ଲବଙ୍ଗଲତା ଅପେକ୍ଷା ସହସ୍ର ସୁଖୀ । ପ୍ରକାଶ୍ୟରେ କହିଲି, 'ନା ରଜନୀ, ମୋର ବୃଦ୍ଧ ସ୍ୱାମୀ - ମୁଁ ଏତେ କଥା ଜାଣେନା । ତୁମେଇ ଶଚୀନ୍ଦ୍ରଙ୍କୁ ବିବାହ କରିବ, ଏହା ସ୍ଥିର ।'

ରଜନୀ କହିଲା, 'ନା,'।

ମୁଁ- ସେ କଣ ? ତେବେ ଏତେକଥା କାହିଁକି କହୁଥିଲ- ଏତେ କାନ୍ଦିଲ କାହିଁକି ?

ରଜନୀ- ମୋର ସେ ସୁଖ କପାଳରେ ନାହିଁ ବୋଲି ଏତେ କାନ୍ଦିଲି ।

ମୁଁ- ସେ କଣ ? ମୁଁ ବିବାହ ଦେବ ।

ରଜନୀ- ଦେଇ ପାରିବେ ନାହିଁ। ଅମରନାଥଙ୍କ ଯୋଗୁଁ ମୋର ସର୍ବସ୍ୱ । ଅମରନାଥ ମୋର ସମ୍ପତ୍ତି ଉଦ୍ଧାର ପାଇଁ ଯାହା କରିଛନ୍ତି ପର ପାଇଁ ପର କଣ ତାହା କରେ ? ତାହା ଧରନ୍ତୁ । ସେ ନିଜର ପ୍ରାଣ ଦେଇ

Digitized by srujanika@gmail.com

ମୋ ପ୍ରାଣ ରକ୍ଷା କରନ୍ତୁ ।

ରଜନୀ ସେ ବୃତ୍ତାନ୍ତ କହିଲା । ପରେ କହିଲା, 'ଯାହାଙ୍କ ପାଖରେ ମୁଁ ଏତେ ଋଣୀ, ସେ ମୋର ଯାହା କରିବେ ତାହା ହେବ । ସେ ଯେତେବେଳେ ଅନୁଗ୍ରହ କରି ମୋତେ ଦାସୀ କରିବାକୁ ଚାହିଁବେ, ମୁଁ ତାଙ୍କର ଦାସୀ ହେବି, ଆଉ କାହାର ନୁହେଁ ।'

ହରି, ହରି ! ପୁଅକୁ ସନ୍ନ୍ୟାସୀ ଦ୍ୱାରା ଔଷଧ କରାଇଲି । ବିବାହ ବ୍ୟତୀତ କି ସମ୍ପତ୍ତି ରହିବ । ରଜନୀର ବର୍ତ୍ତମାନ ସମ୍ପତ୍ତି ଦେବାକୁ ଚାହୁଁଛି- କିନ୍ତୁ ଛି, ରଜନୀର ଦାନ ନେବି ? ଭିକ୍ଷା ମାଗି ଖାଇବି ସେ ଭଲ । ମୁଁ କହୁଛି ମୁଁ ଯଦି ବିବାହ ନ କରେଁ, ମୁଁ କାୟସ୍ଥର ଝିଅ ନୁହେଁ । ମୁଁ ଏ ବିବାହ ଦେବି, ଦେବି । ମୁଁ ରଜନୀକୁ କହିଲି, 'ତେବେ ମୁଁ ତୁମର ଦାନ ନେବି ନାହିଁ । ତୁମେ ଯାହାକୁ ଇଚ୍ଛା ତାହାକୁ ଦାନ କର । ମୁଁ ଉଠିଲି ।'

ରଜନୀ କହିଲା, 'ଆଉ ଥରେ ବସନ୍ତୁ, ମୁଁ ଅମରନାଥ ବାବୁଙ୍କ ଦ୍ୱାରା ଥରେ ଅନୁରୋଧ କରାଇବି, ତାଙ୍କୁ ଡାକୁଛି ।'

ଅମରନାଥ ସଙ୍ଗେ ଆଉଥରେ ସାକ୍ଷାତ ମୋରବି ଇଚ୍ଛା । ମୁଁ ଫେରି ବସିଲି । ରଜନୀ ଅମରନାଥକୁ ଡାକିଲା ।

ଅମରନାଥ ଆସିବାରୁ ମୁଁ ରଜନୀକୁ କହିଲି, 'ଅମରନାଥ ବାବୁ, ଏ ବିଷୟରେ ଯଦି ଅନୁରୋଧ କରିବାକୁ ଚାହଁ, ତେବେ ସବୁ କଥା ତୁମ ସାମନାରେ ଖୋଲି କହି ପାରିବ ? ନିଜ ପ୍ରଶଂସା ନିଜେ ଛିଡା ହୋଇ ଶୁଣିନାହିଁ ।'

ରଜନୀ ଚାଲିଗଲା ।

• ଚତୁର୍ଥ ପରିଚ୍ଛେଦ

(ଲବଙ୍ଗଲତାର କଥା)

ମୁଁ ଅମରନାଥକୁ ପଚାରିଲି, 'ତୁମେ କଣ ରଜନୀକୁ ବିବାହ କରିବ' ?

ଅମର - କରିବି, ସ୍ଥିର କରିଛି ।

Digitized by srujanika@gmail.com

ମୁଁ-ବର୍ତ୍ତମାନର ସ୍ଥିର ? ରଜନୀର ସମ୍ପତ୍ତିର ରଜନୀ ମୋତେ ଦେଇଛନ୍ତି ।

ଅ - ମୁଁ ରଜନୀଙ୍କୁ ବିବାହ କରିବି । ସମ୍ପତ୍ତିକୁ ବିବାହ କରିବି ନାହିଁ ।

ମୁଁ -ସମ୍ପତ୍ତି ପାଇଁତ ରଜନୀଙ୍କୁ ବିବାହ କରିବାକୁ ଚାହୁଁଥିଲ ।

ଅ - ସ୍ତ୍ରୀ ଲୋକର ମନ ଏତେ କଦର୍ଯ୍ୟ ।

ମୁଁ - ଆମ ଉପରେ ଏତେ ଅଭକ୍ତି କେବେଠୁ ?

ଅ - ଅଭକ୍ତି ନାହିଁ । ତାହେଲେତ ବିବାହ କରିବାକୁ ଚାହାନ୍ତି ନାହିଁ ।

ମୁଁ - କିନ୍ତୁ ବାଛି ବାଛି ଅନ୍ଧ କନ୍ୟା ପ୍ରତି ଏତେ ଅନୁରକ୍ତି କାହିଁକି ? ସେଥିପାଇଁ ସମ୍ପତ୍ତି କଥା କହୁଥିଲି ।

ଅ - ତୁମେ ବୃଦ୍ଧ ପ୍ରତି ଏତେ ଅନୁରକ୍ତ କାହିଁକି ? ସମ୍ପତ୍ତି ପାଇଁକି ?

ମୁଁ - କାହାର ସାମନାରେ ତାର ସ୍ୱାମୀକୁ ବୃଦ୍ଧ କହନ୍ତି ନାହିଁ । ମୋ ସାଙ୍ଗରେ ରଗାରଗି କାହିଁକି ? ତୁମେ କଣ ମୂର୍ଖବା ସ୍ତ୍ରୀ ଲୋକର ମୁହଁକୁ ଡରନାହିଁ ? (କିନ୍ତୁ ରଗାରଗି ମୋର ଆନ୍ତରିକ ବାସନା) ।

ଅମର- ଭୟ ଅବଶ୍ୟ କରେ; ରାଗିବା କଥା କହୁ ନାହିଁ । ତୁମେ ମିତ୍ରବାବୁଙ୍କୁ ଭଲପାଅ, ମୁଁ ବି ରଜନୀଙ୍କୁ ସେହିପରି ଭଲପାଏଁ ।

ମୁଁ - କଟାକ୍ଷର ଗୁଣରେ ନା କଣ ?

ଅ - ନା' କଟାକ୍ଷ ନାହିଁ ବୋଲି । ତୁମେ ଅନ୍ଧ ହେଲେ ଆହୁରି ସୁନ୍ଦର ହୁଅନ୍ତ ।

ମୁଁ - ସେକଥା ମିତ୍ର ବାବୁଙ୍କୁ ପଚାରିବି, ତୁମକୁ ନୁହେଁ । ବର୍ତ୍ତମାନ ତୁମେ ରଜନୀଙ୍କୁ ଯେପରି ଭଲପାଅ, ମୁଁ ବି ରଜନୀଙ୍କୁ ସେହିପରି ଭଲପାଏ ।

ଅ - ତୁମେବି ରଜନୀଙ୍କୁ ବିବାହ କରିବାକୁ ଚାହୁଁନା କଣ ?

ମୁଁ- ପ୍ରାୟ । ମୁଁ ନିଜେ ତାକୁ ବିବାହ ନ କଲେବି ତାକୁ ଭଲ ଜାଗାରେ ବିବାହ ଦେବାକୁ ଚାହେଁ । ତୁମ ସାଙ୍ଗରେ ତାର ବିବାହ କରାଇବାକୁ ଦେବିନାହିଁ ।

ଅ- ମୁଁ ସୁପାତ୍ର । ରଜନୀଙ୍କୁ ଆଉ ଏପରି ଘଟିନାହିଁ ।

ମୁଁ- ତୁମେ କୁପାତ୍ର । ମୁଁ ସୁପାତ୍ର ଯୋଗାଡ଼ କରିଦେବି ।

ଅ- ମୁଁ କୁପାତ୍ର କୋଉଥିରେ ।

ମୁଁ-କାମିଜଟା ଖୋଲି ପିଠି ବାହାର କଲେ ଦେଖିବି ।

ଅମରନାଥର ମୁହଁ କଳା ହୋଇଗଲା । ଅତି ଦୁଃଖିତ ଭାବରେ କହିଲି, 'ଛିଃ ଲବଙ୍ଗ ।' ମୋର ଦୁଃଖ ହେଲା । କିନ୍ତୁ ଦୁଃଖ-ଦେଖି ଭୁଲିଲି

Digitized by srujanika@gmail.com

ନାହିଁ । କହିଲି, 'ଟୋକିଟିଏ ଗଳ୍ପ କହିବି, ଶୁଣିବ ?

ମୁଁ କଥା ଘୁରି ଯାଉଛି ମନେକରି ଅମରନାଥ କହିଲେ, 'ଶୁଣିବି ।'

ମୁଁ ସେତେବେଳେ କହିବାକୁ ଲାଗିଲି, 'ପ୍ରଥମ ଯୌବନ ସମୟରେ ଲୋକେ ମୋତେ ଚୂଟବେଶ କହୁଥିଲେ ।'

ଅ- ଓଃ! ଯଦି ଗଳ୍ପ ତେବେ ସତ୍ୟ କେଉଁ କଥା ?

ମୁଁ- ପରେ ଶୁଣିବ । ସେହି ରୂପ ଦେଖି ଜଣେ ଚୋର ମୁଗ୍ଧ ହୋଇ ମୋର ପିତାଳୟରେ ଯେଉଁ ଘରେ ଜଣେ ପରିଚାରିକା ଓ ମୁଁ ଶୟନ କରୁ, ସେହି ଘରେ ସିନ୍ଧି କାଟିଲା ।

ଏଇକଥା ଆରମ୍ଭ ହେବାରୁ ଅମରନାଥ ଗଳଦ୍‌ଘର୍ମ ହୋଇଗଲେ । କହିଲେ' 'କ୍ଷମା କର ।'

ମୁଁ କହିବାକୁ ଲାଗିଲି, 'ସେହି ଚୋର ସିନ୍ଧି ବାଟେ ମୋର କକ୍ଷରେ ପ୍ରବେଶ କଲା । ଘରେ ଆଲୁଅ ଜଳୁଥିଲା - ମୁଁ ଚୋରକୁ ଚିହ୍ନିଲି । ଭୀତା ହୋଇ ପରିଚାରିକାକୁ ଉଠାଇଲି । ସେ ଚୋରକୁ ଚିହ୍ନି ନ ଥିଲା । ମୁଁ ସେତେବେଳେ ଅଗତ୍ୟା ଚୋରକୁ ଆଦର କରି ଆଶ୍ୱସ୍ତ କରି ପଲଙ୍କ ଉପରେ ବସାଇଲି ।'

ଅ - କ୍ଷମାକର । ସେ ସବୁ ଜାଣେ ।

ମୁଁ- ତଥାପି ଥରେ ସ୍ମରଣ କରାଇ ଦେବା ଭଲ । କ୍ଷଣକ ପରେ ଚୋରର ଅଲକ୍ଷରେ ମୋର ସଙ୍କେତାନୁସାରେ ପରିଚାରିକା ବାହାରକୁ ଯାଇ ଦରବାନ୍‌କୁ ଡାକି ନେଇ ସିନ୍ଧି କାଟିଥିବା ସ୍ଥାନରେ ଛିଡ଼ା ହୋଇ ରହିଲା । ମୁଁ ବି ସମସ୍ତ ବୁଝି ବାହାରକୁ ଯିବା ପ୍ରୟୋଜନ କହି ଛଳନା କରି ବାହାରୁ କମାନ ଦ୍ୱାରର ଶିକୁଳୀ ବନ୍ଦ କଲି ।

ଅ- ଏସବୁ କଥା କାହିଁକି ?

ମୁଁ- ପରେ ଚୋର କପରି ଗଲା କହିଲେ ଦେଖିବା । ସାଇଲୋକଙ୍କୁ ଡାକି ଜମା କଲି । ବଡ଼ ବଡ଼ ବଳବାନ ଲୋକ ଆସି ଚୋରକୁ ଧରିଲେ । ଚୋର ଲଜ୍ୟାରେ ମୁହଁରେ ଲୁଗା ବାନ୍ଧି ରହିଲା । ମୁଁ ଦୟାକରି ତା ମୁହଁରୁ ଲୁଗା ଖୋଲିବାକୁ ମନାକଲି । କିନ୍ତୁ ସ୍ୱହସ୍ତରେ ଲୁହାର ବାଡ଼ି ଗରମ କରି ତାର ପିଠିରେ ଲେଖିଲି 'ଓଚୋର' ।

ଅମର ବାବୁ ଅତି ଗ୍ରୀଷ୍ମରେ ବି ଆପଣା ଦେହରୁ ଜାମା ଖୋଲି ଶୁଅନ୍ତି ନାହିଁ ।

Digitized by srujanika@gmail.com

ଅ- ନା ।

ମୁଁ- ଲବଙ୍ଗଲତାର ହସ୍ତାକ୍ଷର ପୋଛିଯିବ ନାହିଁ । ମୁଁ ରଜନୀଙ୍କୁ ତାଙ୍କ ଏହି ଚିଠି ଶୁଣାଇବାକୁ ଇଚ୍ଛା ଥିଲା । କିନ୍ତୁ ଶୁଣାଇବି ନାହିଁ । ତୁମେ ରଜନୀର ଯୋଗ୍ୟ ନୁହଁ । ରଜନୀଙ୍କୁ ବିବାହ କରିବାକୁ ଚେଷ୍ଟା କରନାହିଁ । ଯଦି କ୍ଷାନ୍ତ ନ ହୁଅ, ତେବେ ମୁଁ ଶୁଣାଇବାକୁ ବାଧ୍ୟ ହେବି ।

ଅମରନାଥ କିଛି ସମୟ ଭାବିଲା । ପରେ ଦୁଃଖିତ ଭାବରେ କହିଲା, 'ଶୁଣାଇବାକୁ ଇଚ୍ଛା ଥିଲେ ଶୁଣାଅ । ତୁମେ ଶୁଣାଅ ବା ନ ଶୁଣାଅ, ମୁଁ ସ୍ୱୟଂ ଆଜି ତାକୁ ସବୁ ଶୁଣାଇବି । ମୋର ଦୋଷ ଗୁଣ ସବୁ ଶୁଣି ରଜନୀ ମୋତେ ଗ୍ରହଣ କଲେ କରିବ, ନ କଲେ ନକରିବ । ମୁଁ ତାକୁ ପ୍ରବଂଚନା କରିବି ନାହିଁ ।'

ମୁଁ ହାରିଯାଇ ଅମରନାଥଙ୍କୁ ଶତ ଶତ ଧନ୍ୟବାଦ କରି ହର୍ଷ ବିଷାଦରେ ଘରକୁ ଫେରି ଆସିଲି ।

• ପଞ୍ଚମ ପରିଚ୍ଛେଦ

(ଶଚୀନ୍ଦ୍ରର କଥା)

ଐଶ୍ୱର୍ଯ୍ୟ ହରାଇ କିଛିଦିନ ପରେ ପୀଡ଼ିତ ହେଲି । ଐଶ୍ୱର୍ଯ୍ୟରୁ ଦାରିଦ୍ର୍ୟରେ ପତନର ଆଶଙ୍କାରେ ମନରେ ବିକାର ଉପସ୍ଥିତ ହୋଇଥିଲା ବୋଲି କିମ୍ବା କାହିଁ ପୀଡ଼ାର ଉତ୍ପତ୍ତି, ତାହା ମୁଁ କହିବାକୁ ଚେଷ୍ଟା କରିବି ନାହିଁ କେବଳ ପୀଡ଼ା ଲକ୍ଷଣ କହିବି ।

ସନ୍ଧ୍ୟା ପୂର୍ବରୁ ରୌଦ୍ରର ତାପ ଅପସାରିତ ହେବା ପରେ ପ୍ରାସାଦ ଉପରେ ବସି ଅଧ୍ୟୟନ କରୁ ଥିଲି । ସମସ୍ତ ଦିବସ ଅଧ୍ୟୟନ କରିଥିଲି, ଜଗତର ଦୁର୍ବୋଧ ଗୂଢ଼ତତ୍ତ୍ୱ ସବୁର ଆଲୋଚନା କରୁଥିଲି । କିଛିର ମର୍ମ

Digitized by srujanika@gmail.com

ତୃପ୍ତି ପାଉନି ନାହିଁ । କିନ୍ତୁ କୌଣସି ଆକାଂକ୍ଷାର ନିବୃତ୍ତି ହେଲନାହିଁ । ଯେତେ ପଢ଼େ ସେତେ ପଢ଼ିବାକୁ ଇଚ୍ଛା ହୁଏ । ଶେଷରେ ଶ୍ରାନ୍ତ ବୋଧ ହେଲା । ପୁସ୍ତକ ବନ୍ଦ କରି ହାତରେ ଧରି ଚିନ୍ତା କରିବାକୁ ଲାଗିଲି । ଟିକିଏ ନିଦ୍ରା ଆସିଲା—ଅଥଚ ନିଦ୍ରା ନୁହେଁ । ସେ ମୋହ, ନିଦ୍ରା ପରି ସୁଖକର ବା ତୃପ୍ତିଜନକ ନୁହେଁ । କ୍ଲାନ୍ତ ହେବାରୁ ପୁସ୍ତକ ଖସି ପଡ଼ିଲା । ଆଖିରେ ଚାହିଁଛି, ବାହ୍ୟ ବସ୍ତୁ ସବୁ ଦେଖି ପାରୁଛି, କିନ୍ତୁ କଣ ଦେଖୁଛି ତାହା କହି ପାରୁନି । ଅକସ୍ମାତ୍ ସେଠାରେ ପ୍ରଭାତ ବାଟୀ ବିକ୍ଷେପ ଚପଳା କଳକଳ ନାଦିନୀ ନଦୀ ବିସ୍ତୃତ । ଦେଖିଲି—ଯେପରି ସେଠାରେ ଉଷାର ଉଜ୍ଜ୍ୱଳ ବର୍ଣ୍ଣରେ ପୂର୍ବଦିଗ ପ୍ରଭାସିତ ହେଉଛି—ଦେଖିଲି, ସେହି ଗଙ୍ଗା ପ୍ରବାହ ମଧ୍ୟରେ ମଳୟିତ ମୂଳରେ ରଜନୀ । ରଜନୀ ପାଣିକୁ ଓହ୍ଲାଉଛି । ଧୀରେ ଧୀରେ ଧୀରେ, ଅଥଚ ଅନ୍ଧ । ଅଥଚ କୁଞ୍ଚିତ ଭ୍ରୂ ବିକଳା । ଅଥଚ ସ୍ଥିରା । ସେହି ପ୍ରଭାତ ଶାନ୍ତ ଶୀତଳା ଭାଗିରଥୀ ପରି ଗମ୍ଭୀରା, ଧୀରା । ସେହି ଭାଗିରଥୀ ପରି ଅନ୍ତରରେ ଦୁର୍ଜୟ ବେଗଶାଳିନୀ । ଧୀରେ ଧୀରେ ଧୀରେ—ପାଣିକୁ ଓହ୍ଲାଉଛି । ଦେଖିଲି କି ସୁନ୍ଦର । ରଜନୀ କି ସୁନ୍ଦରୀ । ବୃକ୍ଷରୁ ନବମଂଜରୀର ସୁଗନ୍ଧ ପରି, ଦୂର ଶ୍ରୁତ ସଙ୍ଗୀତର ଶେଷ ଭାଗ ପରି ରଜନୀ ପାଣିରେ ଧୀରେ ଧୀରେ ଧୀରେ ଓହ୍ଲାଉଛି । ଧୀରେ ରଜନୀ, ଧୀରେ । ମୁଁ ତୁମକୁ ଦେଖେଁ । ସେତେବେଳେ ଅନାଦର କରି ଦେଖୁନାହିଁ । ବର୍ତ୍ତମାନ ଭଲ କରି ଦେଖିନିଏଁ । ଧୀରେ ରଜନୀ ଧୀରେ ।

ମୁଁ ମୂର୍ଚ୍ଛା ହୋଇଗଲି । ମୂର୍ଚ୍ଛାର ଲକ୍ଷଣ ସବୁ ମୁଁ ଅବଗତ ନୁହେଁ । ଯାହା ପରେ ଶୁଣିଛି ତାହା କହି ଲାଭ ନାହିଁ । ମୁଁ ଯେତେବେଳେ ପୁନର୍ବାର ଚେତନାପ୍ରାପ୍ତ ହେଲି, ସେତେବେଳେ ରାତ୍ରି । ମୋ ନିକଟରେ ଅନେକ ଲୋକ । କିନ୍ତୁ ମୁଁ ସେସବୁ କିଛି ଦେଖିଲି ନାହିଁ । ମୁଁ ଦେଖିଲି—କେବଳ ନାଦିନୀ ଗଙ୍ଗା । ଆଉ ସେହି ମୃଦୁ ଗାମିନୀ ରଜନୀ ଧୀରେ ଧୀରେ ପାଣିକୁ ଓହ୍ଲାଉଛି । ଚକ୍ଷୁ ବୁଜିଲି, ତଥାପି ଦେଖିଲି ସେହି ଗଙ୍ଗା ଆଉ ସେହି ରଜନୀ । ଦିଗନ୍ତକୁ ଚାହିଁଲି—ପୁଣି ସେହି ରଜନୀ ଧୀରେ ଧୀରେ ପାଣିକୁ ଓହ୍ଲାଉଛି । ଊର୍ଦ୍ଧ୍ୱକୁ ଚାହିଁଲି—ଊର୍ଦ୍ଧ୍ୱରେ ଆକାଶ ବିହାରଣୀ ଗଙ୍ଗା ଧୀରେ ଧୀରେ ବହୁଛି, ଆଉ ଆକାଶ ବିହାରଣୀ ରଜନୀ ଧୀରେ ଧୀରେ ଓହ୍ଲାଉଛି । ଅନ୍ୟ ଆଡ଼କୁ ମନ ଫେରାଇଲି । ତଥାପି ସେହି ଗଙ୍ଗା, ଆଉ ସେହି ରଜନୀ । ଚିକିତ୍ସକମାନେ ମୋର ଚିକିତ୍ସା କରିବାକୁ ଲାଗିଲେ ।

Digitized by srujanika@gmail.com

ଅନେକ ଦିନ ଧରି ମୋର ଏହି ଚିକିତ୍ସା ଚାଲିଲା । କିନ୍ତୁ ମୋର ନୟନାଗ୍ରରୁ ରଜନୀର ରୂପ କ୍ଷଣକ ପାଇଁ ସୁଦ୍ଧା ଅନ୍ତର୍ହିତ ହେଲନାହିଁ । ମୁଁ ଜାଣେନା, ମୋର କି ରୋଗ ବୋଲି ଚିକିତ୍ସକମାନେ ଚିକିତ୍ସା କରୁଥିଲେ । ମୋର ନୟନାଗ୍ରରେ ଯେଉଁ ରୂପ ନାଚୁଥିଲା ସେକଥା କାହାକୁ କହିନାହିଁ ।

● ଷଷ୍ଠ ପରିଚ୍ଛେଦ

(ଶଚୀନ୍ଦ୍ରର କଥା)

ହେ, ଧୀରେ, ରଜନି ଧୀରେ ! ଧୀରେ ଧୀରେ ମୋର ଏହି ହୃଦୟ ମନ୍ଦିରରେ ପ୍ରବେଶ କର । ଏତେ ଦ୍ରୁତଗାମିନୀ କାହିଁକି ? ତୁମେ ଅନ୍ଧ, ପଥ ଚିହ୍ନି ନାହଁ, ଧୀରେ ରଜନି ଧୀରେ । କ୍ଷୁଦ୍ର ଏହି ପୁରୀ, ଅନ୍ଧାର ଅନ୍ଧାର ଅନ୍ଧାର, ଚିରାଂଧକାର । ଦୀପ ଶଳାକା ଧର । ଏଥିରେ ପ୍ରବେଶ କରି ଆଲୋକିତ କର—ଦୀପ ଶଳାକା ଧରି ନିଜେ ପୋଡ଼ିବ, କିନ୍ତୁ ଏ ଅନ୍ଧାର ପୁରୀ ଆଲୋକିତ କରିବ ।

ଧୀରେ ରଜନି ଧୀରେ ! ଏପୁରୀ ଆଲୋକିତ କର, କିନ୍ତୁ ଦାହ କରୁଛ କାହିଁକି ? ତୁମେତ ପାଷାଣ ଗଠିତା ପାଷାଣମୟୀ ଜାଣିଥିଲି, ପାଷାଣରେବି ଦାହ କରିବ ? ଅଥବା କିଏ ଜାଣେ ପାଷାଣର ଲୌହନ ଘର୍ଷଣରେହିଁ ଅଗ୍ନ୍ୟୁତ୍ପାତ ହୁଏ ! ତୁମର ପ୍ରସ୍ତର ଧବଳ, ପ୍ରସ୍ତର ସ୍ନିଗ୍ଧ ଦର୍ଶନ, ପ୍ରସ୍ତର ଗଠିତବକ୍ର ମୂର୍ତ୍ତି ଯେତେ ଦେଖେ ସେତେ ଦେଖିବାକୁ ଇଚ୍ଛା ହୁଏ । ଅନୁଦିନ ପଲକ ପଲକରେ ଦେଖିବି ମନେହୁଏ ଦେଖିଲି ନାହିଁ । ପୁଣି ଦେଖେ ପୁଣି ଦେଖେ, କିନ୍ତୁ ଦେଖିକରି ଆଶାମେଣ୍ଟେ ନାହିଁ ।

ପୀଡ଼ିତାବସ୍ଥାରେ ମୁଁ ପ୍ରାୟ କାହାରି ସାଙ୍ଗରେ କଥା କହୁ ନ ଥିଲି କେହି କଥା କହିବାକୁ ଆସିଲେ ଭଲ ଲାଗୁ ନ ଥିଲା । ରଜନୀର କଥା

Digitized by srujanika@gmail.com

ମୁହିଁକୁ ଆଶ୍ରୟ ନ ଥିଲା—କିନ୍ତୁ ପ୍ରକାଣ୍ଡ ସମୁଦ୍ରରେ କଣ କେଉଁ ନ କେଉଁ ତାହା ସ୍ମରଣ କରି କହି ପାରିବି ନାହିଁ । ପ୍ରକାଣ୍ଡ ମରୁଚରରେହିଁ ଘୂରୁଥିଲି ।

ଶଯ୍ୟା ପ୍ରାୟ ତ୍ୟାଗ କରେନା । କେଉଁଠି କେଉଁଠି କେତେ କଣ ଦେଖୁ-ଥିଲି ତାହା କହି ପାରିବି ନାହିଁ । କେତେବେଳେ ଦେଖୁଥିଲି, ସମର କ୍ଷେତ୍ରରେ ସଂହାରକାଣ୍ଡ ହେଉଛି — ରକ୍ତର ନଦୀ ବହୁଛି । କେତେବେଳେ ଦେଖୁଥିଲି ସୁବର୍ଣ୍ଣ ପ୍ରାନ୍ତରେ ହୀରକ ବୃକ୍ଷରେ ସ୍ତବକ ସ୍ତବକରେ ନକ୍ଷତ୍ର ଫୁଟିଛି । କେତେବେଳେ ଦେଖେ ଆକାଶ ମାର୍ଗରେ ଅଗ୍ନିଶିଖାଯୁକ୍ତ ଶନିଶ୍ଚର ମହାଗ୍ରହ ଚନ୍ଦ୍ରସୂର୍ଯ୍ୟବାହୀ ବୃହସ୍ପତି ଉପରେ ମହାବେଗରେ ପଡ଼ିଲା । ଗ୍ରହ ଉପଗ୍ରହ ସବୁ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଗଲେ । ଆହତ ଉତ୍ପନ୍ନ ବହ୍ନିରେ ଜଳି ଉଠି ବାଷ୍ପମାନ ଅବସ୍ଥାରେ ମହାବେଗରେ ବିଶ୍ୱମଣ୍ଡଳର ଚତୁର୍ଦ୍ଦିଗରେ ପ୍ରଧାବିତ ହେଲା । କେତେବେଳେ ଦେଖେ ଏହି ଜଗତ ଜ୍ୟୋତିର୍ମୟ । କାନ୍ତରୂପ ଧରି, ଦେବଯୋନିର ମୂର୍ତ୍ତିରେ ପରିପୂର୍ଣ୍ଣ । ସେମାନେ ଅବିରତ ଅମୃତ ରସ ଧୂମମିତ କରି ବିତରଣ କରୁଛନ୍ତି । ସେମାନଙ୍କର ଅଙ୍ଗର ସୌରଭରେ ମୋର ନାସାରନ୍ଧ୍ର ପରିପୂର୍ଣ୍ଣ ହେଉଛି । କିନ୍ତୁ ଯାହା ଦେଖେନା ସବୁ କିଛିର ମଧ୍ୟସ୍ଥଳରେ ରଜନୀର ସେହି ପ୍ରସ୍ତରମୟୀ ମୂର୍ତ୍ତି ଦେଖିବାକୁ ପାଏଁ । ହାୟ ରଜନୀ-ପଥରରେ ଏତେ ନିଆଁ !

ଧୀରେ ରଜନୀ ଧୀରେ ! ଧୀରେ ରଜନୀ, ସେହି ଅନ୍ଧ ନୟନ ଉନ୍ମୀଳିତ କର । ଦେଖ ମୋତେ ଦେଖ । ମୁଁ ତୁମକୁ ଦେଖେଁ । ଏଇ ଦେଖୁଛି, ତୁମର ନୟନ ପଦ୍ମ କ୍ରମେ ପ୍ରସ୍ଫୁଟିତ ହେଉଛି—କ୍ରମେ କ୍ରମେ ଧୀରେ ଧୀରେ । ଧୀରେ ନୟନ ରାଜୀବ ଫୁଟୁଛି । ଏ ସଂସାରରେ କାହାର ନ ଅଛି ? ଗୋରୁ, ମେଷ, କୁକୁର, ମାର୍ଜାର ଏମାନଙ୍କରବି ନୟନ-ଅଛି । ତୁମର ନାହିଁ ? ନାହିଁ ନାହିଁ, ତେବେ ତୁମରବି ନାହିଁ । ମୁଁବି ଆଉ ଆଖିରେ ଚାହିଁବି ନାହିଁ ।

Digitized by srujanika@gmail.com

• ସପ୍ତମ ପରିଚ୍ଛେଦ

(ଲବଙ୍ଗଲତାର କଥା)

ମୁଁ ଜାଣେ ଶଚୀନ୍ଦ୍ର ଗୋଟାଏ କାଣ୍ଡ କରିବ । ଅଳ୍ପ ବୟସରେ ଏତେ ଭାବନ୍ତି ? ଅପାତ ଥରେ ଫେରି ଗୃହାନ୍ତି ନାହିଁ—ମୁଁ କହିଲେ ବିମାତା ବୋଲି ମୋ କଥା ଗ୍ରାହ୍ୟ କରେନା-ସେପରି ପିଲାକୁ ଶାସନ କରିବା କଷ୍ଟ । ବର୍ତ୍ତମାନ ସବୁ ଦାୟିତ୍ୱ ଯେପରି ମୋର । ଡାକ୍ତର ବୈଦ୍ୟ କିଛି କରି ପାରିଲେ ନାହିଁ, ପାରିବେବି ନାହିଁ । ସେମାନେ ରୋଗର ନିର୍ଣ୍ଣୟ କରି ଜାଣନ୍ତି ନାହିଁ । ରୋଗ ହୋଇଛି ମନରେ-ହାତ ଦେଖିଲେ, ଆଖି ଦେଖିଲେ, ଜିଭ ଦେଖିଲେ ସେମାନେ କଣ ବୁଝିବେ ? ଯଦି ସେମାନେ ମୋ ପରି ଆଡ଼ୁଆଳରେ ଲୁଚି ରହି କାନେଇ ପୁଅର କାଣ୍ଡ ଦେଖନ୍ତେ ତେବେ ଧାନକରେ ରୋଗ ଚିହ୍ନି ପାରନ୍ତେ ।

କଥାଟା କଣ ? ଧୀରେ ରଜନୀ । ପୁଅଟା ଏକୁଟିଆ ଥିଲେ. ଏହି କଥା କୁହେ । ସନ୍ନ୍ୟାସୀ ଠାକୁରଙ୍କର ଔଷଧରେ କଣ ଏହି ଫଳ ହେଲା ? ମୋର ମୁଣ୍ଡ ଖାଇବାକୁ କାହିଁକି ଏପରି କାମ କଲି ? ଭଲ କଥା ରଜନୀକୁ ଥରେ ରୋଗୀ ପାଖରେ ବସାଇ ରଖିଲେ ହୁଅନ୍ତା ନାହିଁ ? କାହିଁ, ମୁଁ ରଜନୀ ଘରକୁ ଯାଇଥିଲି, ସେତ ସେଦିନରୁ ଘରକୁ ଥରେ ଆସିନାହିଁ ; ଡାକି ପଠାଇଲେ ନ ଆସି ରହି ପାରିବ ନାହିଁ । ଏହା ଭାବି ମୁଁ ରଜନୀ ପାଖକୁ ଲୋକ ପଠାଇଲି—କହି ପଠାଇଲି ଯେ ମୋର ବିଶେଷ ପ୍ରୟୋଜନ ଅଛି, ଥରେ ଆସିବାକୁ କହିବ ।

ମନେ କଲି ଆଗ ଥରେ ଶଚୀନ୍ଦ୍ର ପାଖେ ରଜନୀ କଥା କହି ଦେଖେ । ତାହେଲେ ବୁଝି ପାରିବ ରଜନୀ ସହିତ ଶଚୀନ୍ଦ୍ର ରୋଗର କୌଣସି ସମ୍ବନ୍ଧ ଅଛି କି ନାହିଁ ।

Digitized by srujanika@gmail.com

ଏହାପରେ ଏକଦିନ ମୁଁ ଜାଣିବା ପାଇଁ ଶଚୀନ୍ଦ୍ର ପାଖକୁ ଯାଇ ବସିଲି । ଏକଥା ସେକଥା ପରେ ରଜନୀ ପ୍ରସଙ୍ଗ ଉଠାଇଲି । ଆଉ କେହି ସେଠାରେ ନ ଥିଲେ । ରଜନୀର ନାମ ଶୁଣିବା ମାତ୍ରେ ଶଚୀନ୍ଦ୍ର ସଙ୍ଗେ ସଙ୍ଗେ ଚକିତ ହଂସୀ ପରି ଗ୍ରୀବା ଉଠାଇ ମୋର ମୁହଁକୁ ଚାହିଁ ରହିଲା । ମୁଁ ଯେତେ ରଜନୀ କଥା କହିବାକୁ ଲାଗିଲି, ଶଚୀନ୍ଦ୍ର କିଛି ଉତ୍ତର କଲାନାହିଁ, କିନ୍ତୁ ବ୍ୟାକୁଳିତ ଚକ୍ଷୁରେ ମୋ ମୁହଁକୁ ଚାହିଁ ରହିଲା । ମୁଖ ବଡ଼ ଅସ୍ଥିର ହୋଇ ଉଠିଲା—ସେହି ମନର—ସେହି ଗ୍ଲାନି ଦେଖାଇବା ଆରମ୍ଭ କଲା । ମୁଁ ମନୋକ୍ଷୋଭରେ ରଜନୀକୁ ତିରସ୍କାର କରିବାକୁ ଲାଗିଲି । ସେ ଅକୃତଜ୍ଞ ପ୍ର- ଲୋଭୀ, ଆମର ପୂର୍ବକୃତ ଉପକାର କିଛି ମନେ କଲାନାହିଁ—ଏହିପରି କଥାବାର୍ତ୍ତା ଶୁଣି ଶଚୀନ୍ଦ୍ର ଅଧିକ ଧ୍ୟାନାପନ୍ନ ହେବାଭଳି ମୋର ମନେ ହେଲା, କିନ୍ତୁ କଥାରେ କିଛି ପ୍ରକାଶ କଲାନାହିଁ ।

ନିଶ୍ଚିତ ବୁଝିଲି ଏହା ସନ୍ନ୍ୟାସୀର କାର୍ଯ୍ୟ । ସେ ବର୍ତ୍ତମାନ ଅନ୍ୟ- ସ୍ଥାନକୁ ଚାଲି ଯାଇଛନ୍ତି । ଅଳ୍ପ ଦିନରେ ଆସିବା କଥା ଥିଲା । ତାଙ୍କୁ ପ୍ରତୀକ୍ଷା କରିବାକୁ ଲାଗିଲି । କିନ୍ତୁ ମୋର ମନରେ ଭାବିଲି ସେ ସେ ବା କଣ କରିବେ । ମୁଁ ନିର୍ବୋଧ—ଦୁରାକାଂକ୍ଷା ପରବଶ ସ୍ତ୍ରୀଲୋକ । ଧନ ଲୋଭରେ ଅଗ୍ରପଶ୍ଚାତ୍ ନ ଭାବି ନିଜେହିଁ ଏହି ବିପତ୍ତି ଉପସ୍ଥିତ କରିଛି । ସେତେବେଳେ ମନେ ମନେ ଭାବିଥିଲି ରଜନୀକୁ ନିଷ୍ଠୁର ପ୍ରାଣବଧ କରିବି । କିଏ ଜାଣିଥିଲା ଯେ ଅନ୍ଧ ଫୁଲବାଲୀ ଦୁର୍ଲଭ ହେବ ଏବଂ ସନ୍ନ୍ୟାସୀର ମନ୍ତ୍ର ଔଷଧରେ ହୃଦୟ ପରିବର୍ତ୍ତ ହେବ । ସ୍ତ୍ରୀଲୋକର ବୁଦ୍ଧି ଅତି କ୍ଷୁଦ୍ର - ଏହା ଜାଣି ନ ଥିଲି । ନିଜ ବୁଦ୍ଧିର ଅହଂକାରରେ ମଜିଗଲି । ମୋର ଏପରି ବୁଦ୍ଧି ହେବା ପୂର୍ବରୁ ମୁଁ ମରିଗଲି ନାହିଁ କାହିଁକି ? ବର୍ତ୍ତମାନ ଇଚ୍ଛା ହେଉଛି ମରିବି, କିନ୍ତୁ ଶଚୀନ୍ଦ୍ର ଆରୋଗ୍ୟ ନ ହେବା ପୂର୍ବରୁ ମରି ପାରୁନାହିଁ ।

କିଛିଦିନ ପରେ କେଉଁଠୁ ହେଲେ ପୂର୍ବ ପରିଚିତ ସନ୍ନ୍ୟାସୀ ଆସି ଉପସ୍ଥିତ ହେଲେ । ସେ କହିଲେ ସେ ଶଚୀନ୍ଦ୍ରର ରୋଗ ଶୁଣି ଦେଖିବାକୁ ଆସିଛନ୍ତି । କିଏ ତାଙ୍କୁ ଶଚୀନ୍ଦ୍ରର ରୋଗ ଖବର ଦେଲା ତାହା କିଛି କହିଲେ ନାହିଁ ।

ଶଚୀନ୍ଦ୍ରର ରୋଗ ଖବର ଆଦ୍ୟପ୍ରାନ୍ତ ଶୁଣିଲେ । ପରେ ଶଚୀନ୍ଦ୍ର ପାଖରେ ବସି ନାନା ପ୍ରକାର କଥୋପକଥନ କରିବାକୁ ଲାଗିଲେ । ତାପରେ

Digitized by srujanika@gmail.com

ପ୍ରଣାମ କରିବା ପାଇଁ ମୁଁ ଡକାଇ ପଠାଇଲି । ପ୍ରଣାମ କରି କୁଣ୍ଠିତ ହେଉଥିବା ପରେ କହିଲି, 'ମହାଶୟ ସର୍ବଜ୍ଞ । ନ ଜାଣନ୍ତି ଏପରି ତତ୍ତ୍ୱ ନାହିଁ । ଶଚୀନ୍ଦ୍ରର ରୋଗ କଣ ଆପଣ ଅବଶ୍ୟ ଜାଣନ୍ତି ।

ସେ କହିଲେ, 'ସେଟା ବାୟୁ ରୋଗ' । ଅତି ଦୃଢକାର୍ଯ୍ୟ । ମୁଁ କହିଲି, 'ତେବେ ଶଚୀନ୍ଦ୍ର ସର୍ବଦା ରଜନୀ ନାମ କହୁଛନ୍ତି କାହିଁକି ?' ସନ୍ନ୍ୟାସୀ କହିଲେ, 'ତୁମେ ବାଳିକା, କଣ ବୁଝିବ ? (କି ସର୍ବନାଶ, ମୁଁ ବାଳିକା, ମୁଁ ଶଚୀର ମାଆ), ଏହି ରୋଗଟା ଗୋଟିଏ ଗତି-ଏହା ଯେ ହୃଦୟସ୍ଥ ଲୁକ୍କାୟିତ ଏବଂ ଅପରିଚିତ ଭାବ ବା ପ୍ରବୃତ୍ତି । ସବୁ ପ୍ରକାଶିତ ହୋଇ ଯିବ । ଏବଂ ଅତ୍ୟନ୍ତ ବଳବାନ ହୋଇ ଉଠିବ । ଶଚୀନ୍ଦ୍ର କଦାଚିତ୍ ଆମର ଦୈବ ବିଦ୍ୟା ସବୁର ପରୀକ୍ଷାର୍ଥୀ ହେଲେ ମୁଁ ଗୋଟିଏ ତାନ୍ତ୍ରିକ ଅନୁଷ୍ଠାନ କରିବି । ସେଥିରେ ଯେ ଯାହାକୁ ଆନ୍ତରିକ ଭଲ ପାଏ, ସେ ତାକୁ ସ୍ୱପ୍ନରେ ଦେଖିବେ । ଶଚୀନ୍ଦ୍ର ସ୍ୱପ୍ନରେ ରଜନୀକୁ ଦେଖିଲେ । ସ୍ୱାଭାବିକ ନିୟମ ଏହି ଯେ, ଯେ ଆମକୁ ଭଲ ପାଏ ବୋଲି ଜାଣି ପାରୁଁ, ଆମେ ତାହା ପ୍ରତି ଅନୁରକ୍ତ ହେଉଁ । ଅତଏବ ସେହି ରାତିରେ ଶଚୀନ୍ଦ୍ର ମନରେ ରଜନୀ ପ୍ରତି ଅନୁରାଗର ବୀଜ ଗୋପନରେ ସମାରୋପିତ ହେଲା । କିନ୍ତୁ ରଜନୀ ଅନ୍ଧ ଏବଂ ଗରିବ ଲୋକର କନ୍ୟା ଇତ୍ୟାଦି କାରଣରୁ ସେ ଅନୁରାଗ ପରିସ୍ଫୁଟ ହୋଇ ପାରିନାହିଁ । ଅନୁରାଗର ଲକ୍ଷଣ ହୃଦୟରେ କିଛି ଦେଖି ପାରିଲେବି ଶଚୀନ୍ଦ୍ର ତତ୍ପ୍ରତି ବିଶ୍ୱାସ କରିନାହାନ୍ତି । କ୍ରମେ ଘୋରତର ଦାରିଦ୍ର୍ୟର ଦୁଃଖ ଭୁଲିବା ପାଇଁ ଶଚୀନ୍ଦ୍ର ଅଧ୍ୟୟନରେ ମନ ଦେଲେ । ଅନନ୍ୟମନା ହୋଇ ବିଦ୍ୟାଲୋଚନା କରିବାକୁ ଲାଗିଲେ । ସେହି ବିଦ୍ୟାଲୋଚନାର ଆଧିକ୍ୟ ହେତୁ ଚିତ୍ତ ଉଦ୍‌ଭ୍ରାନ୍ତ ହୋଇ ଉଠିଲା । ସେଥିରୁ ଏହି ମାନସିକ ରୋଗର ସୃଷ୍ଟି । ସେହି ମାନସିକ ରୋଗକୁ ଅବଲମ୍ବନ କରି ରଜନୀ ପ୍ରତି ସେହି ବିଲୁପ୍ତ ପ୍ରାୟ ଅନୁରାଗ ପୁନଃ ପ୍ରସ୍ଫୁଟିତ ହେଲା । ବର୍ତ୍ତମାନ ଶଚୀନ୍ଦ୍ରର ଆଉ ସେ ମାନସିକ ଶକ୍ତି ନ ଥିଲା ଯେ ତଦ୍ୱାରା ସେ ସେହି ଅବାହିତ ଅନୁରାଗକୁ ପ୍ରଶମିତ କରନ୍ତେ । ବିଶେଷ ପୂର୍ବରୁ କହିଛି ଯେ ଏହିସବୁ ମାନସିକ ରୋଗର କାରଣ ମାଇଁ ଯେଉଁ ଯେଉଁ ଗୁପ୍ତ ମାନସିକ ଭାବ ବିକଶିତ ହୁଏ, ତାହା ଅପ୍ରକୃତ ହୋଇ ଉଠେ । ସେତେବେଳେ ତାହା ବିକାର ସ୍ୱରୂପ ପ୍ରତୀୟମାନ ହୁଏ । ଶଚୀନ୍ଦ୍ରର ବିକାଶ ସେହିପରି ।

ମୁଁ ସେତେବେଳେ କାତର ହୋଇ ପଚାରିଲି ଯେ ଏହାର ପ୍ରତି-

ତାହାର କି ଉପାୟ ହେବ ?

ସନ୍ୟାସୀ କହିଲେ, 'ମୁଁ ଡାକ୍ତରି ଶାସ୍ତ୍ର କିଛି ଜାଣେନା । ଡାକ୍ତର ମାନଙ୍କ ଦ୍ୱାରା ଏ ରୋଗ ଆରୋଗ୍ୟ ହୋଇ ପାରେ କି ନାହିଁ ତାହା କହି ପାରିବି ନାହିଁ । କିନ୍ତୁ ଡାକ୍ତରମାନେ କେତେବେଳେ ଏ ରୋଗର ପ୍ରତିକାର କରିଛନ୍ତି ମୁଁ ଶୁଣିନାହିଁ ?'

ମୁଁ କହିଲି ଯେ ଅନେକ ଡାକ୍ତରଙ୍କୁ ଦେଖା ହୋଇଛି । କିଛି ଉପକାର ହୋଇନି ।

ସ - ମଫସଲର ବୈଦ୍ୟ ଚିକିତ୍ସକଙ୍କ ଦ୍ୱାରାବି କୌଣସି ଉପକାର ହେବନାହିଁ ।

ମୁଁ - ତେବେ କଣ କିଛି ଉପାୟ ନାହିଁ ?

ସନ୍ୟାସୀ- ଯଦି କହିବ, ତେବେ ମୁଁ ଔଷଧ ଦେବି ।

ମୁଁ - ଆପଣଙ୍କ ଔଷଧ ଅପେକ୍ଷା କାହାର ଔଷଧ ଭଲ ? ଆପଣ ତ ଆମ ରକ୍ଷାକର୍ତ୍ତା । ଆପଣ ଔଷଧ ଦିଅନ୍ତୁ ।

ସ-ତୁମେ ଏ ଘରର କର୍ତ୍ତା, ତୁମେ କହିଲେ ଔଷଧ ଦେବି । ଶଚୀନ୍ଦ୍ରବି ତୁମର ବାଧ୍ୟ । ତୁମେ କହିଲେ ସେ ମୋର ଔଷଧ ସେବନ କରିବ । କିନ୍ତୁ କେବଳ ଔଷଧରେ ଆରୋଗ୍ୟ ହେବନାହିଁ । ମାନସିକ ରୋଗର ମାନସିକ ଚିକିତ୍ସା ଦରକାର, ରଜନୀ ଦରକାର ।

ମୁଁ - ରଜନୀ ଆସିବ, ଡାକି ପଠାଇଛି ।

ସ- କିନ୍ତୁ ରଜନୀର ଆଗମନରେ ଭଲ ହେବକି ମନ୍ଦ ହେବ ତାହାହିଁ ବିବେଚ୍ୟ । ଏପରି ହୋଇ ପାରେ ଯେ ରଜନୀ ପ୍ରତି ଏହି ଅପ୍ରକୃତ ଅନୁ-ରାଗ ଉନ୍ମତ୍ତାବସ୍ଥାରେ ଦେଖାସାକ୍ଷାତ ହେଲେ ବଦ୍ଧମୂଳ ହୋଇ ସ୍ଥାୟୀତ୍ୱ ପ୍ରାପ୍ତ ହେବ । ଯଦି ରଜନୀ ସାଙ୍ଗରେ ବିବାହ ନ ହୁଏ, ତେବେ ରଜନୀ ନ ଆସିବାହିଁ ଭଲ ।

ମୁଁ - ରଜନୀ ଆସିବା ଭଲ ହେଉ ମନ୍ଦ ହେଉ, ତାହା ବିଚାର କରିବା ପାଇଁ ଆଉ ସମୟ ନାହିଁ । ଏହି ଦେଖନ୍ତୁ, ରଜନୀ ଆସୁଛି ।

ସେହି ସମୟରେ ଜଣେ ପରିଚାରିକା ସାଙ୍ଗରେ ରଜନୀ ଆସି ଉପ-ସ୍ଥିତ ହେଲା । ଅମରନାଥବି ଶଚୀନ୍ଦ୍ରର ରୋଗ ଶୁଣି ସ୍ୱୟଂ ଶଚୀନ୍ଦ୍ରକୁ ଦେଖି-ବାକୁ ଆସିଥିଲେ ଏବଂ ରଜନୀକୁ ସାଙ୍ଗରେ ଆଣି ଉପସ୍ଥିତ କରାଇ ଥିଲେ । ନିଜେ ବାହାର ଘରେ ରହି ପରିଚାରିକା ସାଙ୍ଗରେ ତାଙ୍କୁ ଅନ୍ତଃପୁରକୁ ପଠାଇ ଦେଇଥିଲେ ।

Digitized by srujanika@gmail.com

ପଞ୍ଚମ ଖଣ୍ଡ

(ଅମରନାଥର କଥା)

• ପ୍ରଥମ ପରିଚ୍ଛେଦ

ଏହିଁ ଅନ୍ଧ ପୁଷ୍ପ ନାରୀ କି ମୋହିନୀ ଜାଣେ ତାହା କହି ପାରିବ ନାହିଁ । ଚକ୍ଷୁରେ କଟାକ୍ଷ ନାହିଁ, ଅଥଚ ମୋ ପରି ସନ୍ନ୍ୟାସୀକୁବି ମୋହିତ କଲା । ମୁଁ ଭାବିଥିଲି ଲବଙ୍ଗଲତା ବ୍ୟତୀତ ଆଉ କାହାକୁ କେବେ ଭଲ ପାଇବି ନାହିଁ । ମଣିଷର ସବୁହିଁ ଅନର୍ଥକ ଦମ୍ଭ । ଅନ୍ୟ ମାନେ ଦୂରେଇ ରହନ୍ତେ ସହଜରେ ଏହି ପୁଷ୍ପ ନାରୀ ଦ୍ୱାରା ମୋହିତ ହେଲି ।

ମନରେ ଭାବିଥିଲି—ଏ ଜୀବନ ଅମାବାସ୍ୟା ରାତି ପରି-ଅନ୍ଧକାରରେ କଟିବ-ହଠାତ୍ ଚନ୍ଦ୍ରୋଦୟ ହେଲା । ଭାବିଥିଲି—ଏ ଜୀବନ ସିନ୍ଧୁ ସନ୍ତରଣ

Digitized by srujanika@gmail.com

କାରଣ ସେମାନେ ତା'ର ସେବକଙ୍କୁ ମଣ୍ଡଳ—ହଠାତ୍ ସୁବର୍ଣ୍ଣ ମେଘ ଦେଖିଲି । ଭାବିଥିଲି ଏ ମରୁଭୂମି ଚିରଦିନ ମୋହପରି ଦୃଷ୍ଟିକ୍ଷେତ୍ର ରହିବ । ରଜନୀ ହଠାତ୍ ସେଠାରେ ନନ୍ଦନକାନନ ଆଣି ବସାଇଲା । ମୋର ଏ ସୁଖର ଆଜି ସୀମା ନାହିଁ । ଯେ ଚିରଦିନ ଅନ୍ଧକାର ଗୃହ ମଧ୍ୟରେ ବାସ କରିଛି ସେ ଯଦି ଏହି ସୂର୍ଯ୍ୟ କିରଣ ସମୁଜ୍ଜ୍ୱଳ ଚନ୍ଦ୍ର କୁସୁମ ପଲ୍ଲବ ସୁଶୋଭିତ ମନୁଷ୍ୟ ଲୋକରେ ସ୍ଥାପିତ ହୁଏ, ତାହାର ଯେପରି ଆନନ୍ଦ ମୋର ସେହି ଆନନ୍ଦ । ଯେ ଚିରକାଳ ପରାଧୀନ, ପର ପୀଡ଼ିତ ଦାସାନୁଦାସ ଥିଲା, ସେ ଯଦି ହଠାତ୍ ସର୍ବେଶ୍ୱର ସାର୍ବଭୌମ ହୁଏ, ତାହାର ଯେଉଁ ଆନନ୍ଦ, ମୋର ସେହି ଆନନ୍ଦ । ରଜନୀ ଚିର ଯେ ଜନ୍ମାନ୍ଧ, ହଠାତ୍ ତା'ର ଆଖି ଫିଟିଲେ ଯେଉଁ ଆନନ୍ଦ, ରଜନୀକୁ ଲାଭ ପାଇ ମୋର ସେହି ଆନନ୍ଦ ।

କିନ୍ତୁ ଏ ଆନନ୍ଦର ପରିଣାମରେ କଣ ହେବ ତାହା କହି ପାରିବିନି । ମୁଁ ଜାଣେ, ମୋ ଚିତ୍ରିର ନାଆଁର ଅକ୍ଷରରେ ଲେଖା ଅଛି ଯେ ମୁଁ ଚୋର । ଯେଉଁ ଦିନ ରଜନୀ ଅକ୍ଷରରେ ହାତ ଦେଇ ପଢ଼ିବ ଏହା କି ଦାଗ, ମୁଁ ତାକୁ କଣ କହିବି ? କହିବି ଯେ ସେ କିଛି ନୁହେଁ ? ସେ ଅନ୍ଧ, କିଛି ଜାଣି ପାରିବ ନାହିଁ । କିନ୍ତୁ ଯାହାକୁ ଅବଲମ୍ବନ କରି ମୁଁ ସଂସାରରେ ସୁଖୀ ହେବାକୁ ଯାଉଛି—ତାକୁ ପୁଣି ପ୍ରତାରଣା କରିବି । ଯେ ପାରେ ସେ କରୁ, ମୁଁ ଯେତେବେଳେ ମାରୁଥିଲି, ଏହା ଅପେକ୍ଷାବି ଗୁରୁତର ଦୁଷ୍କାର୍ଯ୍ୟ କରୁଥିଲି—କିନ୍ତୁ ମନ ଏପରି କଷ୍ଟ ଭୋଗ କରେ ନାହିଁ—ଆଜି କାହିଁକି ? ମୁଁ ଲବଙ୍ଗଲତା ପାଖରେ କହିଥିଲି ସବୁ କଥା ରଜନୀକୁ କହିବି । କିନ୍ତୁ କହିବାକୁ ମୁହଁ ଫିଟିନାହିଁ । ବର୍ତ୍ତମାନ କହିବି ।

ଯେଉଁଦିନ ରଜନୀ ଶଚୀନ୍ଦ୍ରକୁ ଦେଖିବାକୁ ଆସିଥିଲା, ସେହିଦିନ ଅପରାହ୍ନରେ ମୁଁ ରଜନୀକୁ ଏକଥା କହିବାକୁ ଗଲି । ଯାଇ ଦେଖିଲି ଯେ ରଜନୀ ଏକୁଟିଆ ବସି କାନ୍ଦୁଛି । ମୁଁ ସେତେବେଳେ ତାକୁ କିଛି ନ କହି ରଜନୀର ମାଉସୀକୁ ପଚାରିଲି ଯେ ରଜନୀ କାନ୍ଦୁଛି କାହିଁକି ? ତାହାର ମାଉସୀ କହିଲେ ଯେ କେଜାଣି ? ମିତ୍ରବାବୁଙ୍କ ଘରୁ ଆସିବା ଦିନରୁ ରଜନୀ କାନ୍ଦୁଛି । ମୁଁ ସ୍ୱୟଂ ଶଚୀନ୍ଦ୍ର ନିକଟକୁ ଯାଇନାହିଁ । ମୋ ପ୍ରତି ଶଚୀନ୍ଦ୍ର ବିରକ୍ତ—ଯଦି ମୋତେ ଦେଖି ତାହାର ରୋଗ ବୃଦ୍ଧି ହୁଏ, ଏହି ଆଶଙ୍କାରେ ଯାଇନାହିଁ—ସୁତରାଂ ସେଠାରେ କଣ ହୋଇଥିଲା, ତାହା ଜାଣେନା ।

ରଜନୀକୁ ପଚାରିଲି, 'କାହିଁକି କାନ୍ଦୁଛ ?' ରଜନୀ ଆଖି ପୋଛି ଚୁପ୍ ରହିଲି ।

ମୁଁ ଭାରି କାତର ହେଲି । କହିଲି, 'ଦେଖ ରଜନୀ, ତୁମର ଯାହା କିଛି ଦୁଃଖ ତାହା ଜାଣି ପାରିଲେ ମୁଁ ପ୍ରାଣପାତ କରି ତାହା ନିବାରଣ କରିବି । ତୁମେ କି ଦୁଃଖରେ କାନ୍ଦୁଛ ତାହା କହିବ ନାହିଁ ?'

ରଜନୀ ପୁଣି କାନ୍ଦିବାକୁ ଲାଗିଲା । ବହୁ କଷ୍ଟରେ ରୋଦନ ସମ୍ବରଣ କରି କହିଲା, 'ଆପଣ ଏତେ ଅନୁଗ୍ରହ କରୁଛନ୍ତି, କିନ୍ତୁ ମୁଁ ତାହାର ଯୋଗ୍ୟ ନୁହେଁ, ।

ମୁଁ- ସେ କଣ ରଜନୀ ? ମୁଁ ଜାଣେ ମୁଁ ତୁମର ଯୋଗ୍ୟ ନୁହେଁ, ମୁଁ ତୁମକୁ ସେଇକଥା କହିବାକୁ ଆସିଛି ।

ରଜନୀ- ମୁଁ ନିଜର ଅନୁଗୃହୀତ ଦାସୀ । ମୋତେ ସେପରି କଥା କାହିଁକି କହନ୍ତି ?

ମୁଁ- ଶୁଣ ରଜନୀ । ମୁଁ ତୁମକୁ ବିବାହ କରି ଇହ ଜନ୍ମ ସୁଖରେ କଟାଇବି । ଏହା ମୋର ଏକାନ୍ତ ଭରସା । ଏ ଆଶା ମୋର ଭଗ୍ନ ହେଲେ ବୋଧହୁଏ ମୁଁ ମରିବି । କିନ୍ତୁ ସେ ଆଶାରେ ଯେଉଁ ବିଘ୍ନ ତାହା ତୁମକୁ କହିବାକୁ ଆସିଛି । ଶୁଣିକରି ଉତ୍ତର ଦିଅ, ନ ଶୁଣି ଉତ୍ତର ଦିଅନାହିଁ । ପ୍ରଥମ ଯୌବନରେ ଥରେ ମୁଁ ରୂପାନ୍ଧ ହୋଇ ଉନ୍ମତ୍ତ ହୋଇଥିଲି—ଜ୍ଞାନ ହରାଇ ଚୋରର କାର୍ଯ୍ୟ କରିଥିଲି । ଅଙ୍ଗରେ ଆଜିବି ତାର ଚିହ୍ନ ଅଛି । ସେହିକଥା ତୁମକୁ କହିବାକୁ ଆସିଛି ।

ସେତେବେଳେ ଧୀରେ ଧୀରେ ନିତାନ୍ତ ଧୈର୍ଯ୍ୟ ମାତ୍ର ସହାୟ କରି ସେହି ଅକଥନୀୟ କଥା ରଜନୀକୁ କହିଲି । ରଜନୀ ଅନ୍ଧ । ସେଥିପାଇଁ କହି ପାରିଲି । ଆଖିରେ ଦେଖି ପାରୁଥିଲେ କହି ପାରନ୍ତି ନାହିଁ ।

ରଜନୀ ନୀରବ ହୋଇ ରହିଲା । ମୁଁ ସେତେବେଳେ କହିଲି, 'ରଜନୀ ରୂପୋନ୍ମାଦରେ ଉନ୍ମତ୍ତ ହୋଇ ପ୍ରଥମ ଯୌବନରେ ଥରେ ଏହି ଅଜ୍ଞାନ କାର୍ଯ୍ୟ କରିଥିଲି । ଆଉ କେବେ କିଛି ଅପରାଧ କରିନାହିଁ । ଚିର ଜୀବନ ସେହି ଦିନକର ଅପରାଧର ପ୍ରାୟଶ୍ଚିତ୍ତ କରିଛି । ମୋତେ କଣ ତୁମେ ଗ୍ରହଣ କରିବ ?'

ରଜନୀ କାନ୍ଦି କାନ୍ଦି କହିଲା, 'ଆପଣ ଯଦି ଚିରଦିନ ଦସ୍ୟୁବୃତ୍ତି କରିଥାନ୍ତେ—ଆପଣ ଯଦି ସହସ୍ର ବ୍ରହ୍ମହତ୍ୟା, ଗୋହତ୍ୟା ସ୍ତ୍ରୀ ହତ୍ୟା କରିଥାନ୍ତେ, ତାହେଲେବି ଆପଣ ମୋ ପାଖରେ ଦେବତା । ଆପଣ ମୋତେ ଚରଣରେ

Digitized by srujanika@gmail.com

ସ୍ଥାନ ଦେଲେ ମୁଁ ଆପଣଙ୍କର ଦାସୀ ହେବ । କିନ୍ତୁ ମୁଁ ଆପଣଙ୍କର ଯୋଗ୍ୟ ନୁହେଁ । ସେହି କଥାଟି ଆପଣଙ୍କର ଶୁଣିବାକୁ ବାକି ଥିଲି ।

ମୁଁ- ସେ କଣ ରଜନୀ ?

ରଜନୀ- ମୋର ଏହି ପାପମନ ପର ମାଗରେ ବର୍ଜିତ ।

ମୁଁ- ଚମକି ଉଠି ପଚାରିଲି, 'ସେ କଣ ରଜନୀ ?'

ରଜନୀ- ମୁଁ ସ୍ତ୍ରୀ ଲୋକ-ଆପଣଙ୍କ ନିକଟରେ ଏହାଠାରୁ ଅଧିକ ଆଉ କଣ କହିବ ? କିନ୍ତୁ ଲବଙ୍ଗ ଠାକୁରାଣୀ ସବୁ ଜାଣନ୍ତି । ଯଦି ଆପଣ ତାଙ୍କୁ ପଚାରନ୍ତି, ତେବେ ସବୁ ଶୁଣି ପାରିବେ । କହିବେ ମୁଁ ସବୁ କଥା କହିବାକୁ କହିଛି ।

ମୁଁ ସେହିକ୍ଷଣି ମିତ୍ରବାବୁଙ୍କ ଘରକୁ ଗଲି । ଯେପରି ଭାବରେ ଲବଙ୍ଗର ସାକ୍ଷାତ ପାଇଲି, ତାହା ଲେଖି ବୃଥା ବିସ୍ତାରରେ କାଳକ୍ଷେପ କରିବି ନାହିଁ । ଦେଖିଲି ଲବଙ୍ଗଲତା ମୁହଁ ଖୋଲୁଣ୍ଡିତା ହୋଇ ଶଚୀନ୍ଦ୍ର ପାଇଁ କାନ୍ଦୁଛି । ମିତ୍ରା ମାତ୍ରେ ଲବଙ୍ଗଲତା ମୋର ଗୋଡ଼ ଜାବୁଡ଼ି ଧରି ଆହୁରି କାନ୍ଦିବାକୁ ଲାଗିଲା—କହିଲା, 'କ୍ଷମାକର ଅମରନାଥ କ୍ଷମାକର' । ତୁମ ଉପରେ ମୁଁ ଏତେ ଅତ୍ୟାଚାର କରିଥିଲି ବୋଲି ବିଧାତା ମୋତେ ଦଣ୍ଡିତ କରିଛି । ମୋର ଗର୍ଭଜ ପୁତ୍ରଠୁଁ ଅଧିକ ପ୍ରିୟ ପୁତ୍ର ଶଚୀନ୍ଦ୍ର । ବୋଧହୁଏ ମୋ ଦୋଷରୁ ପ୍ରାଣ ହରାଇବ । ମୁଁ ବିଷ ଖାଇ ମରିବି ଆଜି ତୁମ ସାମନାରେ ବିଷ ଖାଇ ମରିବି ।

ମୋର ଗୁମର ଫାଟିଗଲା । ରଜନୀ କାନ୍ଦୁଛି, ଲବଙ୍ଗ କାନ୍ଦୁଛି, ଏମାନେ ସ୍ତ୍ରୀ ଲୋକ, ଆଖିରୁ ପାଣି ପକାଉଛନ୍ତି । ମୋ ଆଖିରୁ ପାଣି ପଡୁ ନ ଥିଲା—କିନ୍ତୁ ରଜନୀ କଥାରେ ମୋର ହୃଦୟ ଭିତରୁ ବେଦନ ଧୂଆଁ ଉଠୁଥିଲା । ଲବଙ୍ଗ କାନ୍ଦୁଛି, ରଜନୀ କାନ୍ଦୁଛି, ମୁଁ କାନ୍ଦୁଛି—ଆଉ ଶଚୀନ୍ଦ୍ରର ଏହି ଦଶା । କିଏ କହେ ସଂସାର ସୁଖର ? ସଂସାର ଅନ୍ଧକାର ।

ନିଜର ଦୁଃଖ ଚାପି ଧରି ଆଗେ ଲବଙ୍ଗର ଦୁଃଖ କଥା ପଚାରିଲି । ଲବଙ୍ଗ କାନ୍ଦି କାନ୍ଦି ଶଚୀନ୍ଦ୍ରର ରୋଗ କଥା ସବୁ କହିଲା । ସନ୍ନ୍ୟାସୀର ବିଦ୍ୟା ପରୀକ୍ଷା ପାଖରୁ ରଜନୀ ପର୍ଯ୍ୟନ୍ତ ସାକ୍ଷାତ କଥା ସବୁ କହିଲା ।

ତାପରେ ରଜନୀ କଥା ପଚାରିଲି—କହିଲି, 'ରଜନୀ ସବୁକଥା କହିବା ପାଇଁ କହିଛି, କୁହ ।' ଲବଙ୍ଗ ସେତେବେଳେ ରଜନୀ ପାଖରୁ ଯାହା

Digitized by srujanika@gmail.com

ଯାହା ଶୁଣିଥିଲି, ଅକପଟରେ ସବୁ କହିଲି । ରଜନୀ ଶଚୀନ୍ଦ୍ରର, ଶଚୀନ୍ଦ୍ର ରଜନୀର—ମଝିରେ ମୁଁ କିଏ !

ଏଥର ବଦଳରେ ମୁହଁ ଲୁଚାଇ କାନ୍ଦି କାନ୍ଦି ମୁଁ ଘରକୁ ଫେରି ଆସିଲି ।

ଦ୍ୱିତୀୟ ପରିଚ୍ଛେଦ

ଏ ଭବ ହାଟରୁ ମୋର ଦୋକାନ ଉଠାଇବାକୁ ହେଲା । ମୋ ଅଦୃଷ୍ଟରେ ବିଧାତା ସୁଖ ଲେଖି ନାହାନ୍ତି—ପର ସୁଖ କାଢ଼ି ନେବି କାହିଁକି ? ଶଚୀନ୍ଦ୍ରର ରଜନୀ ଶଚୀନ୍ଦ୍ରକୁ ଦେଇ ମୁଁ ଏ ସଂସାର ତ୍ୟାଗ କରିବି, ଏ ହାଟ ଭାଙ୍ଗିବି । ଏ ହୃଦପଦ୍ମକୁ ଶମିତ କରିବି—ଯେ ସୁଖଦୁଃଖର ଅଜ୍ଞାତ, ତାଙ୍କରି ଚରଣରେ ସବୁ ସମର୍ପଣ କରିବି ।

ପ୍ରଭୋ ! ତୁମର ଅନେକ ସନ୍ଧାନ କରିଛି, ତୁମେ କେଉଁଠି ? ଦର୍ଶନରେ ବିଜ୍ଞାନରେ ତୁମେ ନାହଁ । ଜ୍ଞାନୀର ଜ୍ଞାନରେ ଧ୍ୟାନୀର ଧ୍ୟାନରେ ତୁମେ ନାହଁ । ତୁମେ ଅପ୍ରମେୟ, ଏଥିପାଇଁ ତୁମ ପକ୍ଷରେ ପ୍ରମାଣ ନାହିଁ । ଏହି ସ୍ମୃତି-ତୋନ୍ମୁଖ ହୃଦପଦ୍ମହିଁ ତୁମର ପ୍ରମାଣ । ଏଥିରେ ତୁମେ ଆରୋହଣ କର । ମୁଁ ଅନ୍ଧ ପୁଷ୍ପନାରୀକୁ ପରିତ୍ୟାଗ କରି ତୁମର ମୂର୍ତ୍ତି ସେଠାରେ ସ୍ଥାପନ କରିବି ।

ତୁମେ ଥାଅ ବା ନ ଥାଅ, ତୁମ ନାମରେ ମୁଁ ସବୁ ଉତ୍ସର୍ଗ କରିବି । 'ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍, ତସ୍ମୈ ନମଃ' କହି ଏ କଳଙ୍କ ଲାଞ୍ଛିତ ଦେହ ଉତ୍ସର୍ଗ କରିବି । ତୁମେ ଯାହା ଦେଇଛ, ତୁମେ କଣ ତାହା ନେବନାହିଁ । ତୁମେ ନେବ, ନ ନେଲେ କଳଙ୍କର ଭାର ଆଉ କିଏ ବହନ କରିବ ?

ପ୍ରଭୋ ! ଆପଣଙ୍କ ନିକଟରେ ଗୋଟିଏ ନିବେଦନ ଅଛି । ଏ ଦେହ କଳଙ୍କିତ କିଏ କରାଇଲା, ତୁମେ ନା ମୁଁ ? ମୁଁ ଯେ

Digitized by srujanika@gmail.com

ଅମର ଅମାର, ଦୋଷ ମୋର ନା ତୁମର ? ମୋର ମନୋଭାବଟା ବୋଝାଇ ମନାଇଲି କି, ତୁମେ ନା ମୁଁ ? ଯାହା ତୁମେ ମନାଇଲ ତାହା ତୁମକୁ ଦେବି । ଏ ବ୍ୟବସାୟ ମୁଁ ଆଉ ରଖିବି ନାହିଁ ।

ମୂର୍ଖ ! ତୁମକୁ ସର୍ବତ୍ର ଖୋଜିଲି—ପାଇଲି ନାହିଁ । ମୂର୍ଖ ନାହିଁ-ଦେବାର ଆଶାରେ କାମ କରେ ? ଯେଉଁ ଦେଶରେ ଅଗ୍ନି ନାହିଁ ସେ ଦେଶରେ ଜଳନ ଆହରଣ କରି ଆଉ କଣ ହେବ ?

ପ୍ରତିଜ୍ଞା କରୁଛି, ସବୁ ବିସର୍ଜନ ଦେବି ।

× × × × × ×

ମୁଁ ପରଦିନ ଶଚୀନ୍ଦ୍ରକୁ ଦେଖିବାକୁ ଗଲି । ଦେଖିଲି ଶଚୀନ୍ଦ୍ର ଅଧିକ-ତର ସ୍ଥିର-ଅପେକ୍ଷାକୃତ ପ୍ରଫୁଲ୍ଲ । ତାଙ୍କ ସଙ୍ଗରେ ଅନେକ ସମୟ କଥୋପକଥନ କରିବାକୁ ଲାଗିଲି । ବୁଝିଲି, ମୋ ଉପରେ ଯେଉଁ ବିରକ୍ତି, ଶଚୀନ୍ଦ୍ରର ମନରୁ ତାହା ଯାଇନାହିଁ ।

ପରଦିନ ପୁନରପି ତାଙ୍କୁ ଦେଖା କରିବାକୁ ଗଲି । ପ୍ରତ୍ୟହ ତାଙ୍କୁ ଦେଖିବାକୁ ଯିବାକୁ ଲାଗିଲି । ଶଚୀନ୍ଦ୍ରର ଦୁର୍ବଳତା ଓ କ୍ଲିଷ୍ଟଭାବ କଟିଲା ନାହିଁ । କିନ୍ତୁ କ୍ରମେ ସୌହାର୍ଦ୍ଦ୍ୟ ଜନ୍ମିବାକୁ ଲାଗିଲା । ସଙ୍କୋଚ ଦୂର ହେଲା । କ୍ରମେ ଶଚୀନ୍ଦ୍ର ପ୍ରଫୁଲ୍ଲିତ ହେଲେ ।

ରଜନୀ କଥା ଏବେବି ଶଚୀନ୍ଦ୍ର ମୁହଁରୁ ଶୁଣିନାହିଁ । କିନ୍ତୁ ଏହା ଦେଖିଛି ଯେ, ଯେଉଁଦିନ ରଜନୀ ଆସିଥିଲା, ସେହିଦିନରୁ ତାଙ୍କର ରୋଗ କମି ଆସୁଛି ।

ଦିନେ ଯେତେବେଳେ ଆଉ କେହି ଶଚୀନ୍ଦ୍ର ପାଖରେ ନ ଥିଲେ, ସେତେବେଳେ ମୁଁ ଧୀରେ ଧୀରେ ବିନା ଆଡ଼ମ୍ବରରେ ରଜନୀର କଥା ପକାଇଲି । କ୍ରମେ ତା'ର ଅନ୍ଧତାର କଥା ପକାଇଲି । ଅନ୍ଧର ଦୁଃଖକଥା କହିବାକୁ ଲାଗିଲି । ଏହି ଜଗତ ସଂସାରର ଶୋଭା ଦର୍ଶନରୁ ସେ ବଞ୍ଚିତା-ପ୍ରିୟଜନ ଦର୍ଶନ ସୁଖରୁ ସେ ଆଜନ୍ମ ବଞ୍ଚିତା । ଏହିସବୁ କଥା ତାଙ୍କ ସାମନାରେ କହିବାକୁ ଲାଗିଲି । ଦେଖିଲି ଶଚୀନ୍ଦ୍ର ମୁହଁ ଫେରାଇଲେ । ତାଙ୍କର ଆଖି ଜଳପୂର୍ଣ୍ଣ ହେଲା ।

ଅବଶ୍ୟ ଅନୁରାଗ ।

ସେତେବେଳେ କହିଲି, 'ଆପଣ ରଜନୀର ମଙ୍ଗଳାକାଂକ୍ଷୀ । ମୁଁ ଗୋଟିଏ କଥାର ପରାମର୍ଶ କରିବାକୁ ଚାହେଁ । ରଜନୀ ଗୋଟିଏ ବିଧାତା

Digitized by srujanika@gmail.com

କର୍ତ୍ତୃକ ପୀଡ଼ିତା, ପୁଣି ମୋ ଦ୍ୱାରା ଆହୁରି ଗୁରୁତର ଭାବେ ପୀଡ଼ିତା ହୋଇଛନ୍ତି ।

ଶଚୀନ୍ଦ୍ର ମୋ ପ୍ରତି ବିକଟ କଟାକ୍ଷ ନିକ୍ଷେପ କଲେ ।

ମୁଁ କହିଲି, 'ଆପଣ ଯଦି ସମ୍ପୂର୍ଣ୍ଣ ମନୋଯୋଗ ସହକାରେ ଶୁଣନ୍ତି ତେବେ ମୁଁ କହିବି ।'

ଶଚୀନ୍ଦ୍ର କହିଲେ 'କହନ୍ତୁ' ।

ମୁଁ କହିଲି, 'ମୁଁ ଅତ୍ୟନ୍ତ ଲୋଭୀ ଓ ସ୍ୱାର୍ଥପର । ମୁଁ ତାହାର ଚରି-ତ୍ରରେ ମୋହିତ ହୋଇ ତାଙ୍କୁ ବିବାହ କରିବାକୁ ଉଦ୍‌ଯୋଗୀ ହୋଇଛି । ସେ ମୋ ନିକଟରେ ବିଶେଷ କୃତଜ୍ଞତା ପାଶରେ ଆବଦ୍ଧ ଥିଲେ । ସେଥି-ପାଇଁ ସେ ଅଧିଆମନରେ ସମ୍ମତି ହୋଇଛନ୍ତି' ।

ଶଚୀନ୍ଦ୍ର କହିଲେ, 'ମହାଶୟ, ଏସବୁ କଥା ମୋତେ କାହିଁକି କହୁଛନ୍ତି ?'

ମୁଁ କହିଲି, 'ମୁଁ ସ୍ୱପ୍ନ ଭଙ୍ଗ ଦେଖିଲି ମୁଁ ସନ୍ନ୍ୟାସୀ, ମୁଁ ନାନା ଦେଶ ଭ୍ରମଣ କରି ବୁଲେ, ଅନ୍ଧ ରଜନୀ କପରି ମୋ ସହିତ ଦେଶ ଦେଶ ବୁଲିବ ? ମୁଁ ବର୍ତ୍ତମାନ ସ୍ୱୀକୃତ, ଅନ୍ୟ କୌଣସି ଭଦ୍ରଲୋକ ଯଦି ତାଙ୍କୁ ବିବାହ କରେ, ତେବେ ସୁଖୀ ହେବ । ମୁଁ ଅନ୍ୟ ପ୍ରାସ୍ଥ କରିବାକୁ ଗଲେଁ । ଯଦି କେହି ଆପଣଙ୍କ ସନ୍ଧାନରେ ଥାଏ, ସେଥିପାଇଁ ଆପଣଙ୍କୁ ଏତେ କଥା କହିଲି ।

ଶଚୀନ୍ଦ୍ର ଟିକେ ଶୀଘ୍ର କହିଲେ, 'ରଜନୀର ପାତ୍ରର ଅଭାବ ନାହିଁ ।'

ମୁଁ ବୁଝିଲି ରଜନୀର ବରପାତ୍ର କିଏ ।

• ତୃତୀୟ ପରିଚ୍ଛେଦ

ପରଦିନ ପୁଣି ମିତ୍ରବାବୁଙ୍କ ଘରକୁ ଯାଇ ଦେଖାଦେଲି । ଲବଙ୍ଗ-ଲତାଙ୍କୁ କହି ପଠାଇଲି ଯେ ମୁଁ କଲିକତା ତ୍ୟାଗ କରିଯିବି, ନିକଟରେ ଆଉ ଫେରିବି ନାହିଁ । ସେ ମୋର ଶିଷ୍ୟା-ମୁଁ ତାଙ୍କୁ ଆଶୀର୍ବାଦ କରିବି ।

ଲବଙ୍ଗଲତା ମୋ ସହିତ ପୁନଶ୍ଚ ସାକ୍ଷାତ କଲେ । ମୁଁ ପଚାରିଲି, 'କାଲି ମୁଁ ଯାହା ଶଚୀନ୍ଦ୍ରଙ୍କୁ କହି ଯାଇଛି ତାହା ଶୁଣିଛ କି ?'

ଲ- ଶୁଣିଛି । ତୁମେ ଅଦ୍ଭୁତ । ମୋତେ କ୍ଷମା କର । ମୁଁ ତୁମର ଗୁଣ ଜାଣି ନ ଥିଲି ।

Digitized by srujanika@gmail.com

ମୁଁ ଏକକ ନୀରବ ରହିଲି । ସେତେବେଳେ ଅବସର ପାଇ ଲବଙ୍ଗଲତା ପଚାରିଲା, 'ତୁମେ ମୋ ସହିତ ସାକ୍ଷାତ ପାଇଁ କାହିଁକି ଇଚ୍ଛା କରିଛ ? ତୁମେ କଲିକତାକୁ ଚାଲି ଯାଉଛ ?

ମୁଁ - ଯିବି !

ଲ- କାହିଁକି ?

ମୁଁ - ଯିବିନାହିଁ କାହିଁକି ? ମୋତେ ଯିବାକୁ ମନା କରିବା ପାଇଁତ କେହି ନାହିଁ ।

ଲ- ଯଦି ମୁଁ ମନା କରେ ?

ମୁଁ - ମୁଁ ତୁମର କିଏ ଯେ ମନା କରିବ ?

ଲ- ତୁମେ ମୋର କିଏ ତାହା ଜାଣେନା । ଏ ପୃଥିବୀରେ ତୁମେ ମୋର କେହି ନୁହଁ । କିନ୍ତୁ ଯଦି ଲୋକାନ୍ତରରେ ଥାଅ……………

ଲବଙ୍ଗଲତା ଆଉ କିଛି କହିଲା ନାହିଁ । ମୁଁ କ୍ଷଣେ ଅପେକ୍ଷା କରି କହିଲି, 'ଯଦି ଲୋକାନ୍ତରରେ ଥାଏ ତେବେ……………?'

ଲବଙ୍ଗଲତା କହିଲା, 'ମୁଁ ସ୍ତ୍ରୀ ଲୋକ, ସହଜରେ ଦୁର୍ବଳା । ମୋର କେତେ ବଳ ? ଦେଖେଁ ତୁମର କଣ ହେବ ? ମୁଁ ଏହା କହିପାରେ, ମୁଁ ତୁମର ପରମ ମଙ୍ଗଳାକାଂକ୍ଷୀ ।'

× × × × × ×

ମୁଁ - ତେବେ ମୋ ଦେହରେ ଚିରଦିନ ପାଇଁ ଏ କଳଙ୍କ ଲେଖି ଦେଲି କାହିଁକି ? ଏହା ପୋଛିଲେ ଯାଉନାହିଁ-କେବେବି ପୋଛି ହେବନାହିଁ ।

ଲବଙ୍ଗ ଅଧୋବଦନରେ ରହିଲା । କ୍ଷଣେ ଭାବିଲା । କହିଲା, 'ତୁମେ କୁକର୍ମ କରିଥିଲ । ମୁଁ ବି ବାଳିକା ବୁଦ୍ଧିରେ କୁକର୍ମ କରିଥିଲି । ଯାହାର ଯେଉଁ ଦଣ୍ଡ ବିଧାତା ତାହାର ବିଚାର କରିବେ—ମୁଁ ବିଚାର ପାଇଁ କିଏ ? ବର୍ତ୍ତମାନ ସେ ଅନୁତାପ ମୋର — କିନ୍ତୁ ସେସବୁ କଥା ନ କହିବାହିଁ ଭଲ । ତୁମେ ମୋର ଏସ ଅପରାଧ କ୍ଷମା କରିବ ।'

ମୁଁ - ତୁମେ କହିବା ପୂର୍ବରୁ କ୍ଷମା କରିଛି । କ୍ଷମା ବା କଣ ? ଉଚିତ ଦଣ୍ଡ ଦେଇଥିଲ । ତୁମର ଅପରାଧ ନାହିଁ । ଆଉ ମୁଁ ଆସିବି ନାହିଁ । ଆଉ କେବେ ତୁମ ସହିତ ସାକ୍ଷାତ ହେବନାହିଁ । କିନ୍ତୁ ତୁମେ ଯଦି କେବେ ଏହାପରେ ଶୁଣ ଯେ ଅମରନାଥ କୁଚରିତ୍ର ନୁହେଁ, ତେବେ ତୁମେ ମୋ ପ୍ରତି ଟିକିଏ ଅଣୁମାତ୍ର ସ୍ନେହ କରିବକି ?

Digitized by srujanika@gmail.com

ଲ - ତୁମକୁ ସ୍ନେହ କଲେ ମୁଁ ଅଧର୍ମରେ ପତିତ ହେବ ।

ମୁଁ - ନା, ମୁଁ ସେ ସ୍ନେହର ଭିକାରୀ ନୁହେଁ । ତୁମର ଏହି ସମୃଦ୍ଧ ତୁଳ୍ୟ ହୃଦୟରେ କଣ ମୋ ପାଇଁ ଟିକିଏବି ସ୍ଥାନ ନାହିଁ ?

ଲ - ନା । ଯେ ମୋର ସ୍ୱାମୀ ନ ହୋଇ ଥରେ ମୋର ପ୍ରତ୍ୟା-କାଂକ୍ଷୀ ହୋଇଥିଲେ, ସେ ସ୍ୱୟଂ ମହାଦେବ ହେଲେବି ତାଙ୍କ ପାଇଁ ମୋ ହୃଦୟରେ ଏତେ ଟିକିଏବି ସ୍ଥାନ ନାହିଁ । ଲୋକେ ପକ୍ଷୀ ପୋଷିଲେ ସ୍ନେହ କରନ୍ତି, ଇହଲୋକରେ ତୁମ ପ୍ରତି ମୋର ସେ ସ୍ନେହବି କେବେ ହେବନାହିଁ ।

ଆହ୍ଵର ଇହଲୋକ ? ଯାଃ—ମୁଁ ଲବଙ୍ଗର କଥା ବୁଝିଲିବି ନାହିଁ । ଜହି ପାରିବିନି — କିନ୍ତୁ ଲବଙ୍ଗ ମୋ କଥା ବୁଝିଲାବି ନାହିଁ । କିନ୍ତୁ ଦେଖିଲି ଲବଙ୍ଗ ଲଢ଼ୁଛି କାନ୍ଦୁଛି ।

ମୁଁ କହିଲି, 'ମୋର ଯାହା କହିବାର ଅବଶିଷ୍ଟ ଅଛି ତାହା କହି-ଯାଏ । ମୋର କିଛି ଭୂସମ୍ପତ୍ତି ଅଛି । ମୋର ସେଥିରେ ପ୍ରୟୋଜନ ନାହିଁ । ତାହା ମୁଁ ଦାନ କରି ଯାଉଛି ।

ଲ - କାହାକୁ ?

ମୁଁ - ଯେ ରଜନୀକୁ ବିବାହ କରିବ ତାକୁ ।

ଲ - ତୁମର ସମୁଦାୟ ସ୍ଥାବର ସମ୍ପତ୍ତି ?

ମୁଁ - ହଁ । ତୁମେ ଏ ଦାନପତ୍ର ବର୍ତ୍ତମାନ ନିଜ ପାଖରେ ଅତି ଗୋପନରେ ରଖିବ ଯେତେଦିନ ପର୍ଯ୍ୟନ୍ତ ରଜନୀର ବିବାହ ନ ହୋଇଛି, ସେତେଦିନ ଏହାର କଥା ପ୍ରକାଶ କରିବ ନାହିଁ । ବିବାହ ହୋଇଗଲେ, ରଜନୀର ସ୍ୱାମୀକୁ ଦାନପତ୍ର ଦେବ ।

ଏହି କଥା କହି ଲଳିତ ଲବଙ୍ଗଲତାର ଉତ୍ତରକୁ ଅପେକ୍ଷା ନ କରି ଦାନପତ୍ର ମୁଁ ତାହା ନିକଟରେ ପକାଇ ଦେଇ ଚାଲିଗଲି । ମୁଁ ସବୁ ବନ୍ଦୋବସ୍ତ ଠିକ୍ କରି ଆସିଲି—ମୁଁ ଆଉ ଘରକୁ ଗଲିନାହିଁ । ଏକାବେଳେ ଷ୍ଟେସନକୁ ଯାଇ ରେଳଗାଡ଼ିରେ କାଶ୍ମୀର ଯାତ୍ରା କଲି ।

ଦୋକାନ ଉଠିଲା ।

• ଚତୁର୍ଥ ପରିଚ୍ଛେଦ

ଏହାର ଦୁଇବର୍ଷ ପରେ ଥରେ ଭ୍ରମଣ କରୁ କରୁ ମୁଁ ଭବାନୀ ନଗର ଗଲି । ଶୁଣିଲି ଯେ ମିତ୍ର ବଂଶୀୟ କେହି ସେଠାରେ ଆସି ବାସ

Digitized by srujanika@gmail.com

କରୁଛନ୍ତି । କୌତୁହଳ ବଶତଃ ମୁଁ ଦେଖିବାକୁ ଗଲି । ଦ୍ୱାର ଦେଶରେ ଶଚୀନ୍ଦ୍ର ସହିତ ସାକ୍ଷାତ ହେଲା ।

ଶଚୀନ୍ଦ୍ର ମୋତେ ଚିହ୍ନି ପାରି ନମସ୍କାର ଆଲିଙ୍ଗନ ପୂର୍ବକ ମୋର ହସ୍ତ ଧାରଣ କରି ନେଇ ଉତ୍ତମ ଆସନରେ ବସାଇଲେ । ଅନେକ ସମୟ ତା ~~ସହିତ~~ ନାନାବିଧ କଥୋପକଥନ ହେଲା । ତାଙ୍କ ପାଖରୁ ଶୁଣିଲି ଯେ ସେ ରଜନୀକୁ ବିବାହ କରିଛନ୍ତି । କିନ୍ତୁ ରଜନୀ ଫୁଲବାଲୀ ଥିଲା ବୋଲି କଲିକତାରେ କାଳେ ଲୋକମାନେ ତାଙ୍କୁ ଘୃଣା କରିବେ, ଏହା ଭାବି ସେ କଲିକତା ପରିତ୍ୟାଗ କରି କାଶୀ ନଗରରେ ବାସ କରୁଛନ୍ତି । ତାଙ୍କର ପିତା ଓ ଭ୍ରାତା କଲିକତାରେ ବାସ କରୁଥିଲେ ।

ମୋର ନିଜ ସମ୍ପତ୍ତି ପ୍ରତିଗ୍ରହଣ କରିବା ପାଇଁ ଶଚୀନ୍ଦ୍ର ମୋତେ ବହୁତ ଅନୁରୋଧ କଲେ । କିନ୍ତୁ କହିବା ବାହୁଲ୍ୟ ଯେ ମୁଁ ସ୍ୱୀକୃତ ହେଲିନାହିଁ । ଶେଷରେ ଶଚୀନ୍ଦ୍ର ରଜନୀ ସାଙ୍ଗରେ ସାକ୍ଷାତ ପାଇଁ ମୋତେ ଅନୁରୋଧ କଲେ । ମୋର ବି ସେହି ଇଚ୍ଛା ଥିଲା । ଶଚୀନ୍ଦ୍ର ମୋତେ ଅନ୍ତଃପୁରକୁ ରଜନୀ ନିକଟକୁ ନେଇଗଲେ ।

ରଜନୀର ନିକଟକୁ ଯିବାରୁ ସେ ମୋତେ ପ୍ରଣାମ ପୂର୍ବକ ପଦଧୂଳୀ ଗ୍ରହଣ କଲା । ମୁଁ ଦେଖିଲି ଯେ ଧୂଳୀ ଗ୍ରହଣ ସମୟରେ ପାଦସ୍ପର୍ଶ ପାଇଁ ଅନ୍ଧ ଲୋକଙ୍କର ସ୍ୱାଭାବିକ ନିୟମ ଅନୁଯାୟୀ ସେ ଇତସ୍ତତଃ ହସ୍ତ ଚାଳନା କଲାନାହିଁ । ଥରକରେ ମୋର ପାଦସ୍ପର୍ଶ କଲା । ମୁଁ ବିସ୍ମିତ ହେଲି । ସେ ମୋତେ ପ୍ରଣାମ କରି ଠିଆ ହେଲା । କିନ୍ତୁ ମୁହଁ ଅବନତ କରି ରହିଲା । ମୋର ବିସ୍ମୟ ବଢ଼ିଲା । ଅନ୍ଧମାନଙ୍କର ଲଜ୍ୟା ଚକ୍ଷୁର୍ଗତ ନୁହେଁ । ଆଖିରେ ଆଖିରେ ମିଳନ ଜନିତ ଯେଉଁ ଲଜ୍ୟା, ତାହା ସେମାନଙ୍କର ହୋଇ ପାରେନାହିଁ ବୋଲି ସେମାନେ ଦୃଷ୍ଟି ଲୁଚାଇବା ପାଇଁ ମୁହଁ ନତ କରନ୍ତି ନାହିଁ । କଣ ଗୋଟାଏ କଥା ପଚାରିଲି । ରଜନୀ ମୁହଁ ଉଠାଇ ପୁଣି ନତ କଲା—ଦେଖିଲି—ନିଶ୍ଚିତ ହେଲି—ସେ ଚକ୍ଷୁରେ କଟାକ୍ଷ ଅଛି ।

ଜନ୍ମାନ୍ଧ ରଜନୀ କଣ ବର୍ତ୍ତମାନ ତେବେ ଦେଖିପାରେ ? ମୁଁ ଶଚୀନ୍ଦ୍ରଙ୍କୁ ଏଇକଥା ପଚାରିବାକୁ ଯାଉଥିଲି, ଏପରି ସମୟରେ ଶଚୀନ୍ଦ୍ର ମୋତେ ବସିବାକୁ ଆସନ ଦେବାପାଇଁ ରଜନୀକୁ ଆଜ୍ଞା କଲେ । ରଜନୀ ଖଣ୍ଡେ କାର୍ପେଟ୍ ନେଇ ବିଛାଉ ଥିଲା । ଯେଉଁଠାରେ ବିଛାଉ ଥିଲା, ସେଠାରେ ଅଳ୍ପ ଏକବିନ୍ଦୁ ପାଣି ପଡ଼ିଥିଲା । ରଜନୀ ଆସନ ରଖି ଆଗେ ଅଞ୍ଚଳ ଦ୍ୱାରା ପାଣି

Digitized by srujanika@gmail.com

ପୋଛି ଦେଇ ପରେ ଆସନ ବିଛାଇଲି । ମୁଁ ଠିକ୍ ଦେଖିଥିଲି ଯେ ରଜନୀ ସେହି ପାଣି ସ୍ପର୍ଶ ନ କରି ଆସନ ବିଛାଇବା ବନ୍ଦ କରି ପାଣି ପୋଛି ନେଇଥିଲା । ଅତଏବ ସ୍ପର୍ଶ ଦ୍ୱାରା କେବଳ ସେ କେବେହେଲେ ଜାଣି ପାରନାହିଁ । ଯେ ସେଠାରେ ପାଣି ଥିଲା । ସେ ପାଣି ଦେଖି ପାରିଥିଲା ।

ମୁଁ ଆଉ ରହି ପାରିଲି ନାହିଁ । ପଚାରିଲି, 'ରଜନୀ, ବର୍ତ୍ତମାନ ତୁମେ କଣ ଦେଖି ପାରୁଛ ?'

ରଜନୀ ମୁଁ ନତ କରି ଈଷତ୍ ହସି କହିଲା, 'ହଁ' ।'

ମୁଁ ବିସ୍ମିତ ହୋଇ ଶଚୀନ୍ଦ୍ରର ମୁହଁକୁ ଚାହିଁଲି । ଶଚୀନ୍ଦ୍ର କହିଲେ,' 'ଆଶ୍ଚର୍ଯ୍ୟ ଅବଶ୍ୟ, କିନ୍ତୁ ଈଶ୍ୱରଙ୍କ କୃପାରୁ ନ ହୋଇପାରେ ଏପରି କିଛି ଅଛି ? ଆମର ଭାରତବର୍ଷରେ ଚିକିତ୍ସା ସମ୍ବନ୍ଧରେ କେତେ ଗୁଡ଼ାଏ ଆଶ୍ଚର୍ଯ୍ୟ ପ୍ରକରଣ ଥିଲା—ସେସବୁ ତତ୍ତ୍ୱ ଇଉରୋପୀୟ ମାନେ ବହୁକାଳ ପରିଶ୍ରମ କଲେବି ଆବିଷ୍କାର କରି ପାରିବେ ନାହିଁ । ଚିକିତ୍ସା ବିଦ୍ୟାରେ କାହିଁକି ସବୁ ବିଦ୍ୟାରେ ଏହିପରି । କିନ୍ତୁ ସେସବୁ ବର୍ତ୍ତମାନ ଲୋପ ପାଉଛି । କେବଳ ଜଣେ ଦୁଇଜଣ ସନ୍ନ୍ୟାସୀ ଉଦାସୀନ ପ୍ରବୃତ୍ତିଙ୍କ ପାଖରେ ସେସବୁ ଲୁପ୍ତବିଦ୍ୟାର କିୟଦଂଶ ଅତି ଗୋପନ ଭାବରେ ରହିଛି । ଆମଘରକୁ ଜଣେ ସନ୍ନ୍ୟାସୀ କେବେକେବେ ଯାତାୟାତ କରୁଥିଲେ । ସେ ମୋତେ ଭଲ ପାଆନ୍ତି । ସେ ଯେତେବେଳେ ଶୁଣିଲେ, ମୁଁ ରଜନୀକୁ ବିବାହ କରିବି, ସେତେବେଳେ କହିଲେ, ଶୁଭଦୃଷ୍ଟି ହେବ କିପରି ? କନ୍ୟାଯେ ଅନ୍ଧ । ମୁଁ ରହସ୍ୟ କରି କହିଲି, 'ଆପଣ ଅନ୍ଧତ୍ୱ ଆରୋଗ୍ୟ କରନ୍ତୁ ।' ସେ କହିଲେ, 'କରିବି-ମାସ-କରେ ।' ଔଷଧ ଦେଇ ଏକମାସ ମଧ୍ୟରେ ଚକ୍ଷୁର ଦୃଷ୍ଟି ସୃଜନ କଲେ । ମୁଁ ଆହୁରି ବିସ୍ମିତ ହେଲି । କହିଲି, 'ନ ଦେଖିଲେ ମୁଁ ବିଶ୍ୱାସ କରନ୍ତି ନାହିଁ । ଇଉରୋପୀୟ ଚିକିତ୍ସା ଶାସ୍ତ୍ର ଅନୁସାରେ ଏହା ଅସାଧ୍ୟ ।'

ଏହି କଥା ହେଉଥିଲା ବେଳେ ଗୋଟିଏ ବର୍ଷକର ଶିଶୁ ଟଳି ଟଳି ଗୁଳି ଗୁଳି ପଡ଼ି ଉଠି ସେଠାରେ ଆସି ଉପସ୍ଥିତ ହେଲା । କିନ୍ତୁ ଆସି ରଜନୀର ଗୋଡ଼ ପାଖରେ ଗୋଟିଏ ଦୁଇଟି କଚଡ଼ା ଖାଇ ତାର ବସ୍ତ୍ରର ଏକାଂଶ ଧରି ଟଣାଟଣି କରି ରଜନୀର ଆଣ୍ଠୁ ଧରି ତାର ମୁହଁକୁ ଚାହିଁ ଉଚ୍ଚସ୍ୱରରେ ହସି ଉଠିଲା । ତାପରେ କ୍ଷଣକ ପାଇଁ ମୋ ମୁହଁକୁ ଚାହିଁ ହସ୍ତ-ତୋଳନ କରି ମୋତେ କହିଲା, 'ଦା' (ଯା) ।

Digitized by srujanika@gmail.com

ମୁଁ ପଚାରିଲି, 'ଏହି କିଏ ?'
ଶରତ୍ଚନ୍ଦ୍ର କହିଲେ, 'ମୋ ପୁଅ ।'
ମୁଁ ପଚାରିଲି, 'ତାର ନାମ କଣ ରଖିଛନ୍ତି ।'
ଶରତ୍ଚନ୍ଦ୍ର କହିଲେ, 'ଅମର ପ୍ରସାଦ ।'
ମୁଁ ଆଉ ସେଠାରେ ରହିଲି ନାହିଁ ।

ସମାପ୍ତ

Digitized by srujanika@gmail.com